

## ଜ୍ୟୋତ୍ସ୍ନା ଶବରଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

▸ପୃଷ୍ଠା ୩ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-181 ◆SATURDAY ◆27 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୧ ◆ଶନିବାର ◆୨୭ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

**୨୯ ତମ ପ୍ରତିଷ୍ଠା ଦିବସ**

# ବିଜେଡି ଅଛି; ରହିବ: ନବୀନ

## ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହେବ ବିଜେଡି

### ଡବଲ ଇଞ୍ଜିନ୍ ସରକାରକୁ କଟାକ୍ଷ

- ରାଜ୍ୟରେ ଏବେ ସରକାର ଥିବା ପରି ଅନୁଭବ ହେଉ ନାହିଁ
- ଚାଷୀଙ୍କୁ ସାର ନାହିଁ, ମଣ୍ଡି ଖୋଲୁନାହିଁ, ଟୋକନ ମିଳୁନାହିଁ
- ଯୁବ ସମାଜ ହତାଶ, ମିଶନଶକ୍ତି ମା'ମାନେ ହଇରାଣ
- ଆଇନଶୃଙ୍ଖଳା ଶୋଚନୀୟ, ବୃଦ୍ଧି ପାଇଛି ମହିଳା ହିଂସା

### ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର

- ୨୦୦୦ରୁ ୨୦୨୪ ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣଯୁଗ
- ସେବା, ସଂଗ୍ରାମ ଓ ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର
- ଯୁବବର୍ଗମାନେ ଦଳର ସମ୍ପତ୍ତି; ଅପପ୍ରଚାରର ମୁକାବିଲା ଆହ୍ୱାନ
- ଆହ୍ୱାନକୁ ସୁଯୋଗରେ ପରିଣତ କରିବାକୁ କର୍ମୀଙ୍କୁ ପରାମର୍ଶ

■ ଭୁବନେଶ୍ୱର, ୨୬ ।୧୨ (ସମିସ): ସେବା, ସଂଗ୍ରାମ, ସ୍ୱାଭିମାନ ହେଉଛି ବିଜେଡିର ମୂଳମନ୍ତ୍ର। କିଛି ଲୋକ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି, ଦଳ ଭାଙ୍ଗିଯିବ ବୋଲି ଗୁଜବ ସୃଷ୍ଟି କରାଯାଉଛି। ମାତ୍ର ବିଜେଡି ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ସହ ଜଡ଼ିତ। ଏବେ ବିଜେଡି ଅଛି, ଭବିଷ୍ୟତରେ ବି ରହିବ। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସ୍ୱର ଭାବରେ କାର୍ଯ୍ୟ କରିବ ବୋଲି ଦଳର ୨୯ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ।

ଶଙ୍ଖଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନବୀନ କହିଛନ୍ତି ଯେ ଗଣତନ୍ତ୍ରରେ ହାରଜିତ ରହିଛି। ମାତ୍ର ଏବେ କିଛି ଲୋକ ବିଜେଡିକୁ ନେଇ ଅପପ୍ରଚାର କରୁଛନ୍ତି; କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଜଣେ କିମ୍ବା ଦୁଇଜଣ ନେତାଙ୍କର ନୁହେଁ। ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ଲଢ଼େଇରୁ ବିଜେଡିର ଜନ୍ମ। ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ; ଏହା ଏକ ଜନ ଆନ୍ଦୋଳନ ।

ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୧୯୯୭ ରୁ ବିଜୁବାବୁଙ୍କ ଆଦର୍ଶରେ ବିଜେଡି ଓଡ଼ିଶା ବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡ଼ିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଆମେ ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ; ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ



ପରିଚୟ ଦେଇଛୁ, ମା' ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ନବୀନ କହିଛନ୍ତି।

ଏହି ଅବସରରେ ନବୀନ ବର୍ତ୍ତମାନର ବିଜେପି ସରକାରକୁ କଠୋର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ? ଏବେ ଚାଷୀକୁ ସାର ମିଳୁନି। ଧାନ ବିକ୍ରି ପାଇଁ ମଣ୍ଡି ଖୋଲୁନି। ମିଶନ ଶକ୍ତି ମା' ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲାଣି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ଏପରିକି ଛୋଟ ଛୋଟ ଝିଅ ମାନେ ମଧ୍ୟ ନିରାପଦ ନୁହନ୍ତି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ▸ପୃଷ୍ଠା-୭

# ଓଡ଼ିଶା ବାୟୁରେ ବି ବିଷ

## ବେଶି ଦୂର ନୁହେଁ ଦିଲ୍ଲୀ ଭଳି ଯନ୍ତ୍ରଣା

- ବାଲେଶ୍ୱରର ବାୟୁ ସବୁଠୁ ଅଧିକ ପ୍ରଦୂଷିତ
- ଅଧିକାଂଶ ସହରର ଏକ୍ୟୁଆଇ ୩୦୦ ଉପରେ
- ପ୍ରାତଃ-ସାନ୍ଧ୍ୟ ଭ୍ରମଣ ପାଇଁ ବିଶେଷଜ୍ଞଙ୍କ ବାରଣ



■ ଭୁବନେଶ୍ୱର, ୨୬।୧୨ (ସମିସ): ସୁସ୍ଥ ବାୟୁ ଓ ସବୁଜିମା ପାଇଁ ଦେଶରେ ଏକ ଉତ୍ତମ ରାଜ୍ୟ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଏବେ ବିଷ ବଳୟ ପାଲଟିଛି। ଜଳରେ ଜହର ସାଙ୍ଗକୁ ଏବେ ପବନ ବି ବିଷ ପାଲଟିଛି। ରାଜ୍ୟରେ ବାୟୁର ମାନ ଏବେ କମିକମି ଚାଲିଛି ଓ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଖରାପ ହେବାରେ ଲାଗିଛି। ପୂର୍ବରୁ ଅନୁଗୋଳ, ରାଉରକେଲା ଓ ତାଳଚେର ପରି ଶିଳ୍ପାଞ୍ଚଳ ପ୍ରଦୂଷିତ ସହର ମାନ୍ୟତା ପାଉଥିଲା; ମାତ୍ର ଏବେ ଉପାନ୍ତ ଓ ଉପକୂଳ ସବୁ ଅଞ୍ଚଳ ବାୟୁ ପ୍ରଦୂଷଣର ଶିକାର ହୋଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶର ଅତି ଖରାପ ସ୍ଥିତିଥିବା ଦେଶର ୧୬ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ସାମିଲ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ ବାଲେଶ୍ୱର ବର୍ତ୍ତମାନ ରାଜ୍ୟର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହେବାକୁ ବସିଛି। ▸ପୃଷ୍ଠା-୭

# 'ଭାରତ ରତ୍ନ', 'ପଦ୍ମ' ସମ୍ମାନ କୌଣସି ଉପାଧି ନୁହେଁ

### ବମ୍ବେ ହାଇକୋର୍ଟଙ୍କ ଟିପ୍ପଣୀ

**ନାମର ଆଗ-ପଛରେ ଏହାକୁ ଲଗାଇବା ଆଇନ ଦୃଷ୍ଟିରୁ ଭୁଲ୍**

■ ମୁମ୍ବାଇ, ୨୬।୧୨ (ଏଜେନ୍ସି): ଭାରତ ରତ୍ନ, ପଦ୍ମଶ୍ରୀ, ପଦ୍ମ ଭୂଷଣ, ପଦ୍ମ ବିଭୂଷଣ ଭଳି ନାଗରିକ ସମ୍ମାନ କୌଣସି ଉପାଧି ନୁହେଁ। ତେଣୁ ଏହାକୁ କାହାର ନାମ ଆଗରେ କିମ୍ବା ପଛରେ ଲଗା ଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଆବେଦନରେ ଜଣେ ବ୍ୟକ୍ତିଙ୍କ ନାମ ସହିତ 'ପଦ୍ମଶ୍ରୀ' ଲେଖା ଯାଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ଜଷ୍ଟିସ ସମଶେଖର ସୁନ୍ଦରେସନଙ୍କ ଖଣ୍ଡପୀଠ। ୧୯୯୫ରେ ସୁପ୍ରିମକୋର୍ଟଙ୍କ ସମ୍ବିଧାନ ପୀଠ ଏନେଇ ଦେଇଥିବା ରାୟ ବିଷୟରେ ହାଇକୋର୍ଟ ଉଲ୍ଲେଖ କରିଥିଲେ। ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ପଦ୍ମ ପୁରସ୍କାର ଏବଂ ଭାରତ ରତ୍ନ କୌଣସି ଉପାଧି ନୁହେଁ। ଯଦି କୌଣସି ବ୍ୟକ୍ତି ▸ପୃଷ୍ଠା-୭



# ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ ହେଉ: ମାଡ୍ରାସ ହାଇକୋର୍ଟ

ଚେନ୍ନଇ, ୨୬।୧୨(ଏଜେନ୍ସି): ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସାମାଜିକ ଗଣମାଧ୍ୟମ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସାମାଜିକ ଗଣମାଧ୍ୟମଗୁଡିକ ନିଷିଦ୍ଧ ହେବା ଉଚିତ। ଅଷ୍ଟ୍ରେଲିଆରେ ଏହି ନିୟମ ଲାଗୁ ହୋଇଛି। ଏବେ ଭାରତରେ ଏହାକୁ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି କୋର୍ଟ କହିଛନ୍ତି। ଏ ସଂକ୍ରାନ୍ତରେ ଗୁରୁତର ସହ ବିଚାର କରିବା ଉଚିତ ବୋଲି କୋର୍ଟ କହିଛନ୍ତି। ମଦୁରାଇ ହାଇକୋର୍ଟର ବିଚାରପତି ଜି ଜୟଚନ୍ଦ୍ରନ ଓ କେକେ ରାମକୃଷ୍ଣନଙ୍କ ବେଞ୍ଚ୍ ନାବାଳକମାନଙ୍କ ପାଇଁ ଅନଲାଇନ୍‌ରେ ପର୍ଣ୍ଣୋଗ୍ରାଫିକ୍ ବିଷୟବସ୍ତୁ ସହଜରେ ଉପଲବ୍ଧ ହେଉଥିବା ନେଇ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ମନ୍ତବ୍ୟ ଦେଇଛନ୍ତି। ଆବେଦନକାରୀ ଏସ ବିଜୟକୁମାରଙ୍କ ଓକିଲ କେପିଏସ୍ ପାଲନେଭେଲ ରାଜନ ଅଷ୍ଟ୍ରେଲିଆରେ ଜାରି ହୋଇଥିବା ନିୟମର ଉଦାହରଣ ଦେଇଥିଲେ। ଇଣ୍ଟରନେଟ ସେବା ପ୍ରଦାନକାରୀ (ଆଇଏସ୍‌ପି)ଙ୍କ ଉପରେ କଡ଼ା ନିୟମ ଲାଗୁ କରିବାକୁ କୋର୍ଟ ସୁପାରିସ କରିଛନ୍ତି। ପିଲାମାନଙ୍କ ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ଅଭିଭାବକ ତଥା ପିତାମାତାଙ୍କ ନିୟନ୍ତ୍ରଣ ରହିବା ବାଧ୍ୟତାମୂଳକ ହେବା ଉଚିତ ବୋଲି କୋର୍ଟ କହିଛନ୍ତି। ଏହି ମାମଲା ଏକ ପୁରୁଣା ଆବେଦନ ସହିତ ଜଡିତ। ଅନେକ ସମୟରେ ଛୋଟପିଲାଙ୍କୁ ଇଣ୍ଟରନେଟ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ସହଜରେ ମିଳିଯାଉଛି। ଏହାକୁ ରୋକିବା ପାଇଁ ଉଚିତ ବ୍ୟବସ୍ଥା ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।



ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଡିସେମ୍ବର ୯ରୁ ୧୬ ବର୍ଷରୁ କମ୍ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଆକାଉଣ୍ଟ ତିଆରି କରିବାକୁ ନିଷେଧ କରିଛି। ବିଶ୍ୱର ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ ଏହି ନିୟମ ଲାଗୁ କରିଛି। ଏଥିପାଇଁ ଅଷ୍ଟ୍ରେଲିଆ ଗତବର୍ଷ 'ଅନ୍‌ଲାଇନ୍ ସେଫ୍ଟି ଆମେଣ୍ଡମେଣ୍ଟ ବିଲ୍' ଆଗତ କରିଥିଲା। ଏଥିରେ ୧୬ ବର୍ଷରୁ କମ୍ ପିଲା ଟିକ୍‌ଟକ, ଏକ୍ସ, ଫେସବୁକ, ଇନ୍‌ଷ୍ଟାଗ୍ରାମ, ସ୍ନାପଚାଟ, ୟୁଟ୍ୟୁବ ଭଳି ସାମାଜିକ ଗଣମାଧ୍ୟମଗୁଡିକଠାରୁ ଦୂରେଇ ରଖିବାର ବ୍ୟବସ୍ଥା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୯୬ ପ୍ରତିଶତ ୧୦ରୁ ୧୫ ବର୍ଷର ପିଲା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିଛନ୍ତି। ଏ ପର୍ଯ୍ୟନ୍ତ ଭାରତରେ ସାମାଜିକ ଗଣମାଧ୍ୟମ ନେଇ କୌଣସି ଆଇନ୍ ଜାରି ହୋଇନାହିଁ।

# ଏସ୍‌ଆଇଆର୍: ଉତ୍ତର ପ୍ରଦେଶରୁ ହଟିଲେ ୨.୮୯ କୋଟି ଭୋଟର

● ୧୧ ରାଜ୍ୟରୁ କଟିଥିଲା ୩.୬୯ କୋଟି ନାମ

ଲକ୍ଷ୍ନୌ, ୨୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯାଇଛି। ରାଜ୍ୟରୁ ୨.୮୯ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନବଦୀପ ରିଣୱା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସଆଇଆର ହେବା ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ। ପ୍ରଥମ ପର୍ଯ୍ୟାୟ ଫର୍ମ ଜମା ଏବଂ ଡିଜିଟାଲାଇଜେସନ କାମ ଆଜି ସମ୍ପୂର୍ଣ୍ଣ ହୋଇଛି। ଏ ପର୍ଯ୍ୟନ୍ତ ୨.୮୯ କୋଟି ଭୋଟର କମ୍ ହେଲେଣି। ଚୂଡ଼ାନ୍ତ ଚିଠା ତାଲିକା ୩୧ ତାରିଖରେ ଜାରି କରାଯିବ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧.୨୬ କୋଟି ଭୋଟର ରାଜ୍ୟ ବାହାରକୁ ସ୍ଥାନାନ୍ତର ହୋଇଯାଇଛନ୍ତି। ୪୫.୯୫ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇସାରିଛି। ୨୩.୩୨ ଲକ୍ଷ ନକଲି ଭୋଟର ଜଣାପଡ଼ିଛନ୍ତି। ୮୪.୨୦ ଲକ୍ଷ ନିଖୋଜ ଅଛନ୍ତି। ୯.୩୭ ଲକ୍ଷ ଫର୍ମ ଜମା କରିନାହାନ୍ତି। ଉତ୍ତର ପ୍ରଦେଶରେ ୧୫ ଦିନ ସମୟ ବଢ଼ିବାରୁ ଭୋଟର ସଂଖ୍ୟା ପ୍ରାୟ ୨ ଲକ୍ଷ ବୃଦ୍ଧି ପାଇଛି। ଏହା ପୂର୍ବରୁ ୧୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଏସଆଇଆର ତାଲିକା ଜାରି ହୋଇସାରିଛି। ଏହି ସବୁ ରାଜ୍ୟରୁ ୩.୬୯ କୋଟି ଭୋଟରଙ୍କୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୪୨.୭୪ ଲକ୍ଷ, ଛତିଶଗଡ଼ର ୨୭.୩୪ ଲକ୍ଷ, କେରଳର ୨୪.୦୮ ଲକ୍ଷ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ୩.୧୦ ଲକ୍ଷ, ପଶ୍ଚିମବଙ୍ଗରୁ ୫୮.୨୦ ଲକ୍ଷ, ରାଜସ୍ଥାନରୁ ୪୧.୮୫ ଲକ୍ଷ, ଗୋଆରୁ ୧୧.୮୫ ଲକ୍ଷ, ପୁଡୁଚେରିରୁ ୧.୦୩ ଲକ୍ଷ, ଲାକ୍ଷାଦ୍ୱୀପରୁ ୧୬୧୬, ତାମିଲନାଡୁରୁ ୯୭ ଲକ୍ଷ ଏବଂ ଗୁଜରାଟରୁ ୭୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଥିଲା।

# ଆସାମରେ ଥମୁନି ହିଂସା

## କାର୍ବି ଆଙ୍ଗଲଙ୍ଗରେ ହିଂସା ଜାରି; ୧୧ ହଜାର ଲୋକ ଗୃହବନ୍ଦୀ

ୱେଷ୍ଟ କାର୍ବି ଆଙ୍ଗଲଙ୍ଗ୍, ୨୬।୧୨(ଏଜେନ୍ସି): ଆସାମର ୧୨ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ ସ୍ୱୟଂଶାସିତ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାରେ ଏବେ ଲୋକଙ୍କ ମନ ଓ ହୃଦୟକୁ ଭୟ କବଳିତ କରିଛି। ସମସ୍ତଙ୍କ ମନରେ ହିଂସା ଓ ଆତଙ୍କର ଭୟ ରହିଛି। ଲୋକଙ୍କ ଘରେ ରୋଷେଇ ବନ୍ଦ ରହିଛି। ବଜାର ସହ ଇଣ୍ଟରନେଟ ସେବା ମଧ ବନ୍ଦ ରହିଛି। ୧୧, ୦୦୦ ଲୋକ ଘରେ ବନ୍ଦୀ ହୋଇ ରହିଛନ୍ତି। ଗତ ଡିସେମ୍ବର ୨୨-୨୩ରେ ସ୍ଥାନୀୟ କାର୍ବି ଆଦିବାସୀ ଓ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ଏଥିରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୬୦ ପୁଲିସ କର୍ମଚାରୀ ସାମିଲ ଥିଲେ। ଭିନ୍ନକ୍ଷମ ବ୍ୟକ୍ତି ସୁରଜ ଦେଙ୍କୁ ଭିଡ଼ି ଜିଅନ୍ତା ଜାଳି ଦେଇଥିଲେ।

ଜିଲ୍ଲାରେ ସଂଘର୍ଷ କେନ୍ଦ୍ରୀଭୂତ ହୋଇଥିବା ୧୨ଟି ଗାଁରେ ଭୟର ବାତାବରଣ ଜାରି ରହିଛି। ଏହି ଗାଁଗୁଡିକରେ ଆସାମ ପୁଲିସ, ରାପିଡ ଆକ୍ସନ ଫୋର୍ସ (ଆରଏଏଫ୍), ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ଓ ଭାରତୀୟ ସେନାର ଯବାନମାନଙ୍କୁ ମୁତୟନ କରାଯାଇଛି। କାର୍ବି ଆଦିବାସୀ ସଂଗଠନଗୁଡିକ ଦାବି କରିଛନ୍ତି ଯେ, ତାଙ୍କର ଜନସଂଖ୍ୟା କମିବାର ଲାଗିଛି ଓ ଏବେ ଏହା ୩୫ ପ୍ରତିଶତରେ ପହଞ୍ଚିଛି। ବାକି ୬୫ ପ୍ରତିଶତ ଜନସଂଖ୍ୟା ବାହାରର ବୋଲି ସେମାନେ ଦାବି କରିଛନ୍ତି। ଏହି ଲୋକମାନେ ନେପାଳ, ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀ ଭାଷା କହୁଛନ୍ତି। ଯେଉଁ ଗାଁରେ ବିବାଦ ହୋଇଛି ସେ ଗାଁର ଲୋକସଂଖ୍ୟା ୧୧ ହଜାର। ଉଲ୍ଲେଖଥାଉ କି, କାର୍ବି ଆଙ୍ଗଲଙ୍ଗ ଭାରତୀୟ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁସାରେ ଗଠିତ ଏକ ସ୍ୱାୟତଶାସନ ଅଞ୍ଚଳ। ଏଠାକାର ଜମି କାର୍ବି ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ୧୯୭୧ରେ କାର୍ବି ଲୋକଙ୍କ ଜନସଂଖ୍ୟା ୬୫ ପ୍ରତିଶତ ଥିଲା। କନ୍ତୁ ୨୦୧୧ରେ ଏହା କମିବା ସହ ୫୬.୩ ପ୍ରତିଶତରେ ପହଞ୍ଚିଛି। ଖେରାନୀ ଭଳି ବଜାରରେ ବ୍ୟବସାୟ ଓ ବସତି ଏବେ ମୁଖ୍ୟତଃ ହିନ୍ଦୀ ଭାଷାଭାଷୀ ଲୋକଙ୍କ ନିୟନ୍ତ୍ରଣରେ ରହିଛି। ପଶ୍ଚିମ କାର୍ବି ଆଙ୍ଗଲଙ୍ଗ ଜିଲ୍ଲାର ଆଦିବାସୀ ଅଞ୍ଚଳରେ ଗାଁ, ଗୋଚର ଓ ବୃତ୍ତିଗତ ଚରିବା ସଂରକ୍ଷଣ ଜମିରେ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଜବରଦଖଲ ଅଭିଯୋଗକୁ ନେଇ କାର୍ବି ଓ ବିହାରୀ ସମ୍ପ୍ରଦାୟ ମଧ୍ୟରେ ବିବାଦ ରହିଛି। ଜିଲ୍ଲାର ୭, ୧୮୪ ବିଘାରୁ ଅଧିକ ସଂରକ୍ଷିତ ଜମି ବାହାର ଲୋକଙ୍କ କବ୍‌ଜାରେ ରହିଛି। ଏହାକୁ ନେଇ ସଂଘର୍ଷ ଆରମ୍ଭ ହୋଇଥିଲା। ଏବେ ଏହା



ବିସ୍ଫୋରଣ ରୂପ ନେଇଛି। ଆଇନଶୃଙ୍ଖଳା ନିୟନ୍ତ୍ରଣକୁ ଆଣିବାକୁ ରାଜ୍ୟ ସରକାର କଡ଼ା ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି।

# ବାଂଲାଦେଶ ହିଂସା: ଉଦ୍‌ବେଗ ଜଣାଇଲା ଭାରତ

■ ହିନ୍ଦୁଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ
■ ଦୀପୁ ଦାସ ହତ୍ୟା ମାମଲାରେ ଆଉ ୬ ଗିରଫ
■ ଢାକାରେ ହିନ୍ଦୁ ସଂଗଠନର ବିକ୍ଷୋଭ ପ୍ରଦର୍ଶନ

ଢାକା, ୨୬।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବାକୁ ବାଂଲାଦେଶରେ ସରକାରୀ ଷଡ଼ଯନ୍ତ୍ରର ହିଂସା ଜାରି ରହିଥିବାବେଳେ ପୁଣିଥରେ ଭାରତ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଇନ୍‌କିଲାବ ମଞ୍ଚର ନେତା ସରିଫ ଉସମାନ ହାଦିଙ୍କ ହତ୍ୟାକୁ ବିରୋଧ ଏବଂ ନ୍ୟାୟ ଦାବିରେ ଢାକାର ସାହବାଗ ଅଞ୍ଚଳରେ ବିକ୍ଷୋଭ କରାଯାଇଛି। ଏହି ସମୟରେ ଭାରତ ବିରୋଧୀ ସ୍ଲୋଗାନ ଦିଆଯାଇଛି। ଜୁମାର ନମାଜ ପରେ ଢାକା ୟୁନିଭର୍ସିଟିରେ ପ୍ରସେସନ ବାହାର କରାଯାଇଥିଲା। ଏହା ଶାହବାଗ ପହଞ୍ଚିବା ପରେ ଧାରଣା ପ୍ରଦର୍ଶନରେ ବଦଳି ଯାଇଥିଲା। 'ମୁଁ ହାଦି' ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭକାରୀ ରାସ୍ତା ଜାମ କରି ଯାତାୟତକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଇନ୍‌କିଲାବ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ହାଦିଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ଜୁଲାଇରେ ଏହି ୟୁନିଭର୍ସିଟିରୁ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରାଯାଇଥିଲା।

ଅନ୍ୟପକ୍ଷରେ ବାଂଲାଦେଶରେ ଜାରି ହିଂସା ଏବଂ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଚିନ୍ତା




ପ୍ରକଟ କରାଯାଇଛି। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କ ନିର୍ମମ ହତ୍ୟାକୁ ଅଣଦେଖା କରିହେବ ନାହିଁ। ହିନ୍ଦୁ ଯୁବକଙ୍କ ହତ୍ୟାକୁ ଭାରତ ନିନ୍ଦା କରୁଛି। ଅପରାଧୀଙ୍କୁ ଶୀଘ୍ର ଦଣ୍ଡ ମିଳିବ ବୋଲି ଆଶା। ସେହିପରି ବାଂଲାଦେଶରେ ପ୍ରଚାରପ୍ରସାର କରାଯାଉଥିବା ଭାରତ ବିରୋଧୀ ମିଛକୁ ଜୟସ୍ୱାଲ ଖାରଜ କରିଦେଇଛନ୍ତି। ଆଇନ ବ୍ୟବସ୍ଥା ଏବଂ ସୁରକ୍ଷା ବଜାୟ ରଖିବା ବାଂଲାଦେଶର କାମଚଳା ସରକାରଙ୍କ ଦାୟିତ୍ୱ। ଏହି ସରକାର ସମୟରେ ସଂଖ୍ୟାଲଘୁଙ୍କ ବିରୋଧରେ ୨୯୦୦ରୁ ଅଧିକ ହିଂସା ଘଟଣା ରୁଜୁ କରାଯାଇଛି। ଏ ସବୁକୁ ରାଜନୈତିକ ହିଂସା କହି ଖାରଜ କରାଯାଇପାରିବ ନାହିଁ। ବାଂଲାଦେଶ ଲୋକଙ୍କ ସହ ସମ୍ବନ୍ଧ ମଜବୁତ କରିବାକୁ ଭାରତ ପ୍ରତିବଦ୍ଧ। ଏହି ଦେଶରେ ନିରପେକ୍ଷ ଏବଂ ସ୍ୱାଧୀନ ନିର୍ବାଚନ ପାଇଁ ଆମେ ଦାବି କରି ଆସୁଛୁ। ବାଂଲାଦେଶ ସ୍ଥିତି ଉପରେ ବିଦେଶ ମନ୍ତ୍ରାଳୟ ତୀକ୍ଷଣ ନଜର ରଖିଛି। ସେଠାକାର ଅଧିକାରୀ ନିକଟରେ ଏହି ପ୍ରସଙ୍ଗ ଉଠାଯାଉଛି।

ଏହା ମଧ୍ୟରେ ବାଂଲାଦେଶରେ ଦୀପୁଙ୍କୁ ପିଟି ପିଟି ଜିଅନ୍ତା ଜାଳିଦେବା ମାମଲାରେ ପୁଲିସ ଆଉ ୬ ଜଣଙ୍କୁ ଗିରଫ କରିଛି। ମୟମନସିଂହ ଜିଲ୍ଲା ଭାଲୁକା ଅଞ୍ଚଳରେ ଚଢ଼ଉ ସମୟରେ ସେମାନଙ୍କୁ ଧରା ଯାଇଥିଲା। ଏହି ମାନେ ଦୀପୁଙ୍କୁ ଚାକିରି ଛାଡ଼ିବା ପାଇଁ ବାଧ କରୁଥିଲେ। ଏ ପର୍ଯ୍ୟନ୍ତ ଏହି ହତ୍ୟାକାଣ୍ଡରେ ୧୮ ଜଣଙ୍କୁ ଗିରଫ କରାଗଲାଣି। ଦୀପୁଙ୍କ ହତ୍ୟାକୁ ବିରୋଧ କରି ହିନ୍ଦୁ ସଂଗଠନ 'ନ୍ୟାସନାଲ ହିନ୍ଦୁ ମହାଜୋତ' ଢାକାର ନ୍ୟାସନାଲ ପ୍ରେସ କ୍ଲବ ବାହାରେ ବିକ୍ଷୋଭ କରିଛି। ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଛି।

# କେରଳରେ ପ୍ରଥମଥର ପାଇଁ ବିଜେପି ମେୟର

■ ତିରୁଅନନ୍ତପୁରମରେ ବିବି ରାଜେଶ ନିର୍ବାଚିତ
■ ୪ ଦଶନ୍ଧି ଧରି ବାମମେଣ୍ଟ କ୍ଷମତାରେ ଥିଲା

ତିରୁଅନନ୍ତପୁରମ, ୨୬।୧୨(ଏଜେନ୍ସି): କେରଳରେ ପ୍ରଥମଥର ପାଇଁ ଜଣେ ବିଜେପି ସଦସ୍ୟ ମେୟର ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନରେ ବିଜେପିର ୫୦ ବର୍ଷୀୟ ଆଇନଜୀବୀ ଭିଭି ରାଜେଶ ଜଣେ ସ୍ୱାଧୀନ କାଉନସିଲରଙ୍କ ସମର୍ଥନ ସହ ମୋଟ୍ ୫୧ଟି ଭୋଟ ହାସଲ କରି ବାଜି ମାରିଛନ୍ତି। ଏଥିସହ କେରଳ ରାଜନୀତି ଏକ ନୂଆ ମୋଡ଼ରେ ପହଞ୍ଚିଛି ବୋଲି ଚର୍ଚ୍ଚା ହେଉଛି। ବାମ ଗଣତାନ୍ତ୍ରିକ ମୋର୍ଚ୍ଚା (ଏଲ୍‌ଡିଏଫ୍) ପ୍ରାର୍ଥୀ ୨୯ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି ୟୁଡିଏଫ୍ ପ୍ରାର୍ଥୀ କେଏସ୍ ସାବରୀନାଥନ ୧୯ ଭୋଟ ପାଇଥିଲେ। ଏଥିରୁ ଦୁଇଟି ଭୋଟ ନାକଚ୍ ହୋଇଥିଲା। ବିଜେପି ୬ଟି ନଗର ନିଗମ ନିର୍ବାଚନରୁ ମାତ୍ର ଗୋଟିଏରେ ବିଜୟ ହାସଲ କରିବାକୁ ସକ୍ଷମ ହୋଇଛି। ଏହା ସତ୍ତ୍ୱେ ବିଜେପି ପାଇଁ ଏହାକୁ ଏକ ବଡ଼ ସଫଳତା ବିବେଚନା କରାଯାଉଛି। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତିରୁଅନନ୍ତପୁରମ ମେୟର ପଦବୀ ପାଇଁ ପୂର୍ବତନ ଆଇପିଏସ୍ ଅଧିକାରୀ ଆର ଶ୍ରୀଲେଖା ଦୌଡ଼ରେ ସର୍ବାଗ୍ରେ ଥିଲେ। କିନ୍ତୁ ଦଳ ଭିଭି ରାଜେଶଙ୍କୁ ହିଁ ମେୟର ପଦ ପାଇଁ ଚୂଡ଼ାନ୍ତ କରିଥିଲା।



ଡିସେମ୍ବର ୨ରେ ତିରୁଅନନ୍ତପୁରମ ନଗର ନିଗମ ନିର୍ବାଚନର ୧୦୧ଟି ୱାର୍ଡର ଫଳାଫଳ ଘୋଷଣା କରାଯାଇଥିଲା। ଏଥିରେ ବିଜେପି ୫୦, ଏଲ୍‌ଡିଏଫ୍ ୨୯ ଓ ୟୁଡିଏଫ୍ ୧୯ଟି ଆସନରେ ବିଜୟୀ ହୋଇଥିଲା। ଏଠାରେ ଏଲ୍‌ଡିଏଫ୍ ଗତ ୪୫ ବର୍ଷ ଧରି କ୍ଷମତାରେ ରହିଆସୁଥିଲା। ତିରୁଅନନ୍ତପୁରମ କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁରଙ୍କ ଗଡ଼ ଭାବେ ବିବେଚନା କରାଯାଏ। ଉଲ୍ଲେଖଥାଉ କି, କେରଳର ୧, ୧୯୯ଟି ସ୍ଥାନୀୟ ସଂସ୍ଥା ପାଇଁ ନିର୍ବାଚନ ଡିସେମ୍ବର ୯ ଓ ୧୧ରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଟି ନିଗମ, ୮୬ଟି ପୌରପାଳିକା, ୧୪ଟି ଜିଲ୍ଲା ପରିଷଦ ଓ ୯୪୧ଟି ଗ୍ରାମପଞ୍ଚାୟତ ସାମିଲ ଥିଲା।

# ପାକିସ୍ତାନର ପରମାଣୁ ଅସ୍ତ୍ର ବିଶ୍ୱ ପାଇଁ ବିପଦ

ନୂଆଦିଲ୍ଲୀ, ୨୬।୧୨(ଏଜେନ୍ସି): ପାକିସ୍ତାନର ପରମାଣୁ ଅସ୍ତ୍ର ସାରା ବିଶ୍ୱପ୍ରତି ବିପଦ ସୃଷ୍ଟି କରିଛି। ଏନେଇ ବିଶ୍ୱ ନେତୃତ୍ୱରେ ବାରମ୍ବାର ପରୋକ୍ଷରେ ଚର୍ଚ୍ଚା ଓ ଆଲୋଚନା ହୋଇ ଆସୁଛି। କିନ୍ତୁ ୨୪ ବର୍ଷ ତଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏ ନେଇ ଚିନ୍ତା ପ୍ରକଟ କରିଥିବା କଥା ଏବେ ସାମ୍ନାକୁ ଆସିଛି। ୨୦୦୧ରୁ ୨୦୦୮ ମଧ୍ୟରେ ଦୁଇ ଦେଶ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଦଲିଲ୍‌ରୁ ଏହି ସୂଚନା ମିଳିଛି। ସୂଚନା ସ୍ୱାଧୀନତା ଆଇନ୍ ଅଧୀନରେ ଆମେରିକୀୟ ଜାତୀୟ ସୁରକ୍ଷା ଅଭିଲେଖାଗାର ଦ୍ୱାରା ଏହି ଦଲିଲଗୁଡିକ ପ୍ରକାଶିତ ହେବା ପରେ ଏହି ତଥ୍ୟ ସାମ୍ନାକୁ ଆସିଛି। ପରମାଣୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏକ ଅଗଣତାନ୍ତ୍ରିକ ଦେଶର ଅସ୍ତିତ୍ୱ ବିଶ୍ୱ ସୁରକ୍ଷା ପାଇଁ ବିପଦ ସୃଷ୍ଟିକରିପାରେ ବୋଲି ସେତେବେଳେ ପୁତିନ ହୃଦୟଙ୍ଗମ କରିଥିଲେ।



୨୪ ବର୍ଷ ତଳେ ବୁଶ୍‌ଙ୍କୁ ଚେତାବନୀ ଦେଇଥିଲେ ପୁତିନ

ପୁତିନ ୨୦୦୧ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କୁ ନିଜର ପ୍ରଥମ ସାକ୍ଷାତରେ ପାକିସ୍ତାନକୁ ନେଇ ନିଜର ଚିନ୍ତା ପ୍ରକଟ କରିଥିଲେ। ପାକିସ୍ତାନର ପରମାଣୁ ଅସ୍ତ୍ର ବିପଦ ସୃଷ୍ଟି କରିଛି ବୋଲି ସେ ବୁଶ୍‌ଙ୍କୁ କହିଥିଲେ। ପ୍ରକୃତରେ ପାକିସ୍ତାନ ଏକ ଗଣତନ୍ତ୍ର ରାଷ୍ଟ୍ରନୁହେଁ। ଏଠାରେ ସେନାର ଶାସନ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ଚାଲିଛି। କିନ୍ତୁ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି। ଏହା ସତ୍ତ୍ୱେ ବି ପାଶ୍ଚାତ୍ୟ ଦେଶଗୁଡିକ ପାକିସ୍ତାନକୁ ସମାଲୋଚନା କରୁନାହାନ୍ତି ଓ ପରୋକ୍ଷରେ ସମର୍ଥନ କରୁଛନ୍ତି। ତେଣୁ ଏ ନେଇ ଚିନ୍ତା ସୃଷ୍ଟି ହୋଇଛି। ଏନେଇ ଖୋଲାଖୋଲି ଭାବେ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି। ଦୁଇ ନେତା ପାକିସ୍ତାନର ଅଭ୍ୟନ୍ତରୀଣ ପରିସ୍ଥିତି, ରାଜନୈତିକ ଅସ୍ଥିରତା ଓ ପରମାଣୁ କମାଣ୍ଡ ବିଷୟରେ ଚିନ୍ତିତ ଥିଲେ। ସେମାନେ ଭୟ କରୁଥିଲେ ଯେ, ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପରମାଣୁ ପ୍ରଯୁକ୍ତି ବିଦ୍ୟା ଭୁଲ ହାତରେ ପଡ଼ିପାରେ। ଏନେଇ ହୋଇଥିବା ଆଲୋଚନାରେ ପାକିସ୍ତାନର ଅବଦୁଲ କାଦିର ଖାନ୍ ନେଟୱର୍କ, ଇରାନ ଓ ଉତ୍ତରକୋରିଆ ପର୍ଯ୍ୟନ୍ତ ପରମାଣୁ ପଯୁକ୍ତିବିଦ୍ୟା ପହଞ୍ଚିବାର ବିପଦ ଓ ପାକିସ୍ତାନ ପରମାଣୁ ସୁରକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା ପ୍ରକଟ କରାଯାଇଥିଲା। ଦୁଇ ନେତା ପାକିସ୍ତାନର ପରମାଣୁ ନୀତି ଓ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବିଶ୍ୱାସ କରି ନଥିଲେ। ପୁତିନଙ୍କ ଏହି ଚିନ୍ତାକୁ ମଧ ବୁଶ୍ ବୁଝିବା ସହ ହୃଦୟଙ୍ଗମ କରିଥିଲେ ବୋଲି ଦଲିଲ୍‌ରେ ଉଲ୍ଲେଖ କରାଯାଇଛି।

# ଦିଲ୍ଲୀ ହାଇକୋର୍ଟ ବାହାରେ ବିକ୍ଷୋଭ

କୁଳଦୀପଙ୍କ ଜାମିନକୁ ବିରୋଧ

ନୂଆଦିଲ୍ଲୀ, ୨୬। ୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଦୁଷ୍କର୍ମ ମାମଲା ।।ରେ ଆଜୀବନ କାରାଦଣ୍ଡ ପାଇଥିବା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କ ଜାମିନକୁ ଜୋରଦାର ବିରୋଧ କରାଯାଉଛି। ପୀଡ଼ିତା ଏବଂ ତାଙ୍କ ପରିବାର ପ୍ରତି ପୁଲିସ କରିଥିବା ଅତ୍ୟାଚାରକୁ ନିନ୍ଦା କରାଯାଉଛି। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବାହାରେ ସାମାଜିକ କର୍ମୀ ଏବଂ ପୀଡ଼ିତାଙ୍କ ମାଆ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୁଷ୍କର୍ମକାରୀଙ୍କୁ ସୁରକ୍ଷା ଦେବା ବନ୍ଦ କର ବୋଲି ସ୍ଲୋଗାନ ଦେଇଛନ୍ତି। ପୀଡିତାଙ୍କ ଓକିଲ ଯୋଗିତା ଭୟାନୀଙ୍କ ନେତୃତ୍ୱରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଆସୋସିଏସନର ସାମାଜିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସିବିଆଇ ମଧ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ସୁପ୍ରିମକୋର୍ଟରେ ଶୁକ୍ରବାର ସ୍ପେସିଆଲ ଲିଭ ପିଟିସନ (ଏସଏଲପି) ଦାଏର କରିଥିବା ଜଣାପଡ଼ିଛି।




# କାନାଡ଼ା ବିଶ୍ୱବିଦ୍ୟାଳୟରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

୩ ଦିନରେ ୨ ଭାରତୀୟଙ୍କୁ ହତ୍ୟା

ଟରୋଣ୍ଟୋ, ୨୬।୧୨(ଏଜେନ୍ସି): କାନାଡ଼ା ଟରଣ୍ଟୋ ବିଶ୍ୱବିଦ୍ୟାଳୟରେ ଜଣେ ୨୦ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଛାତ୍ର ଶିବାଙ୍କ ଅବସ୍ଥିଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଟରଣ୍ଟୋରେ ଏହା ଚଳିତ ବର୍ଷର ୪୧ତମ ହତ୍ୟା। କ୍ୟାମ୍ପସ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ସୁରକ୍ଷା ନେଇ ଆଲର୍ଟ ଜାରି କରାଯାଇଛି। ପୁଲିସ କହିବା ଅନୁସାରେ, ଡିସେମ୍ବର ୨୩ରେ ଦ୍ୱିପହରରେ ହତ୍ୟା ନେଇ ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ହିଁ ଶିବାଙ୍କଙ୍କୁ ଗୁଳି ଲାଗିଥିବା ଅବସ୍ଥାରେ ପାଇଥିଲେ ଓ ତାଙ୍କୁ ମୃତ ବୋଲି ଘୋଷିତ କରିଥିଲା। ପୁଲିସ ଆସିବା ପୂର୍ବରୁ ଆକ୍ରମଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଲୋକଙ୍କୁ ନିବେଦନ କରିଛି। ଏଥିସହ ଟରଣ୍ଟୋରେ ଗତ ୩ ଦିନ ମଧ୍ୟରେ ଦୁଇଜଣ ଭାରତୀୟଙ୍କ ହତ୍ୟା କରାଯାଇଛି। ଏହାପୂର୍ବରୁ ଡିସେମ୍ବର ୨୦ରେ ଜଣେ ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଥିଲା। ତାଙ୍କସହ ରହୁଥିବା ପାର୍ଟନର ହିଁ ଏହି ହତ୍ୟାକାଣ୍ଡ ଘଟାଇଥିଲେ ବୋଲି କୁହାଯାଇଥିଲା। ଏହି ଘଟଣାରେ ଟରଣ୍ଟୋରେ ଭାରତୀୟ ଦୂତାବାସ ଶୋକ ପ୍ରକାଶ କରିଛି ଓ ଶିବାଙ୍କ ପରିବାର ସହ ଯୋଗାଯୋଗ ରକ୍ଷା କରାଯାଇଛି ବୋଲି କହିଛି। ସ୍ଥାନୀୟ ଅଧିକାରୀଙ୍କ ସହ କାର୍ଯ୍ୟକରି ଦୂତାବାସ ସବୁ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଦୂତାବାସ ଶିବାଙ୍କଙ୍କୁ ଜଣେ ଡକ୍ଟରେଟ ଛାତ୍ର ବୋଲି କହିଛି। ଯଦିଓ କିଛି ରିପୋର୍ଟ ତାଙ୍କୁ ଜଣେ ଜୀବ ବିଜ୍ଞାନ ଛାତ୍ର ବୋଲି କହିଛି।

ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବା କାନାଡ଼ା ସମେତ ବିଭିନ୍ନ ଦେଶରେ ଭାରତୀୟମାନଙ୍କୁ ଟାର୍ଗେଟ କରାଯାଉଛି ଓ ହତ୍ୟା କରାଯିବାର ଖବର ମିଳୁଛି। ଖାସ୍ କରି କାନାଡାରେ ଭାରତୀୟଙ୍କ ବିରୋଧରେ ହେଟ୍ କ୍ରାଇମ୍ ବା ଘୃଣା ହତ୍ୟା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଇଛି। ୨୦୧୯ରୁ ୨୦୨୩ ମଧ୍ୟରେ ଏହା ୨୦୦ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୨୦୨୪ରୁ ୨୦୨୫ ମଧ୍ୟରେ ଏହା ୧୩୫୦ ପ୍ରତିଶତ ବୃଦ୍ଧି ପାଇଛି।

# ମାଟିରେ ମିଶିଲା ଆଫଗାନିସ୍ତାନର ଐତିହାସିକ ସିନେମାହଲ୍: ନିର୍ମାଣ ହେବ ସପିଂ ସେଣ୍ଟର

କାବୁଲ୍, ୨୬।୧୨(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲର ଐତିହାସିକ ଏରିଆନା ପ୍ରେକ୍ଷାଳୟ ଅର୍ଥାତ ସିନେମାହଲ୍‌କୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ୧୯୬୩ରେ ନିର୍ମିତ ହୋଇଥିବା ଏହି ସିନେମା ଟକିଜକୁ ଡିସେମ୍ବର ୧୬ରେ ଭଙ୍ଗାଯିବାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ମାତ୍ର ଗୋଟିଏ ସପ୍ତାହ ମଧ ଏହାକୁ ମାଟିରେ ମିଶାଇ ଦିଆଯାଇଛି। ଏବେ ଏହି ସ୍ଥାନରେ ଏକ ସପିଂ ସେଣ୍ଟର ନିର୍ମାଣ କରାଯିବ ବୋଲି କୁହାଯାଇଛି। ଦୀର୍ଘ ଦଶନ୍ଧି ଧରି ଏରିଆନା ସିନେମା ହଲ୍ କାବୁଲର ଲୋକଙ୍କ ପାଇଁ ମନୋରଞ୍ଜନର କେନ୍ଦ୍ର ସାଜିଥିଲା। ଏଠାରେ ବଲିଉଡ, ହଲିଉଡ୍‌ର ଆକ୍ସନ ସିନେମା ଓ ପରେ ଆଫଗାନ୍ ସିନେମା ପ୍ରଦର୍ଶିତ କରାଯାଉଥିଲା। କିନ୍ତୁ ୨୦୨୧ରେ




ତାଲିବାନ ଶାସନକୁ ଆସିବା ପରେ ସିନେମା ଓ ସଙ୍ଗୀତ ସହିତ ଅଧିକାଂଶ ମନୋରଞ୍ଜନ କାର୍ଯ୍ୟକାଳାପ ଉପରେ ପ୍ରତିବନ୍ଧ ଲଗାଯାଇଥିଲା। ସବୁ ସିନେମାହଲ୍‌କୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଚଳିତ ବର୍ଷ ମେ'ରେ ଆଫଗାନ ଚଳଚ୍ଚିତ୍ର ପ୍ରଶାସନକୁ ମଧ ଭାଙ୍ଗିଦିଆ ଯାଇଥିଲା। ଏହା ପରେ ଏରିଆନ ସିନେମା ହଲ୍ ଦୀର୍ଘ ସମୟ ପାଇଁ ବନ୍ଦ ରହିଥିଲା। ଏ ନେଇ କାବୁଲ ନଗର ପ୍ରଶାସନ ସଫେଇ ଦେଇ କହିଛି ଯେ, ସିନେମା ହଲ ଯେଉଁ ସ୍ଥାନ ଉପରେ ତିଆରି ହୋଇଥିଲା ତାହା ବ୍ୟବସାୟିକ କ୍ଷେତ୍ରରେ ରହିଥିଲା। ଏଠାରେ ସପିଂ କମ୍ପ୍ଲେକ୍ସ ତିଆରି ହେଲେ ନଗର ନିଗମର ଆୟ ବୃଦ୍ଧି ପାଇବ ଓ ସହରର ବିକାଶ ତ୍ୱରାନ୍ୱିତ ହେବ ବୋଲି କୁହାଯାଇଛି।






**ଶୁକ୍ରବାର ଶଙ୍ଖ ଭବନରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ନେତା ଓ କର୍ମୀମାନେ ସ୍ୱାଗତ କରୁଛନ୍ତି**

# ଓଡ଼ିଆ ଝିଅ ଜ୍ୟୋତ୍ସ୍ନା ଶବରଙ୍କୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର'

ଭୁବନେଶ୍ୱର, ୨୬।୧୨ (ସମିସ): ବୀର୍ ବାଲ୍ ଦିବସ ଉପଲକ୍ଷେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୮ଟି ରାଜ୍ୟର ୨୦ଜଣ ଶିଶୁ ପ୍ରତିଭାଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ କରିଛନ୍ତି। କଳା, ସଂସ୍କୃତି, ଶିକ୍ଷା, ସମାଜସେବା, ସାହସିକତା ଓ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଦେଶର ୫ବର୍ଷରୁ ଊର୍ଦ୍ଧ୍ୱ ଓ ୧୮ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମାନିତ ହୋଇଥିବା ଶିଶୁ ପ୍ରତିଭାଙ୍କ ମଧ୍ୟରେ ଓଡ଼ିଶାର ପ୍ରତିଭାବାନ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ଶବର ଓ ବିହାରର ବିସ୍ମୟ କ୍ରିକେଟର୍ ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ୯ଜଣ କ୍ରୀଡ଼ାବିତ୍ ରହିଛନ୍ତି। ୧୭ବର୍ଷୀୟା ଜ୍ୟୋତ୍ସ୍ନା ପଦକ ଓ ପ୍ରମାଣପତ୍ର ସହ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ କରିଥିଲେ। ଦେଶର ପିଲାମାନଙ୍କ ପାଇଁ ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ନାଗରିକ ସମ୍ମାନ ପାଇବାରେ ଜ୍ୟୋତ୍ସ୍ନା ଦ୍ୱିତୀୟ ଓଡ଼ିଆ ଭାରୋତ୍ତୋଳିକା। ଗତବର୍ଷ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା।



ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବା ସମୟରେ ଜ୍ୟୋତ୍ସ୍ନାଙ୍କ ସହ ତାଙ୍କ ବାପା କୀର୍ତ୍ତନ ଶବର ଓ ମାମୁ ମଦନ ମୋହନ ଉପସ୍ଥିତ ଥିଲେ। ଗଜପତିରେ ଜନ୍ମିତ ଜ୍ୟୋତ୍ସ୍ନା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ 'କିସ୍' ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏସିଆନ୍ ୟୁଥ୍ ଜୁନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍ର ୨୦୨୩ ଓ ୨୦୨୪ ସଂସ୍କରଣରେ ଜ୍ୟୋତ୍ସ୍ନା ଯଥାକ୍ରମେ କାଂସ୍ୟ ଓ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିଭଳି ଚଳିତବର୍ଷ ପେରୁରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଚାମ୍ପିଅନସିପ୍ରେ ମଧ୍ୟ ସେ ଦମ୍ଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବର୍ତ୍ତମାନ ଜ୍ୟୋତ୍ସ୍ନା କିଟ୍ କ୍ରୀଡ଼ା ଏକାଡେମୀରେ ଅଭ୍ୟାସ କରୁଛନ୍ତି। ଅଲିମ୍ପିକ୍ସରେ ପଦକ ଜିତିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ଜ୍ୟୋତ୍ସ୍ନା କହିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ଲାଗି କିସ୍ ଓ କିଟ୍ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଜ୍ୟୋତ୍ସ୍ନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବସ୍ରେ ମାଗଣା ଯିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୬।୧୨(ସମିସ): ସରକାରୀ ବସ୍ରେ ମାଗଣା ଯାତାୟାତ କରିବେ ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍ବିଏସ୍) ଯୋଜନାରେ ପିଲାଙ୍କୁ ଏହି ସେବା ଯୋଗାଇ ଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।

**ଆଇକାର୍ଡ, ୟୁନିଫର୍ମ ବାଧ୍ୟତାମୂଳକ**

**ଅଧିକ ସ୍କୁଲ ଥିବା ରୁଟ୍ରେ ଗଡ଼ିବ ବସ୍**

ବିଦ୍ୟାଳୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ବସ୍ରେ ଯିବା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ସ୍କୁଲ୍ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଆସିବା ପାଇଁ ସହଜ ଓ ସୁଗମ ହେବ। ଉଭୟ ଶୀତତାପ ନିୟନ୍ତ୍ରିତ ଏବଂ ଅଣଶୀତତାପ ନିୟନ୍ତ୍ରିତ ବସ୍ରେ ସ୍କୁଲ ପିଲାମାନେ ମାଗଣାରେ ସ୍କୁଲ ଯିବାଆସିବା କରିପାରିବେ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍ଟିସି) ବସ୍ ଗୁଡ଼ିକର ସମୟ ଓ ମାର୍ଗରେ ମଧ୍ୟ ପରିବର୍ତ୍ତନ କରିବ। ସଫ୍ଟୱେୟାର୍ ଆପ୍ଲିକେସନ୍ରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ପିଲାଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ପାଇଁ ଅଧିକ ସ୍କୁଲ୍ ଥିବା ରୁଟ୍ରେ ବସ୍ ଗଡ଼ିବ।

**ପିକନିକ୍ ସ୍ପଟ୍ ପାଲଟୁଛି ମରଣଯନ୍ତା**

# ସୀତାକୁଣ୍ଡରେ ୨ ଭାଇଙ୍କ ସଲିଳ ସମାଧି

ବାରିପଦା, ୨୬।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ବୁଡ଼ି ସମ୍ପର୍କୀୟ ଦୁଇଭାଇ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ସଦର ଥାନା ଅଧୀନ ଅନ୍ଧେଇପାଲି ଗ୍ରାମର ଅଭିଷେକ ନାଏକ(୧୭) ଓ ସତ୍ୟବ୍ରତ ନାଏକ (୨୩)। ଅଗ୍ନିଶମ ବାହିନୀ ସହାୟତାରେ ବାରିପଦା ସଦର ପୁଲିସ ଘଟଣାସ୍ଥଳରୁ ଶବଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ, ପିକନିକ୍ ପାଇଁ ପରିବାର ସହ ଦୁଇଭାଇ ସୀତାକୁଣ୍ଡକୁ ଆସିଥିଲେ। ସେଠାରେ ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ତିନିଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେସଙ୍ଗେ ଜଣଙ୍କୁ ଉଦ୍ଧାର କରିଥିଲେ ହେଁ ଅନ୍ୟ ଦୁଇଭାଇ ବୁଡ଼ି ଯାଇଥିଲେ। ପରିବାରଲୋକ ଦୁଇ ଭାଇଙ୍କୁ ବଞ୍ଚାଇବା ପାଇଁ ଆକୁଳ ଚିତ୍କାର କରୁଥିଲେ ହେଁ କୁଣ୍ଡର ଗଭୀରତା ପାଇଁ କେହି ସାହସ ଜୁଟାଇ ପାରିନଥିଲେ। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଭାଇଙ୍କ ଶବ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜରେ ପ୍ରତିବର୍ଷ ପିକନିକ୍ ଋତୁରେ ଜଳପ୍ରପାତ, ବନ୍ଧ, ଡ୍ୟାମ ଓ ଜଳାଶୟମାନଙ୍କରେ ଏକାଧିକ ଜଳବୁଡ଼ି ମୃତ୍ୟୁ ହେଉଥିଲେ ହେଁ ପ୍ରଶାସନର ଚେତା ପଶୁନି। ଲୋକଙ୍କୁ ସଚେତନ କରାଯାଉନି କିମ୍ବା ପ୍ରତିଷେଧାତ୍ମକ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ।

# ବୋର୍ଡ ୱେବସାଇଟ୍ରେ ଓଟିଇଟି ଆନସର୍-କୀ'

କଟକ,୨୬।୧୨(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଗତ ଡିସେମ୍ବର୧୭ରେ ଅନୁଷ୍ଠିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି)ର ଆନସର୍-କି' ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହୋଇଛି। ପ୍ରକାଶ ପାଇଥିବା ଓଟିଇଟିର ପ୍ରୋଭିଜିନାଲ ଉତ୍ତରକୁ ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରାର୍ଥୀମାନେ ଚ୍ୟାଲେଞ୍ଜ କରୁଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଇଁ ୫୦୦ଟଙ୍କା ପଇଠ କରିବେ। ଏଥିସହ ଚ୍ୟାଲେଞ୍ଜର ସମର୍ଥନରେ ପ୍ରାମାଣିକ ଦସ୍ତାବିଜ୍ ଅପଲୋଡ୍ କରିପାରିବେ। ୨୪ ଘଣ୍ଟିଆ ଅନଲାଇନ୍ ଚ୍ୟାଲେଞ୍ଜ ପାଇଁ ଆସନ୍ତା ୨୯ ତାରିଖ ସକାଳ ୧୧ଟାରୁ ୨୦୨୬ ଜାନୁଆରି ୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଲିଙ୍କ୍ ଉପଲବ୍ଧ ହେବ। ଏହାକୁ ବୋର୍ଡର ପ୍ରଶ୍ନ ବିଶ୍ଳେଷଣ କମିଟି ଦ୍ୱାରା ଯାଞ୍ଚ ଏବଂ ବିଶ୍ଳେଷଣ କରାଯିବ। ବିସ୍ତୃତ ବିଶ୍ଳେଷଣ ପରେ ଓଟିଇଟିର ଚୂଡ଼ାନ୍ତ ଆନସର୍ କି' ଉପଲବ୍ଧ କରାଯିବ। ପ୍ରଶ୍ନ ବିଶ୍ଳେଷଣ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ପ୍ରାର୍ଥୀମାନଙ୍କ ପାଇଁ ବାଧ୍ୟତାମୂଳକ ହେବ।

# ପୂର୍ବତନ ଆଇଏଏସ୍ ବିନୋଦ କୁମାର ପୁଣି ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,୨୬।୧୨(ସମିସ): ପୂର୍ବତନ ଆଇଏଏସ୍ ଅଧିକାରୀ ବିନୋଦ କୁମାର ପୁଣିଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ (ଓଆର୍ଏଚଡିସି) ର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ଥିବା ବେଳେ ବ୍ୟାପକ ସରକାରୀ ଅର୍ଥ ହେରଫେର୍ ନେଇ ତାଙ୍କ ବିରୋଧରେ ସଂଗିନ୍ ଅଭିଯୋଗ ଆସିଥିଲା। ଗ୍ରାମାଞ୍ଚଳର ଗରିବଙ୍କ ଉଦ୍ଦେଶ୍ୟରେ ଆସିଥିବା ସରକାରୀ ଅର୍ଥକୁ ସେ ଅପବ୍ୟବହାର କରିଥିଲେ। ଉକ୍ତ ଅନୁଦାନକୁ ଅନ୍ୟତ୍ର ବିନିଯୋଗ କରି ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ। ତାଙ୍କ ସହ ଏହି ଦୁର୍ନୀତିରେ ଓଆର୍ଏଚଡିସିର ୬ଜଣ ସରକାରୀ ଅଧିକାରୀ ମଧ୍ୟ ସାମିଲ ଥିଲେ। ସରକାରୀ ପଦର ଦୁରୁପଯୋଗ କରି ସେମାନେ ନକଲି ଦସ୍ତାବିଜ୍ ଆଧାରରେ ପାଣ୍ଠିକୁ ବିଲଡର୍ ସଂଗ୍ରାମ କେଶରୀ ସାହୁଙ୍କୁ ପ୍ରଦାନ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ବିନୋଦଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରେ ଭିଜିଲାନ୍ସ ଏହାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ବିନୋଦଙ୍କ ସମେତ ଏହି ମାମଲାରେ ଅନ୍ୟ ୬ଜଣ ସ୍ୱସ୍ତି ରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ରାଉତ, ସତ୍ୟପ୍ରକାଶ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଉମେଶ ସ୍ୱାଇଁ ଏବଂ ବିଲଡର ସଂଗ୍ରାମ କେଶରୀ ସାହୁଙ୍କୁ ମଧ୍ୟ ଦୋଷୀ ସାବ୍ୟସ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଦୁର୍ନୀତି ମାମଲାରେ ପୂର୍ବତନ ଆଇଏଏସ୍ ବିନୋଦ କୁମାର ୧୧ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହା ତାଙ୍କର ୧୨ତମ ସଜା।

# ଫରେଷ୍ଟରଙ୍କ ଘରେ କେଜିଏ ସୁନା, ବିଡ଼ାବିଡ଼ା ଟଙ୍କା

ଭୁବନେଶ୍ୱର/ସେମିଳିଗୁଡ଼ା, ୨୬।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଫରେଷ୍ଟ ଡିଭିଜନ୍ର ଫରେଷ୍ଟର୍ ନିରଞ୍ଜନ ଶତପଥୀଙ୍କ ସେମିଳିଗୁଡ଼ାସ୍ଥିତ ସରକାରୀ ବାସଭବନ ସହ ଭୁବନେଶ୍ୱରର ୬ଟି ଓ ଜଗତସିଂହପୁରସ୍ଥିତ ପୈତୃକ ଘରେ ଶୁକ୍ରବାର ଚଢ଼ଉ କରିଛି ଭିଜିଲାନ୍ସ। ଚଢ଼ଉ ସମୟରେ ତାଙ୍କ ଘରୁ ବିପୁଳ ପରିମାଣର ନଗଦ ଟଙ୍କା, ସୁନା, ବିଦେଶୀ ମୁଦ୍ରା, ଘର ଓ ୭ ପ୍ଲଟର କାଗଜପତ୍ର ଜବତ ହୋଇଛି।



**ରାଜଧାନୀରେ ୨, ଜଗତସିଂହପୁରରେ ୪ ପ୍ଲଟ୍**

**୬୨୫ ଟଙ୍କାରୁ ଚାକିରି ଆରମ୍ଭ; ଏବେ କୋଟିପତି**

ଭିଜିଲାନ୍ସ ସୂଚନା ମୁତାବକ, ନିରଞ୍ଜନଙ୍କ ଝାରପଡ଼ାରେ ଦୁଇଟି କୋଠା ରହିଛି। ପ୍ରତ୍ୟେକ କୋଠା ୪୦୫୦ ବର୍ଗଫୁଟ୍ ଓ ୩ ମହଲା ବିଶିଷ୍ଟ। ସେହିପରି ସେମିଳିଗୁଡ଼ାରେ ଗୋଟିଏ କୋଠା ରହିଛି। ଏହାସହ ଭୁବନେଶ୍ୱରରେ ୨ଟି, ଜଗତସିଂହପୁରରେ ୪ଟି ଓ ସେମିଳିଗୁଡ଼ାରେ ଗୋଟିଏ ପ୍ଲଟ୍ ରହିଛି। ତାଙ୍କ ଘରୁ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଓ ୨୫୦ ଗ୍ରାମ୍ ରୁପା ଅଳଙ୍କାର ମଧ୍ୟ ଜବତ ହୋଇଥିବା ଭିଜିଲାନ୍ସ କହିଛି। ସୂଚନାନୁସାରେ, ନିରଞ୍ଜନଙ୍କର ଘରର ବିଭିନ୍ନ ସ୍ଥାନରୁ ବିଡ଼ାବିଡ଼ା ଟଙ୍କା ଭିଜିଲାନ୍ସ ପାଇଛି। ନଗଦ ଟଙ୍କାର ପରିମାଣ ପ୍ରାୟ ୧୦ଲକ୍ଷ ହେବ ବୋଲି କୁହାଯାଇଛି। ଏହାସହ ୩ଟି ଆମେରିକୀୟ ଡଲାର, ୬ଟି ଭିଏତ୍ନାମିଜ୍ କରେନ୍ସି, ୬ଟି ହଂକଂ ଡଲାର, ୨ଟି ଇଣ୍ଡୋନେସିଆନ୍, ୮ଟି ଥାଇଲାଣ୍ଡ ଭାଟ୍, ୪ଟି ମକାଉ ପଟାକା, ୪ଟି ମାଲେସିଆନ୍ ରିଙ୍ଗିଟ୍ ଜବତ ମଧ୍ୟ ଜବତ ହୋଇଛି। ବିଭିନ୍ନ ବ୍ୟାଙ୍କରେ ସେ ୬୬.୪୨ଲକ୍ଷ ଜମା ରଖିଛନ୍ତି ଏବଂ ବିଟ୍-କଏନ୍ରେ ୧.୬୬ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ତାଙ୍କର ଗୋଟିଏ ଟାଟା ହାରିୟର୍ ଏବଂ ୩ଟି ଦୁଇ ଚକିଆ ଯାନ ଅଛି। ଘରେ ଲାଗିଥିବା ଦାମୀ କବାଟ ଝରକା, ଖଟ, ଲାଇଟ୍ ଝୁମର, କଣ୍ଟେଇର ମୂଲ୍ୟ ୩୦.୭୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ୩୭ବର୍ଷ ତଳେ ସେ ୬୨୫ ଟଙ୍କାରେ ଫରେଷ୍ଟଗାର୍ଡ ଚାକିରି ଆରମ୍ଭ କରିଥିଲେ। ପରେ ପଦୋନ୍ନତି ପାଇ ଫରେଷ୍ଟର୍ ହୋଇଥିଲେ। ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ଓ ପଚରାଉଚରା ଚଳାଇଛି।

# କୋଟିପତି କନିଷ୍ଠ ଯନ୍ତ୍ରୀଙ୍କ ଘରେ ଚଢ଼ଉ

ମାଲକାନଗିରି,୨୬।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମାଲକାନଗିରି ଜିଲ୍ଲା ସଦର ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ନୀହାର ରଞ୍ଜନ ସରକାରଙ୍କ ଘର ସମେତ ୪ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି।



ସୂଚନାନୁଯାୟୀ, ୨୦୧୫ ମସିହାରେ କାର୍ଯ୍ୟରେ ଯୋଗ ଦେଇଥିବା ନୀହାରଙ୍କ ୨୦୨୨ ମସିହାରେ ଚାକିରି ନିୟମିତ ହୋଇଥିଲା। ଏହା ମଧ୍ୟରେ ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ଶ୍ରୀ ସରକାରଙ୍କ ନିଜସ୍ୱ ଘର ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା। ଜିଲ୍ଲା ସଦରରେ ଥିବା ଜୟନଗରସ୍ଥିତ ୩ମହଲା ବିଶିଷ୍ଟ କୋଠାଘର, କାଳିମେଳା ବ୍ଲକ୍ ଅନ୍ତର୍ଗତ ଏମ୍ପିଭି-୧୦ଗାଁରେ ଥିବା ପୈତୃକ ଘର, ନବରଙ୍ଗପୁର ଜିଲ୍ଲା ରାଇଘରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର ଓ ମାଲକାନଗିରି ବ୍ଲକ୍ କାର୍ଯ୍ୟାଳୟ ଅଫିସ୍ରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ଶ୍ରୀ ସରକାରଙ୍କ ୮ଟି ମୂଲ୍ୟବାନ ଜମି ସମେତ ନଗଦ ୨ଲକ୍ଷ ୧୧ ହଜାର ୮୦୦ ଟଙ୍କା, ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟାଲ ଜମା ରାଶି ଠାବ କରିଛି। ଚଢ଼ଉରେ ୪ ଜଣ ଡିଏସ୍ପି, ୭ ଜଣ ଇନ୍ସପେକ୍ଟର୍ଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**ଉପାନ୍ତରୁ ଉପକୂଳ ଥଣ୍ଡାର ରାଜୁତି**

# ନୂଆ ବର୍ଷ ପର୍ଯ୍ୟନ୍ତ ଶୀତରୁ ମିଳିବନି ନିସ୍ତାର

ଭୁବନେଶ୍ୱର,୨୬।୧୨(ସମିସ): ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ଥଣ୍ଡାର ରାଜୁତି ଜାରି ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୪.୮ ଡିଗ୍ରୀ ଥିବା ରେକର୍ଡ୍ କରାଯାଇଛି। ଗତ ୧୫ ବର୍ଷ ମଧ୍ୟରେ ଡିସେମ୍ବର ମାସରେ ଦ୍ୱିତୀୟ ଥର ପାଇଁ ତାପମାତ୍ରା ୪.୮ ଡିଗ୍ରୀକୁ ଖସିଛି। ଏହା ପୂର୍ବରୁ ୨୦୧୮ ମସିହା ୩୧ ଡିସେମ୍ବରରେ ତାପମାତ୍ରା ୪.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଡିସେମ୍ବର ୨୬ରେ ପୁନର୍ବାର ଏହି ରେକର୍ଡକୁ କୋରାପୁଟ ଦୋହରାଇଛି। କୋରାପୁଟ ସମେତ ସେମିଳିଗୁଡ଼ାରେ ତାପମାତ୍ରା ୬.୩, ଦାରିଙ୍ଗବାଡ଼ି ୬.୫, ଝାରସୁଗୁଡ଼ା ୭.୮, ଫୁଲବାଣୀ ୭.୫, ରାଉରକେଲାରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ ହୋଇଛି।

**କୋରାପୁଟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ**

ଶୀତ ସହ ପାଣିପାଗ କେନ୍ଦ୍ର ଅନେକ ସ୍ଥାନର ପାଇଁ ଘନ କୁହୁଡ଼ି ସତର୍କ ସୂଚନା ଜାରି କରିଛି। ବିଶେଷକରି ସକାଳ ସମୟରେ କନ୍ଧମାଳ, କୋରାପୁଟ, ନୟାଗଡ଼, ଗଞ୍ଜାମ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଆଦିରେ ଘନ କୁହୁଡ଼ି ହେବାର ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ରହିବାକୁ ୟେଲୋ ଆଲର୍ଟ ଜାରି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଜାରି ରହିଥିବା ଥଣ୍ଡା ନୂଆ ବର୍ଷ ପର୍ଯ୍ୟନ୍ତ ରହିବ। ଡିସେମ୍ବର ୩୧ ରାତିରେ ଭୁବନେଶ୍ୱର ତାପମାତ୍ରା ୧୨-୧୩ ଡିଗ୍ରୀ ରହିବାର ସମ୍ଭାବନା ରହିଛି। ସାରା ରାଜ୍ୟରେ ବର୍ତ୍ତମାନର ସର୍ବନିମ୍ନ ତାପମାତ୍ରା ଊଣା ଅଧିକେ ଚାଲୁ ରହିବ। ମଝିରେ ମଝିରେ ୧ରୁ୨ ଡିଗ୍ରୀ ବଢ଼ିବ ବା କମିବ। ଶିଶିରପାତ ଜାରି ରହିବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମଝିରେ ମଝିରେ ପତଳା କୁହୁଡ଼ି ହୋଇପାରେ। କିନ୍ତୁ ଘନ କୁହୁଡ଼ି ହେବାର ସମ୍ଭାବନା କମ୍ ରହିଛି। ଏହାସହିତ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ଅତିରିକ୍ତ ସୁରକ୍ଷା ଜମା ସଂପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା କଂଗ୍ରେସ

ଭୁବନେଶ୍ୱର, ୨୬।୧୨(ସମିସ): ଆମ କୋଇଲା, ଆମ ପାଣି ବ୍ୟବହାର କରି ଅଳ୍ପ ମୂଲ୍ୟରେ ବିଜୁଳି ଉତ୍ପାଦନ ହେଉଛି। ମାତ୍ର ସମଗ୍ର ଦେଶରେ ଓଡ଼ିଶାର ବିଜୁଳି ଉପଭୋକ୍ତାମାନେ ସବୁଠାରୁ ଅଧିକ ଶୋଷିତ ଓ ଅବହେଳିତ। ଓଡ଼ିଶାରୁ କୋଇଲା ନେଇ ପଞ୍ଜାବ ପରି ରାଜ୍ୟ ୨୦/୨୫ ଭାଗ କୃଷି ଉପଭୋକ୍ତାଙ୍କୁ ସଂପୂର୍ଣ୍ଣ ଏବଂ ୩୦ରୁ ୩୫ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ଲେଖାଏଁ ବିଜୁଳିଦେୟ ଛାଡ଼ କରୁଛି। ମାତ୍ର ଓଡ଼ିଶାର ୨ ପ୍ରତିଶତ କୃଷି ଉପଭୋକ୍ତା ଏବଂ ୭ରୁ ୮ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କୁ ଗୋଟିଏ ୟୁନିଟ୍ ମଧ୍ୟ ମାଗଣାରେ ଦିଆଯାଉନାହିଁ। ଓଡ଼ିଶାରେ ବ୍ୟବହୃତ ହେଉଥିବା ମୋଟ ୭୦ ପ୍ରତିଶତ ବିଜୁଳି ଶିଳ୍ପ କ୍ଷେତ୍ରକୁ ଦିଆଯାଉଛି। ସେଥିରେ ସାମାନ୍ୟ ଦରବୃଦ୍ଧି କଲେ, ଓଡ଼ିଶାର ସମସ୍ତ ଘରୋଇ ଓ କୃଷି ଉପଭୋକ୍ତାଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ, ଅନ୍ୟାୟମୂଳକ ଭାବେ ଘରୋଇ ଉପଭୋକ୍ତାମାନଙ୍କୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍ଡି) ଦାଖଲ କରିବା ପାଇଁ ବାଧ କରିବା ଛାଡ଼ି ସରକାର ସବ୍ସିଡି ଜରିଆରେ ଘରୋଇ ଉପଭୋକ୍ତାଙ୍କୁ ୩୦୦ରୁ ୪୦୦ ୟୁନିଟ୍ ବିଦ୍ୟୁତ୍ ଦେୟ ଛାଡ଼ କରିବା ସହ ସଂପୂର୍ଣ୍ଣ କୃଷିକ୍ଷେତ୍ରକୁ ବିଜୁଳି ଦେୟମୁକ୍ତ କରନ୍ତୁ। ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ନିକଟରେ ଏଭଳି ଦାବି ରଖିଛନ୍ତି।



**ଘରୋଇ ଉପଭୋକ୍ତାଙ୍କୁ ମାଗଣା ୩୦୦ ୟୁନିଟ୍ ବିଜୁଳି ଦିଅ**

**କୃଷି କ୍ଷେତ୍ରରେ ଦେୟମୁକ୍ତ ବିଜୁଳି ଯୋଗାଣ ଦାବି**

**୨୯ରେ ରାଜ୍ୟବ୍ୟାପୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପଡ଼ିବ: ଭକ୍ତ**

ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଓଡ଼ିଶାରୁ ଉତ୍ପାଦିତ ୨୪୦ ନିୟୁତ ମେଟ୍ରିକ୍ ଟନ କୋଇଲାରୁ କେବଳ ୨୨ନିୟୁତ ଟନ୍ କୋଇଲା ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ଉପଯୋଗ ହେଉଛି। ଏଥିପାଇଁ ଓଡ଼ିଶାକୁ ବହୁ ମୂଲ୍ୟ ଦେବାକୁ ପଡ଼ୁଛି। ଅନୁଗୋଳ ଦେଶର ଷଷ୍ଠ ପ୍ରଦୂଷିତ ସହର ହୋଇଥିବା ବେଳେ ଭୁବନେଶ୍ୱର ସମେତ ଓଡ଼ିଶାର ୩୦ସହର ପ୍ରଦୂଷିତ ତାଲିକାରେ ସ୍ଥାନ ପାଉଛି। ଏ ସମସ୍ତ ତଥ୍ୟକୁ ବିଚାରକୁ ନେଇ ସରକାର ତୁରନ୍ତ ଏଏସ୍ଡି ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଇସ୍ତାହାର ଅନୁସାରେ ଅନ୍ୟୂନ ୩୦୦ରୁ ୪୦୦ ୟୁନିଟ୍ ଛାଡ଼ କରନ୍ତୁ। ସେହିପରି, ରାଜ୍ୟର କୃଷି ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ାଇବାକୁ ହେଲେ କୃଷିଭିତ୍ତିକ ଶିଳ୍ପର ପ୍ରୋତ୍ସାହନ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଦାବି ପୂରଣ ଦିଗରେ ପଦକ୍ଷେପ ନିଆନଗଲେ, ଆସନ୍ତା ୨୯ ଡିସେମ୍ବରରେ କଂଗ୍ରେସ ପକ୍ଷରୁ ରାଜ୍ୟର ସବୁ ବିଜୁଳି ଅଫିସ୍ରେ ତାଲା ପକାଯିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଦଗାର କରିଥିଲେ।

# ଖୁବ୍ଶୀଘ୍ର କୁଳପତି ନିଯୁକ୍ତି

ଭୁବନେଶ୍ୱର, ୨୬।୧୨(ସମିସ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପ୍ରକ୍ରିୟା ନେଇ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ଯୋଗ୍ୟତା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ ରାଜ୍ୟପାଳଙ୍କୁ ଅବଗତ କରିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଓ ଶାସନକୁ ସୁଦୃଢ଼ କରିବା, ଶୈକ୍ଷିକ ମାନରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷଣ ଓ ଅଧ୍ୟୟନର ଗୁଣାବତ୍ତା ବୃଦ୍ଧି କରିବାକୁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କୁଳପତି ଚୟନ ପାଇଁ ସାକ୍ଷାତକାର ପ୍ରକ୍ରିୟା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ଶୀଘ୍ର ରାଜ୍ୟର ପ୍ରମୁଖ ୧୩ ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି କରାଯିବ।

# ଇସିଆଇଙ୍କ ୩ ଦିନିଆ ଓଡ଼ିଶା ଗସ୍ତ ଆଜିଠୁ

ଭୁବନେଶ୍ୱର, ୨୬।୧୨ (ସମିସ): ଭାରତର ମୁଖ୍ୟ ନିର୍ବାଚନ କମିସନର୍ (ଇସିଆଇ) ଜ୍ଞାନେଶ କୁମାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶନିବାର ଇସିଆଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ପୁରୀ ଯିବେ। ସେଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ କୋଣାର୍କ ଗସ୍ତ କରିବେ। କୋଣାର୍କ ମନ୍ଦିର ପରିଦର୍ଶନ ସହ ସେଠାରେ ସେ ରାତ୍ରିଯାପନ କରିବେ। ଡିସେମ୍ବର ୨୮ରେ ଇସିଆଇ ରଘୁରାଜପୁର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ଆଦି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସୋମବାର ଅପରାହ୍ଣ ୩ଟାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍ରେ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରିବେ। ଏଠାରେ ମୁଖ୍ୟତଃ ରାଜ୍ୟରେ ହେବାକୁ ଥିବା ଏସ୍ଆଇଆର୍ ସମ୍ପର୍କରେ ଇସିଆଇ ନିଜର ମତ ଦେବେ।

# ବଡ଼ଭାଇକୁ ପଥରରେ ଛେଚି ହତ୍ୟା

ଡୁଙ୍ଗୁରିପାଲି,୨୬।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଲଚ୍ଛିପୁର ଥାନା ଅଧୀନ ଲୁପୁରସିଂହା ଇନ୍ଦିରାପଲ୍ଲି ଗ୍ରାମରେ ଶୁକ୍ରବାର ଭୋର୍ ୫ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ବଡ଼ଭାଇକୁ ପଥରରେ ଛେଚି ହତ୍ୟା କରିଛି ସାନ। ମୃତକ ହେଲେ, ଦାସ ମଲ୍ଲିକ (୪୮)। ଏହି ଘଟଣାରେ ଅଭିଯୁକ୍ତର ସ୍ତ୍ରୀ ମଧ୍ୟ ସହଯୋଗ କରିଛି। ଦୁଇ ଭାଇଙ୍କ ମଧ୍ୟରେ ସବୁବେଳେ କଳି ଝଗଡ଼ା ଲାଗି ରହୁଥିଲା। ଆଜି କୌଣସି କଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। କଥା କଟାକଟିରୁ ଆରମ୍ଭ ଏହି ବଚସା ହାତାହାତି, ମାରପିଟ୍ ପର୍ଯ୍ୟନ୍ତ ଯାଇଥିଲା। ଏପରିକି, ରାଗରେ ଜଳୁଥିବା ସୁରୁ ପାଖରେ ପଡ଼ିଥିବା ଏକ ପଥରରେ ବଡ଼ଭାଇର ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାସଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତ ସାନଭାଇ ଓ ଭାଇବୋହୂ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଲଚ୍ଛିପୁର ଥାନାରେ ମୃତ ଦାସଙ୍କ ପୁଅ ବିଘ୍ନରାଜ ମଲ୍ଲିକ ଅଭିଯୋଗ କରିବା ପରେ ପୁଲିସ ଇନ୍ଦିରାପଲି ଗାଁରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ଲାଗି ଡାକ୍ତରଖାନା ପଠାଇଥିଲା। ଏହାସହ ଫେରାର୍ ଦୁଇ ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି।

ସକାଳ THE SAKALA



www.sakalaepaper.com


## ଟିପିସିଓଡିଏଲକୁ ହସ୍ତାନ୍ତର ହେବ ବିଦ୍ୟୁତ୍ ଯୋଗାଣ ଦାୟିତ୍ୱ

# ଓଏଚପିସି ପକ୍ଷରୁ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ ଅଭିଯାନ

ରେଙ୍ଗାଲି,୨୬ ।୧୨(ସମିସ)

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପରୁ ଡ୍ୟାମ, ଗ୍ୟାଲେରୀ, ସମସ୍ତ ସରକାରୀ କାର୍ଯ୍ୟାଳୟ, ପରମାନେଣ୍ଟ କଲୋନୀ, ବଜାର, ବସ୍ତି ସମେତ ସମଗ୍ର ଅଞ୍ଚଳରେ ଓଏଚପିସି ପକ୍ଷରୁ ବିଦ୍ୟୁତ ଯୋଗାଣ ହେଉଥିବା ବେଳେ ୪ଦିନ ହେଲା ବେଆଇନ ଭାବେ ଲୋକଙ୍କୁ ଉଭେଇ କରି ଓଏଚପିସି ଉପଭୋକ୍ତାଙ୍କ ବିଦ୍ୟୁତ ସଂଯୋଗ କାଟି ଦେଉଛି। ଦୀର୍ଘବର୍ଷ ଧରି ଓଏଚପିସିରେ ଉପଭୋକ୍ତା ଥିବା ଲୋକଙ୍କୁ ଅଗଣତାନ୍ତ୍ରିକ ଉପାୟରେ ଜୋରଜବରଦସ୍ତ ଟିପିଓଡିଏଲରେ ନୂତନ ଉପଭୋକ୍ତ ହେବାକୁ ବାଧ୍ୟ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ ଟାଟା ପାୱାରକୁ ଓଏଚପିସି ହସ୍ତାନ୍ତର କରିବାକୁ ଯାଉଥିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ପ୍ରକ୍ରିୟା ଆରମ୍ଭ କରିଛି। ଫଳରେ ପ୍ରକଳ୍ପ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ବିଦ୍ୟୁତ ଉପଭୋକ୍ତାଙ୍କ

**ଡ୍ୟାମ ଅଞ୍ଚଳରେ କୋକୁଆ ଭୟ**



ଟାଟା ପାୱାର ଶୋଷଣ କରୁଥିବାରୁ ଏହା ବିରୋଧରେ ସାରା ରାଜ୍ୟରେ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳର ବିଦ୍ୟୁତ ବିତରଣ କ୍ଷମତା ଟାଟା ପାୱାରକୁ ହସ୍ତାନ୍ତର ଉଦ୍ୟମକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଓଏଚପିସି ଏଠାରୁ ଜଳ ବିଦ୍ୟୁତ ଉତ୍ପାଦନ କରି କୋଟି କୋଟି ଟଙ୍କା ଲାଭ କରୁଥିବା ବେଳେ ପ୍ରକଳ୍ପ ଅଞ୍ଚଳର ଉନ୍ନତି ଦିଗରେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରୁନାହିଁ। କେବଳ ଡ୍ୟାମ ଅଞ୍ଚଳକୁ ବିଦ୍ୟୁତ ଯୋଗାଉଛି। ତାହା ମଧ୍ୟ ଦେୟ ଆଦାୟ କରି। ଗତ ୨୨ ତାରିଖରୁ ଓଏଚପିସି କର୍ତ୍ତୃପକ୍ଷ ଓ ପୁଲିସ ମିଳିତ ଚଢ଼ଉ କରି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାରେ ଲାଗିପଡ଼ିଛନ୍ତି। ଓଏଚପିସିର ଏଭଳି ଅମାନବୀୟ ଭାବେ ବିଦ୍ୟୁତ ବିଚ୍ଛିନ୍ନ କାର୍ଯ୍ୟକୁ ଜନସାଧାରଣ ଘୋର ନିନ୍ଦା କରିବା ସହ ପୂର୍ବପରି ଓଏଚପିସି ପ୍ରକଳ୍ପବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଜାରି ରଖିବାକୁ ଦାବି କରିଛନ୍ତି।

## ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ରେଙ୍ଗାଲି,୨୬ ।୧୨(ସମିସ): କଣିହାଁ ବ୍ଲକ୍ କୁଲୁମା ପଞ୍ଚାୟତ ଖଣ୍ଡ ଗ୍ରାମ ନିକଟସ୍ଥ ଶଙ୍ଖଜ୍ୟୋତି ପବ୍ଲିକ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନନ୍ଦକିଶୋର ମହାକୁଡ଼ ଯୋଗଦେଇ ଶୃଙ୍ଖଳା ଓ ଅନୁଶାସନ ଦ୍ୱାରା ଛାତ୍ରଛାତ୍ରୀ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ସଦାଶିବ ପ୍ରଧାନ ଉତ୍ସବରେ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବୁଢ଼ାପାଳ ଡିଗ୍ରୀ ମହାବିଦ୍ୟାଳୟଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଯୋଗ ଛାତ୍ରଛାତ୍ରୀମାନେ ଜିଜ୍ଞାସୁ ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷ ବୈଷ୍ଣବ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାହୁଲ ତିର୍କୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଐଶ୍ୱର୍ଯ୍ୟ ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଲେଖକ ନିର୍ଦ୍ଦେଶକ ଗୋବିନ୍ଦ ନାୟକଙ୍କ ନିର୍ଦ୍ଦେଶନାରେ ହାସ୍ୟ ରସାତ୍ମକ ନାଟକ 'ସମୁଦି ଭୂତ' ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ୧୮ ଦଫା ଦାବିରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଅନୁଗୋଳ,୨୬ ।୧୨(ସମିସ): ୧୮ ଦଫା ଦାବି ପୂରଣ ନେଇ ଅନୁଗୋଳର ଡାକ୍ତରମାନେ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିନକୁ ଘଣ୍ଟାଏ ଲେଖାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଅନୁଗୋଳ ଓମସା ସଭାପତି ଡା. ବିଶ୍ୱଜିତ୍ ସାମଲଙ୍କ ନେତୃତ୍ୱରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେଣ୍ଟ୍ରାଲ ଡିଏସିପି, କେବିକେ ବଦଳି ପଲିସି, ସ୍ୱଚ୍ଛ ବଦଳି ନୀତି, କ୍ୟାଡର ପୁନର୍ଗଠନ, ନିୟମିତ ଡିପିସି ବସିବା ଆଦି ଦାବି ନେଇ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ଦାବି ନ ଶୁଣିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଛନ୍ତି। ଶୁକ୍ରବାର ମେଡିକାଲ କଲେଜ ଡାକ୍ତରଙ୍କୁ ଛାଡ଼ି ଅନ୍ୟମାନେ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା, ଶ୍ୱେତା ସର, ଡା. ପ୍ରିୟଙ୍କା ପ୍ରିୟଦର୍ଶିନୀ, ଡା. କାଜୋଲ ମହାପାତ୍ର, ଡା. ନନ୍ଦକିଶୋର ସାହୁ, ଡା. ପ୍ରଦୀପ ଧର, ଡା. ବିଭୁଦତ୍ତ ପାତ୍ର, ଡା. ସୁଶାନ୍ତ ଗଡ଼ନାୟକ, ସଂଘ କୋଷାଧ୍ୟକ୍ଷ ରତିରଞ୍ଜନ ସ୍ୱାଇଁ, ଡା. ଘନଶ୍ୟାମ ବେହେରା, ଡା. ଶଶିକାନ୍ତ ବେହେରା, ଡା. ବାସୁଦେବ ମାର୍ଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

## ଅନାସ୍ଥାରେ ପଦ ହରାଇଲେ ଧଉରାପାଲି ସରପଞ୍ଚ



କିଶୋରନଗର,୨୬ ।୧୨(ସମିସ): ଅନାସ୍ଥାରେ ପଦ ହରାଇଛନ୍ତି କିଶୋରନଗର ବ୍ଲକ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ। ସରପଞ୍ଚଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ପଞ୍ଚାୟତର ୱାର୍ଡ ସଭ୍ୟ ଆଶୁତୋଷ ରଣାଙ୍କ ସମେତ ୧୧ ଜଣ ୱାର୍ଡ ସଭ୍ୟସଭ୍ୟା ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଶୁକ୍ରବାର ଏହି ଅନାସ୍ଥା ପ୍ରସ୍ତାବ ଉପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ ଗ୍ରହଣ କରାଯାଇଥିଲା। ରିଟର୍ଣ୍ଣିଂ ଅଫିସର ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ ଉପସ୍ଥିତ ଥିଲେ। ପଞ୍ଚାୟତର ୧୫ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୧୧ ଜଣ ସରପଞ୍ଚ ସାହୁଙ୍କ ବିରୋଧରେ ଭୋଟ ଦେଇଥିବା ତହସିଲଦାର ସୂଚନା ଦେଇଛନ୍ତି।

## ଜାତୀୟ ଉପଭୋକ୍ତା ଅଧିକାର ଦିବସ ପାଳିତ

ଅନୁଗୋଳ,୨୬ ।୧୨(ସମିସ): ସାମାଜିକ ସଂଗଠନ ସ୍ପନ୍ଦନ ତରଫରୁ ଜିଲ୍ଲା ବୈଧ ମାପ ଓଜନ, ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ଅଧିକାର ଦିବସ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟସ୍ଥିତ ସାରଦା ଭବନରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଚଳିତ ବର୍ଷର ବିଷୟବସ୍ତୁ "ଡିଜିଟାଲ ନ୍ୟାୟ ମାଧ୍ୟମରେ ଦକ୍ଷ ଏବଂ ଶୀଘ୍ର ସମାଧାନ' ସମ୍ବନ୍ଧରେ ଆଲୋଚନା କରିଥିଲେ। ଯୁବ ସମାଜ ଜାଗ୍ରତ ହେଲେ ଗ୍ରାହକମାନେ ଠକାମିରୁ ମୁକ୍ତି ପାଇପାରିବେ ବୋଲି ସେ କହିଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ ଆଦି ସମ୍ବନ୍ଧରେ ବର୍ଣ୍ଣନା କରିବା ସହ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଯୋଗାଣ ଅଧିକାରିଣୀ ସନ୍ତୋଷିନୀ ପଣ୍ଡା ଯୋଗଦେଇ କହିଲେ, ଖାଉଟିମାନେ ସବୁ ସ୍ତରରେ ଠକାମିର ଶିକାର ହେଉଛନ୍ତି। ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହ ସାମଗ୍ରୀ କିଣିବା ସହିତ ଜାଗ୍ରତ ରହିବାକୁ ପରାମର୍ଶ ଦେଇଥିଲେ। କୁମରୁସିଙ୍ଗା ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ସୌମ୍ୟରଞ୍ଜନ ଘୋଷ, ଓଜନ ମାପ ବିଭାଗ ନିରୀକ୍ଷକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ। ଦିବସ ପାଳନ ଉପଲକ୍ଷେ ରାଣୀଗୋଡ଼ା ଗ୍ରାମରେ ମହିଳା ଏବଂ ବାଳିକାମାନଙ୍କୁ ନେଇ ହୋଇଥିବା ମ୍ୟୁଜିକ ଚେୟାର ଏବଂ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୭ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ଗସ୍ତ



**ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଉଦଘାଟନ କରିବେ**

**କୃଷି ଯନ୍ତ୍ରପାତି ମେଳାରେ ଯୋଗଦେବେ**

**କାର୍ଯ୍ୟକ୍ରମସ୍ଥଳରେ ଜିଲ୍ଲାପାଳଙ୍କ ତଦାରଖ**

କିଶୋରନଗର,୨୬ ।୧୨(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୮ ତାରିଖ କିଶୋରନଗର ଗସ୍ତ କରି ସ୍ଥାନୀୟ ବରପଡ଼ିଆଠାରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ଶୁକ୍ରବାର ଜିଲ୍ଲାପାଳ ଅବଦଲ ଏମ୍ ଅଖତର ପ୍ରସ୍ତାବିତ କାର୍ଯ୍ୟକ୍ରମସ୍ଥଳକୁ ଆସି ପ୍ରସ୍ତୁତି ତଦାରଖ କରିଛନ୍ତି। ପରେ ଜିଲ୍ଲାପାଳ କିଶୋରନଗର ଡିଗ୍ରୀ କଲେଜର ନୂତନ ଛାତ୍ରୀନିବାସ ଗୃହ ପରିଦର୍ଶନ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ବାମୁର ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ରାଜ୍ୟ ଚଷା ମହାସଂଘ ସଭାରେ ଯୋଗଦେବେ। ମଧ୍ୟାହ୍ନଭୋଜନ ପରେ ଖଣ୍ଡହତା ଛକରୁ ବାଇକ୍ ଶୋଭାଯାତ୍ରାରେ ଆସି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ କିଶୋରନଗର ଡିଗ୍ରୀ କଲେଜର ଛାତ୍ରୀନିବାସ ଉଦଘାଟନ କରି ମଣ୍ଟୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ ଯୋଗଦେବେ। ପରେ ସେହି ବରପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଭୂମିପୂଜା ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ତହସିଲଦାର ବିକ୍ରମ ନାୟକ, ବିଡିଓ ସୁବ୍ରତ ବେହେରା, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ, କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଏସଡିପିଓ ସୁଶାନ୍ତ କୁମାର ତାଉଡିଆ, ଥାନା ଆଇଆଇସି ବିଭୂତି ପ୍ରଧାନ ଉପସ୍ଥିତ ଥିଲେ।

**ଉଚ୍ଛେଦ ବନ୍ଦକରି ଘରଡିହ ପଟ୍ଟା ପ୍ରଦାନ ଦାବି**

## ଅନୁଗୋଳ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଅନୁଗୋଳ,୨୬ ।୧୨(ସମିସ): ଉଚ୍ଛେଦ ବନ୍ଦ କରି ଘରଡିହ ପଟ୍ଟା ପ୍ରଦାନ ଦାବିରେ ଅନୁଗୋଳ ମ୍ୟୁନିସିପାଲିଟି ୮ନଂ. ୱାର୍ଡର ବସ୍ତିବାସିନ୍ଦା ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ଶୋଭାଯାତ୍ରାରେ ବାହାରି ପୌର ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ବସ୍ତିସୁରକ୍ଷା କମିଟି ଆବାହକ ଜେନାମଣି ପ୍ରଶାନ୍ତ କୁମାର ରାଉତରାୟ, ଲଳିତା ନାଏକ, ପ୍ରଫୁଲ୍ଲ ମହାପାତ୍ର, ଲକ୍ଷ୍ମୀ ଭୋଇ, ମଞ୍ଜୁଳା ବେହେରା, ଜ୍ୟୋତ୍ସ୍ନା ସାମଲ ଏବଂ ଏସ୍‌ୟୁସିଆଇ କମ୍ୟୁନିଷ୍ଟର ଆଞ୍ଚଳିକ ସମ୍ପାଦକ ବ୍ରଜବନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଗୋଳ ସହରର ସର୍ବପୁରାତନ ଏହି ବସ୍ତି ୨୫୦ ବର୍ଷ ଧରି ରହି ଆସିଥିଲା ବେଳେ ବିଭିନ୍ନ ସମୟରେ ଘରଡିହ ପଟ୍ଟା ପାଇଁ ଦାବି ହେଉଛି। ତେବେ ସେମାନଙ୍କୁ ପଟ୍ଟା ନ ଦେଇ ଗତ କିଛିଦିନ ହେଲା ପାର୍କ ନିର୍ମାଣ ପାଇଁ ଉଚ୍ଛେଦ ନୋଟିସ ଦେଇ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ବାର ଗାଡ଼ି ବୁଲାଇ ପ୍ରଚାର କରି ଆତଙ୍କିତ କରାଯାଉଛି। ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପକୁ ଅବିଳମ୍ବେ ବାତିଲ କରି ସମସ୍ତଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ବକ୍ତାମାନେ ଦାବି କରିଥିଲେ। ପରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ଏ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରି ନୋଟିସ ବାତିଲ କରିବା ସହ ବସ୍ତି ଉଚ୍ଛେଦ ବନ୍ଦ କରି ସମସ୍ତଙ୍କୁ କିପରି ଆବାସ ଯୋଜନାରେ ଘରଡିହ ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଏହି ଦାବିପତ୍ରର ନକଲ ତହସିଲଦାରଙ୍କୁ ମଧ୍ୟ ପ୍ରଦାନ କରିଥିଲେ। ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ମିଲି ଭୋଇ, ସୁନନ୍ଦା ଭୋଇ, ଟିକିନା ଭୋଇ, ମୋତି ଭୋଇ, ମହେଶ୍ୱର ଭୋଇ ପ୍ରମୁଖଙ୍କ ସମେତ ବହୁ ବସ୍ତିବାସିନ୍ଦା ସାମିଲ ହୋଇଥିଲେ।




## ତାଳଚେରରେ ବାଜପେୟୀଙ୍କ ଜୟନ୍ତୀ ସ୍ମୃତି ସମ୍ମିଳନୀ



ତାଳଚେର,୨୬ ।୧୨(ସମିସ): ତାଳଚେର ପୌରମଣ୍ଡଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଅବସରରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମଣ୍ଡଳ ସଭାପତି ରାଜେଶ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ବାଜପେୟୀ ଜଣେ ଦୃଢ଼ ରାଜନୀତିଜ୍ଞ ଥିଲେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପର୍ଶୁରାମ ବାରିକ ଯୋଗଦେ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିତେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ




କିଶୋରନଗର,୨୬ ।୧୨(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଠାକୁରଗଡ଼ ହାଟ ପଡ଼ିଆ, ରାଣୀବନ୍ଧ କୋଠଘର, ସଦାନନ୍ଦପୁର କୋଠଘରଠାରେ ରୋଟାରୀ କ୍ଲବ ଅନୁଗୋଳ ତରଫରୁ ୪୦ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଆମ୍ବସରମୁଣ୍ଡା ପଞ୍ଚାୟତ ହିଞ୍ଚାଗୋଲା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ଧ୍ରୁବଚରଣ ନାୟକଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ରୋଟାରୀ କ୍ଲବ୍ ସଦସ୍ୟ ରୋଟାରିଆନ ନିର୍ମଳ କୁମାର ମିଶ୍ର, ନିଖିଲ ରଞ୍ଜନ ମିଶ୍ର, ସୁଜିତ୍ କୁମାର ସାହୁ, ସାଇଲେନ୍ ମିଶ୍ର, ଅଭିଷେକ ପଟ୍ଟନାୟକ, ମିତ୍ରଭାନୁ ସିଂହ, ଲକ୍ଷ୍ମୀବଜାର ପୂଜା କମିଟିର ସନ୍ତୋଷ ସାହୁ, ଡ. ଶତ୍ରୁଘ୍ନ ସାହୁ ସମାଜସେବୀ ବିଭୁପ୍ରସାଦ ସେନାପତି, ସଦାନନ୍ଦପୁର ଗ୍ରାମର ସନ୍ତୋଷ ବିଶ୍ୱାଳ, ଅଭୟ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ରାଣୀବନ୍ଧ ଗ୍ରାମ ସଭାପତି ଅଜିତ ମିଶ୍ର, ପୂର୍ବତନ ସରପଞ୍ଚ ଅନାମ ଚରଣ ସ୍ୱାଇଁ, ଠାକୁରଗଡ଼ ଗ୍ରାମର ହେମନ୍ତ କୁମାର ଖୁଣ୍ଟିଆ, ଧନଞ୍ଜୟନାୟକ, ଶୁଭକାନ୍ତ ପ୍ରଧାନ, ଅଶ୍ୱିନୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



କିଶୋରନଗର,୨୬ ।୧୨(ସମିସ): କିଶୋରନଗର ବ୍ଲକ ଜଏରାଟ ହାଇସ୍କୁଲର ୧୯୯୮ ମାଟ୍ରିକବ୍ୟାଚଛାତ୍ରଛାତ୍ରୀଙ୍କ ବୈଠକ ଭାଲୁଗୁଡ଼ିଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲୀ, ଶରତ ପ୍ରଧାନ ଯୋଗଦେଇଥିଲେ। ପୁରାତନ ଛାତ୍ର କ୍ଷେତ୍ରବାସୀ ପ୍ରଧାନ, ପ୍ରେମଶଙ୍କର ପ୍ରଧାନ, ଗୌରୀ ଶଙ୍କର ଦାଶ, ନଗେନ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଋଷଭ ସାହୁ, ବାବା ମାନସ, ରୀନା ମେହେର, ବାସନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କିଶୋରନଗରରେ ବାଜପେୟୀଙ୍କ ଜୟନ୍ତୀ



କିଶୋରନଗର,୨୬ ।୧୨(ସମିସ): କିଶୋରନଗର ସାଧୁପାଲ ଶିବମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ବିଜେପି ମଣ୍ଡଳ ସଭାପତି ଧନଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ କରାଯାଇଛି। କର୍ମକର୍ତ୍ତାମାନେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ବରିଷ୍ଠ ନେତା ହୃଦାନନ୍ଦ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଡା ଅଲେଖ କୁମାର ପ୍ରଧାନ, ବିଜେପି ନେତା ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ, ପରକ୍ଷିତ ଦେହୁରୀ ପ୍ରମୁଖ ଯୋଗଦେଇ ଭାରତୀୟ ରାଜନୀତିକୁ ବାଜପେୟୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବଣ୍ଡାଁରପାଳ,୨୬ ।୧୨(ସମିସ): ବଣ୍ଡାଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମର ଅବସର ପ୍ରାପ୍ତ ପ୍ରାଇମେରୀ ସ୍କୁଲ ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକଙ୍କ ଆଜି ପରଲୋକ ହୋଇ ଯାଇଛି। ଆଜି ସକାଳ ପ୍ରାୟ ୧୧ଟା ବେଳେ ତାଙ୍କ ବାସ ଭବନରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମୃତ୍ୟୁରେ ପରିବାର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏବଂ ତାଙ୍କର ବହୁ ପୁରାତନ ଛାତ୍ରଛାତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ପବିତ୍ରନଗର କ୍ଲବର ବନ୍ଧୁ ମିଳନ

ଅନୁଗୋଳ,୨୬ ।୧୨(ସମିସ): ଗୁରୁବାର ଦିନ ପବିତ୍ର ନଗର କ୍ଲବ ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବର ସମସ୍ତ ପୁରାତନ ସଦସ୍ୟ ଏବଂ ବର୍ତ୍ତମାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୨୦୨୬ବର୍ଷରେ ଆୟୋଜିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟକୁ କିପରି ସୁଚାରୁ ରୂପେ ପରିଚାଳିତ ହେବ ସେ ବିଷୟରେ ସମସ୍ତେ ମତ ପ୍ରକାଶ କରିଥିଲେ। କ୍ଲବ ସହ କିପରି ନୂତନ ସଦସ୍ୟ ଯୋଡା ଯାଇପାରିବ ତା ନେଇ ବିଜ୍ଞପ୍ତି ବାହାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କ୍ଲବର ସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ଜ୍ଞାନ ରଞ୍ଜନ ଜ୍ୟୋତିଷ, ସୁଶାନ୍ତ କୁମାର ପ୍ରଧାନ, ଚନ୍ଦନ କୁମାର ପ୍ରଧାନ, ପ୍ରତାପ କୁମାର ସାହୁ, ଅରୁଣ କୁମାର ସାହୁ, ସିପୁନ କୁମାର ସାହୁ, କାହ୍ନୁ ଚରଣ ସାହୁ, କାହ୍ନୁ ପ୍ରଧାନ, ସୁବ୍ରତ ବିଶ୍ୱାଳ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ




ଅନୁଗୋଳ,୨୬ ।୧୨(ସମିସ)

ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ କରାଯାଇଛି। ଏହି ଅବସରରେ ବିଜୁ ମଇଦାନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସ୍ଥାନୀୟ ସଭାଘରଠାରେ ଅନୁଗୋଳ ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଭାଗୀରଥି ମାଝୀ, ପୂର୍ବତନ ବଣ୍ଡାଁରପାଳ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ନିର୍ମଳ ସାହୁ, କାଉନସିଲର ବଳରାମ ଜେନା, ସଦାନନ୍ଦ ପଣ୍ଡା, ସୁଶୀଲ ମୁଖୀ, ଶଙ୍କର ସେଠୀ, ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ସଭା ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତ ଏବଂ ସହରାଞ୍ଚଳର କର୍ମୀ, ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ୱାର୍ଡ ଏବଂ ପଞ୍ଚାୟତ ସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ୍ କରିବା ଏବଂ ଆତ୍ମସମୀକ୍ଷା କରି କର୍ମୀଙ୍କୁ ଏକଜୁଟ କରିବା ପାଇଁ ଆଲୋଚନା ହୋଇଥିଲା।

**ତାଳଚେର:** ତାଳଚେରରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ତାଳଚେର ବସଷ୍ଟାଣ୍ଡ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଅପରାହ୍ଣରେ ସେଣ୍ଟ୍ରାଲ ୱାର୍କସପସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଧାନ ଉଦବୋଧନ ଦେଇ କହିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟ ଘରେ ଘରେ ପହଞ୍ଚିଥିଲା। କିନ୍ତୁ ବର୍ତ୍ତମାନ ରାଜ୍ୟରେ ୧୮ ମାସର ଡବଲ ଇଞ୍ଜିନ ସରକାରରେ ଆଉ ସରକାର ଥିଲା ଭଳି ଅନୁଭବ ହେଉନି। ବିକାଶ ନାହିଁ। ଆଇନଶୃଙ୍ଖଳା କଥା ନ କହିବା ଭଲ। ପ୍ରଶ୍ନପତ୍ର ଲିକ୍ ହେଉଛି। ମିଶନ ଶକ୍ତି ମା' ହଇରାଣ ହେଉଛନ୍ତି। ଯୁବସମାଜ ହତାଶ ହୋଇପଡ଼ିଛନ୍ତି। ଚାଷୀ ଧାନର ଉପଯୁକ୍ତ ମୂଲ୍ୟ ପାଉନି ବୋଲି କହି ବିଜେପି ସରକାରର ବିଫଳତା ବିଷୟରେ ଅବଗତ କରିଥିଲେ।



## ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ

# ଦଳକୁ ମଜବୁତ କରିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା,୨୬ ।୧୨(ସମିସ)




ଶୃଙ୍ଖଳିତ ଓ ସଶକ୍ତ କରିବା ପାଇଁ ଐକ୍ୟବଦ୍ଧ ଉଦ୍ୟମର ଆବଶ୍ୟକତା ରହିଛି। ସମସ୍ତ କର୍ମୀ ଏକମନ ଏକପ୍ରାଣରେ ଉଦ୍ୟମ କରିବା ସହ ସଂଗଠନକୁ ମଜବୁତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଜରୁରୀ ବୋଲି ସ୍ଥାନୀୟ ସାନ୍ତ୍ୱସାହିତ୍ୟ ଶ୍ରୀବଳଦେବଜୀଉ ମଣ୍ଡପରେ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ଆୟୋଜିତ ଦଳର ୨୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆହ୍ୱାନ ଦେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିର୍ବାଚନମଣ୍ଡଳୀର ବିଜେଡି ସମର୍ଥକ ଲୋକପ୍ରତିନିଧିମାନେ ଯୋଗଦେଇଥିଲେ। ଦୀର୍ଘ ୨୮ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଏହି ଦଳ ୨୪ବର୍ଷ ଓଡ଼ିଶାବାସୀଙ୍କୁ ସୁଶାସନ ଯୋଗାଇ ଦେଇ ରାଜ୍ୟର ବିକାଶ ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପରିଷଦର ପ୍ରାକ୍ତନ ସଭାପତି ମାନସ ପରିଡ଼ା, ଧାରେନ ସାହୁ, ଯୁବ ସଭାପତି ରାଜେଶ ଦାସ, ରବୀନ୍ଦ୍ର କୁମାର ପଣ୍ଡା, ପ୍ରଦ୍ୟୁମ୍ନ ଜେନା, ସେକ ଚନ୍ଦନ, ଆଲୋକ ସାହୁ, କାଳୀପ୍ରସାଦ ମିଶ୍ର, ରାଜେଶ କୁମାର ମହାନ୍ତି, ମୁକ୍ତାର ଖାଁ, ସୁରେନ୍ଦ୍ର କୁମାର ଜେନା, ଜିଲ୍ଲାପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଉର୍ମିଳା ମହାନ୍ତି, ପ୍ରିୟଦର୍ଶିନୀ ଡଗାର, ରଶ୍ମିରଞ୍ଜନ ରାଉତ, ହିରଣ୍ମୟ କୁମାର ପଣ୍ଡା, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ଭାମସେନ ଭୂୟାଁ, ପ୍ରତାପ ନାରାୟଣ ମହାପାତ୍ର, ଭକ୍ତିମୟୀ କର, ଦୁର୍ଗାପ୍ରସାଦ ପତି, ଅଶ୍ୱିନୀ ପାତ୍ର, ଅଜିତ କୁମାର ପରିଡ଼ା, ନାରାୟଣ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନୂଆ ବସଷ୍ଟାଣ୍ଡ, ମେଡିକାଲ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭା ଆରମ୍ଭରେ ସମାଜସେବୀ ରବୀନ୍ଦ୍ର ମୋହନ ସାହୁ, କୃତ୍ତିବାସ ରାଉତ, ଶିବପ୍ରସାଦ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ନଗର ସଭାପତି ଯଯାତି କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ପଟ୍ଟାମୁଣ୍ଡାଇ:** ଓଡ଼ିଆ ସ୍ୱାଭିମାନର ପ୍ରତୀକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଗଠିତ ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ପାଇଁ ଲଢ଼େଇ ଜାରି ରଖିଛି। କୌଣସି ଅପପ୍ରଚାର ବିଜେଡିର ଗତି ଓ ସ୍ଥିତିକୁ ବଦଳାଇ ପାରିବନାହିଁ। ଲୋକଙ୍କ ସେବା, ଓଡ଼ିଆ ସ୍ୱାଭିମାନ ଓ ଅଧିକାର ପାଇଁ ସଂଘର୍ଷ କରିବାକୁ ଆଜିର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମୀମାନେ ପ୍ରତିଜ୍ଞା ନେଇ କାର୍ଯ୍ୟ କଲେ ଆଗାମୀ ପଞ୍ଚାୟତ, ପୌର ଓ ସାଧାରଣ ନିର୍ବାଚନରେ ବିଜୟ ସୁନିଶ୍ଚିତ ବୋଲି ଶୁକ୍ରବାର ରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ ଡିଭାଇନ ପ୍ୟାଲେସରେ ଦଳର ୨୯ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଦ୍ଧା ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ଙ୍ଗ, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ରାଜନଗର ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ଉତ୍କଳ ସଂଗଠକ ପଞ୍ଚାନନ ଧଳ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ବରିଷ୍ଠ ନେତା ଯଦୁମଣି ଦାସ, ନିମାଇଁ କର, ଙ୍ଗ ସ୍ୱପ୍ନରଞ୍ଜନ ବେହେରା, ବ୍ଲକ ସାଧାରଣ ସମ୍ପାଦକ କଳାକାର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ମିଥ୍ୟା ପ୍ରଚାରରେ ପ୍ରଭାବିତ ନ ହୋଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ କରିଥିଲେ। ସମାବେଶ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଧାୟକଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ବିଜୁ ପଟନାୟକ ଛକରୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଯୁବନେତା ବାବନ ସାହୁ, ଏମଡି ଫିରଦୋଶ, ଦିଲୀପ ସାହୁ ମଳୟ ମଲିକ, ବାପିସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




**ଡେରାବିଶ:** ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପରେ ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବରିଷ୍ଠ ନେତା ହଳଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବରିଷ୍ଠ ନେତା ମହେନ୍ଦ୍ର ଙ୍ଗ, ପାଟକୁରା ବିଧାୟକଙ୍କ ଡେରାବିଶ ବ୍ଲକ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ଗଡପୁର ବ୍ଲକ ଅଧ୍ୟକ୍ଷ ଅଜୟ ମହାରାଣା ଓ ବିଧାୟକଙ୍କ ମାର୍ଶାଘାଇ ବ୍ଲକ ପ୍ରତିନିଧି ସୁଧାଂଶୁ ଶେଖର ରାୟ ଯୋଗଦେଇ ଦଳ ଗତ ୨୮ ବର୍ଷରେ ରାଜ୍ୟବାସୀଙ୍କ ହିତ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ। ଏଥିସହ ବିଜେପି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରସିଂହପୁର ସରପଞ୍ଚ ସୁଧୀର ଖଟୁଆ, ସୁଦୀପ୍ତ ସାମଲ, ଯୋଗାନନ୍ଦ ମହାନ୍ତି, ଦିଲୀପ ଦାସ, ସରଳରେଖା ସାହୁ, ଅଶ୍ୱିନୀ ମହାନ୍ତି, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଯଗିଁଆବାଦିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ରତାଦିଆ-ଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ଜୟନ୍ତ ଶତପଥୀ, ଗଗନ ଧଳ, ପ୍ରଶାନ୍ତ ସାମନ୍ତରାୟ, ସୁଶାନ୍ତ ବଳଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ। ଚୌଧୁରୀ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## କେଶରପୁର ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଳୀ ହାଇସ୍କୁଲ ଖେଳପଡ଼ିଆରେ ୧୭ ତାରିଖରୁ ଆରମ୍ଭ ହୋଇଥିବା ଆଞ୍ଚଳିକ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟି ସଭାପତି ଅଭୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ପ୍ରମୋଦ କୁମାର ପ୍ରତାପ ଯୋଗଦେଇ ପ୍ରଥମ ବର୍ଷ ୮ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଅଞ୍ଚଳର ଐତିହ୍ୟ, ପରମ୍ପରା, ଶିକ୍ଷା, ସଂସ୍କୃତିକୁ ଉଜ୍ଜୀବିତ କରିବାରେ ଯେଉଁ ପ୍ରଚେଷ୍ଟା କରାଯାଇଥିଲା ଭବିଷ୍ୟତରେ ଏହା ସୁଦୂରପ୍ରସାରୀ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅଜୟ ମହାନ୍ତି, ଅନନ୍ତ ଗୋପାଳ ମହାନ୍ତି, ରଜତ ଦାଶ ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ପ୍ରସାଦ ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ଉତ୍ତମ କୁମାର ସ୍ୱାଇଁ ଆସନ୍ତା ବର୍ଷ ଏହି ମହୋତ୍ସବକୁ ଏକ ଗଣପର୍ବରେ ପରିଣତ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ଘୋଡ଼ାନାଚ, ପାଲା ଓ ମେଲୋଡ଼ି ପରିବେଷଣ ହୋଇଥିଲା। କମିଟି ସଦସ୍ୟ ମଳୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ରତାଦିଆ-ଖଣ୍ଡସାହି ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ତରଫରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଶିଶିର କୁମାର ସାମଲ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲର ଡା. ଅନନ୍ୟା ମହାନ୍ତି, ଡା. ବିଶ୍ୱଜିତ ପଣ୍ଡା, ଡା. ଇନ୍ଦିରା ଦେଙ୍କ ସମେତ ଫିଜିଓଥେରାପି ବିଶେଷଜ୍ଞ, ସ୍ୱାସ୍ଥ୍ୟ ସେବିକାମାନେ ଯୋଗଦେଇ ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିବା ସହ ଔଷଧ ବିତରଣ କରିଥିଲେ। ଶ୍ରୀକାନ୍ତ ନାୟକ ଓ ସମାଜସେବୀ ସୁରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୌମ୍ୟରଞ୍ଜନ ଲେଙ୍କା, ଚନ୍ଦ୍ର ଶେଖର ନନ୍ଦ ସହଯୋଗ କରିଥିଲେ।

## ଦୁମୁକାହାଟରେ ମିଲେଟ୍ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ



**ଡେରାବିଶ,୨୬ ।୧୨(ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟଠାରେ ନୁରାନୀ କୃଷକ ଶକ୍ତି କୃଷି ଉତ୍ପାଦକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶାନ୍ତିମୈତ୍ରୀ ସହାୟତାରେ ବାସୁଦେବ ବିଶ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଏକ ମାଣ୍ଡିଆ ଟିଫିନ୍ ସେଣ୍ଟର ଉଦ୍‌ଘାଟିତ ହୋଇଛି। ବିଡିଓ ନମିତା ବାରିକ, ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିପିଓ ହରପ୍ରିୟା ଦେବୀ, ମିଶନଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ବିଜୟଲକ୍ଷ୍ମୀ ବେହେରା, ଶ୍ରୀଅନ୍ନ ଅଭିଯାନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ସ୍ୱସ୍ତିକ ସୁନ୍ଦର ଜେନା, ଦିବ୍ୟଜ୍ୟୋତି ମଲ୍ଲ, ସୁବ୍ରତ ବେହେରା, ବୁରାନ ଖାଁ, ସୁବାସିନୀ ଭଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ଲେଙ୍କା, ବନମିତ୍ରା ରଥ, ଇଶରତ ଯାହାଁ ଓ ବିଷ୍ଣୁଦେବ ବେହେରା ସହଯୋଗ କରିଥିଲେ।


## ଆହତ ଗାଈର ଚିକିତ୍ସା କରାଇଲେ ଚନ୍ଦ୍ରକାନ୍ତ

**ମହାକାଳପଡ଼ା,୨୬ ।୧୨(ସମିସ):** ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ମା' ଦରିଆ ରାମଚଣ୍ଡୀଙ୍କ ପୀଠ ନିକଟରେ ଆହତ ହୋଇ ପଡ଼ିଥିବା ଏକ ଗାଈର ଚିକିତ୍ସା କରାଇଛନ୍ତି ଯୁବନେତା ତଥା ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ। ଚନ୍ଦ୍ରକାନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସୂଚନା ଦେବା ପରେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ ଦୀପ୍ତିରଞ୍ଜନ ରାୟ ଟିମ୍ ସହ ପହଞ୍ଚି ଗାଈକୁ ସାଲାଇନ ଦେବା ସହ ଚିକିତ୍ସା କରିଥିଲେ। ଏହି ସେବା କାର୍ଯ୍ୟରେ ସ୍ଥାନୀୟ ଯୁବ କାର୍ଯ୍ୟକର୍ତ୍ତା ଶୁଭ ବେହେରା, ସୁନାକର ସେଠୀ, ରୋମିଓ ମହାନ୍ତି, ରାଜେଶ ଖିଲାର, ତୋଫାନ ମଣ୍ଡଳ, ଦୀପକ ବାରିକ, ସୁକାନ୍ତ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଆଳି,୨୬ ।୧୨(ସମିସ):** ପ୍ରାକ୍ତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଆଳିର ଗାନ୍ଧୀ ସହଦେବ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଦେବ ଦାସ ସେବାସଂସ୍ଥା ତରଫରୁ ନମୌଜାର ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୋବିନ୍ଦଚନ୍ଦ୍ର ନନ୍ଦ, ସମ୍ପାଦକ ରବୀନ୍ଦ୍ର ସୂତାର, କୋଷାଧ୍ୟକ୍ଷ ମଧୁସୂଦନ ଦାସଙ୍କ ସହ ସଦସ୍ୟ ବାମନ ଚରଣ ବେହେରା, ବୃନ୍ଦାବନ ପଣ୍ଡା, ଉଷାରାଣୀ ମଲ୍ଲିକ, ଦୁର୍ଗାପ୍ରସନ୍ନ ଜେନା, ମନୋଜା ମହାନ୍ତି, ଅମୂଲ୍ୟ ରାଉତ, ନିତ୍ୟାନନ୍ଦ କର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଭାଇଚାରାର ସନ୍ଦେଶ ଦେଲେ ମାଙ୍କଡ଼ ଦଳ



**ମହାକାଳପଡ଼ା,୨୬ ।୧୨(ସମିସ):** ନଦୀକୂଳରେ ଗୋଟିଏ ମାଙ୍କଡ଼ ପାଣି ପିଇବା ସମୟରେ ତାକୁ କୁମ୍ଭୀର ଟାଣି ନେଇଥିଲା। ଏହି ସମୟରେ ମାଙ୍କଡ଼ଟି ଜୋର୍ ଜୋର୍ ଚିତ୍କାର କରିବାରୁ ନଦୀ ଆରପଟେ ଥିବା ମାଙ୍କଡ଼ ପଲ ସାଥୀ ମାଙ୍କଡ଼କୁ ଉଦ୍ଧାର

- ନଦୀ କୂଳରୁ ମାଙ୍କଡ଼କୁ ଝାମ୍ପିନେଲା କୁମ୍ଭୀର
- ଉଦ୍ଧାର ପାଇଁ ନଦୀକୁ ଡେଇଁଲେ ସବୁ ମାଙ୍କଡ଼

କରିବା ପାଇଁ ନଦୀ ଭିତରକୁ ଡେଇଁ ପଡ଼ିଥିଲେ। ଏମିତି ଘଟଣାକୁ ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ନିଜ ମୋବାଇଲରେ ରେକର୍ଡ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ପରିସରକୁ ଆସିଛି। ଦିନକୁ ଦିନ ଶ୍ରେଷ୍ଠ ପ୍ରାଣୀ ମଣିଷ ମଧ୍ୟରେ ଭାଇଚାରା ନଷ୍ଟ ହେଉଥିବା ବେଳେ ସାଥୀ ମାଙ୍କଡ଼କୁ ବଞ୍ଚାଇବା ପାଇଁ ମାଙ୍କଡ଼ ଦଳଙ୍କ ସମୂହ ପ୍ରୟାସ ମଣିଷ ସମାଜକୁ ଘଡ଼ିଏ ଭାବିବାକୁ ବାଧ କରିଛି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍ ଖରିନାସି ଜଙ୍ଗଲ ପାଶ୍ୱର୍ରେ ମହାନଦୀର ଏକ ଶାଖା ନଦୀ ପ୍ରବାହିତ ହେଉଛି। ଏହି ନଦୀକୂଳରେ ଗୋଟିଏ ମାଙ୍କଡ଼ ପାଣି ପିଉଥିବା ବେଳେ ତାକୁ ଟାଣି ନେଇଥିଲା କୁମ୍ଭୀର। ମାଙ୍କଡ଼ର ଚିତ୍କାର ଶୁଣି ଅନ୍ୟ ମାଙ୍କଡ଼ମାନେ ନିଜ ଜୀବନକୁ ବାଜି ଲଗାଇ କୁମ୍ଭୀର ଭର୍ତ୍ତି ନଦୀ ପାର ହୋଇ ତା' ନିକଟରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ସାଥୀ ମାଙ୍କଡ଼କୁ ବଞ୍ଚାଇ ପାରିଲେନି ସିନା କିନ୍ତୁ ସେମାନେ କରିଥିବା ସାମୂହିକ ପ୍ରୟାସ ସମଗ୍ର ମାନବ ସମାଜ ପାଇଁ ଶିକ୍ଷଣୀୟ ହୋଇଛି।

### ● ଚାନ୍ଦବାଲି ଦିବ୍ୟାଙ୍ଗ ଛାତ୍ରୀଙ୍କୁ ନ୍ୟାୟ ଦାବି

## ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ମହମବତି ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ,୨୬ ।୧୨(ସମିସ):** ଚାନ୍ଦବାଲି ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇ ବାଇପାସ ନିକଟ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଗୁରୁବାର ସନ୍ଧ୍ୟାରେ ବିକାଶ ପରିଷଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯିବା ସହ ମହମବତି ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଅସାମୀକୁ କଠୋର ଶାସ୍ତି ଦେବାକୁ ଦାବି କରାଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଇନଜୀବୀ ଗୋପୀନାଥ ତ୍ରିପାଠୀ,




ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ଦଳିତ ସଂଘ ପୂର୍ବତନ ସଭାପତି ବାରେଣୀ ସେଠୀ, ଉମାବଲ୍ଲଭ ନାୟକ, ଦଶରଥ ରାଉତ, ଇଂ ତପନ ପାତ୍ର, ନବକିଶୋର ପଣ୍ଡା, ଗୋବିନ୍ଦ ସେଠୀ, ରମେଶ ମାଝୀ, ରବୀନ୍ଦ୍ର ପାତ୍ର, ରାଜେନ୍ଦ୍ର ଦାଶ, ଦିଲୀପ ମଲିକ, କୁମରେଶ ନାୟକ, ପ୍ରଶାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ମଳୟ ମଲିକ, କୃପାସିନ୍ଧୁ ନାୟକ, ତପରଞ୍ଜନ ବେହେରା, ପ୍ରଭାତ ମଲିକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ପାଇଁ ପ୍ରାର୍ଥନା କରିଥିଲେ।

## ବଳଦେବ ସେନା ପକ୍ଷରୁ ତୁଳସୀ ପୂଜନ

**କେନ୍ଦ୍ରାପଡ଼ା,୨୬ ।୧୨(ସମିସ):** ଭାରତୀୟ ସଂସ୍କୃତି ଓ ପରମ୍ପରା ସଦାକାଳ ମହାନ ଓ ସମୃଦ୍ଧ। କିନ୍ତୁ ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ ଫଳରେ ଆମ ନିଜସ୍ୱ ସଂସ୍କାର ଓ ପରମ୍ପରା ଅବହେଳିତ ହେଉଛି। ଏହି ପରିସ୍ଥିତିରେ ଆମ ସଭ୍ୟତାର ଗରିମା ଓ ମର୍ଯ୍ୟାଦାକୁ ଅତୁଟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହି ଉଦ୍ଦେଶ୍ୟରେ ଡିସେମ୍ବର ୨୫ ତାରିଖ "ତୁଳସୀ ପୂଜନ ଦିବସ' ଭାବେ ପାଳନ କରି ପ୍ରକୃତି, ପରିବେଶ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ସଚେତନତା ସୃଷ୍ଟି କରାଯାଇଛି। ଏହା ମାଧ୍ୟମରେ ଆଗାମୀ ପିଢ଼ିକୁ ଭାରତୀୟ ସଂସ୍କୃତିର ମୂଲ୍ୟ ଓ ମହତ୍ତ୍ୱ ବିଷୟରେ ଅବଗତ କରାଯିବା ସହ ପରମ୍ପରା ପ୍ରତି ଗର୍ବବୋଧ ଜାଗ୍ରତ କରିବାର ପ୍ରୟାସ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଳଦେବ ସେନା ପକ୍ଷରୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ତୁଳସୀ ବଗିଚାରେ ତୁଳସୀ ପୂଜନ ଦିବସ ପାଳନ କରାଯାଇଛି। ସେନାର କର୍ମକର୍ତ୍ତାମାନେ ତୁଳସୀ ବୃକ୍ଷର ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ସେନାର ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ମୁଖପାତ୍ର ଜ୍ୟୋତିରଞ୍ଜନ ପତ୍ରୀ, ଶ୍ରୀକାନ୍ତ ଜେନା, ଅନିଶ ସୁତାର, କାର୍ତ୍ତିକ ବେହେରା, ଲକ୍ଷ୍ମୀଧର ସ୍ୱାଇଁ ଓ ଗୁଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ● ନଦୀବନ୍ଧ ନିର୍ମାଣରେ ଅନିୟମିତତା

## କାର୍ଯ୍ୟ ବନ୍ଦକଲେ ଗ୍ରାମବାସୀ



**ଗୋବିନ୍ଦପୁର,୨୬ ।୧୨(ସମିସ):** ଆଳି ବ୍ଲକ ଧୋୟାଞ୍ଚଳର ଖରସ୍ରୋତା ନଦୀ ବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଛନ୍ତି। ଜଳସମ୍ପଦ ବିଭାଗ ପକ୍ଷରୁ ଜୁଆଣିଆ ସୁଇସ୍‌ଠାରୁ ମଧୁବନ ବିଶ୍ୱାଳ ସାହି ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ କରାଯାଉଛି। ୩ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ୩୪୦୦ ମିଟର ବନ୍ଧ ନିର୍ମାଣ ହେଉଛି। ଏହି କାର୍ଯ୍ୟ ଆରମ୍ଭରୁ ଅନିୟମିତତା ଯୋଗୁଁ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଛନ୍ତି।

ନିମ୍ନମାନର କାର୍ଯ୍ୟ ଯୋଗୁଁ ବନ୍ଧର ସ୍ଥାୟୀତ୍ୱ ନେଇ ଆଶଙ୍କା ଦେଖାଦେଇଛି। ଏହାର ତଦନ୍ତ କରିବାକୁ ଜଳସମ୍ପଦ ବିଭାଗର ଉଚ୍ଚ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ କାର୍ଯ୍ୟକୁ ତୀବ୍ର ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପୌରାଞ୍ଚଳ ଘୋଷଣାରେ କେନ୍ଦ୍ରାପଡ଼ା ଜିଲ୍ଲା ଉପେକ୍ଷିତ

**ପଟ୍ଟାମୁଣ୍ଡାଇ,୨୬ ।୧୨(ସମିସ):** ରାଜ୍ୟର ନୂତନ ବିଜେପି ସରକାର ବିଭିନ୍ନ ଜିଲ୍ଲାରେ ନୂତନ ମ୍ୟୁନିସିପାଲିଟି ଓ ଏନଏସି ଘୋଷଣା କରିଛନ୍ତି। ଏଥିପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଓଡ଼ିଶାର ରାଜନୈତିକ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା ଜିଲ୍ଲା ଏ କ୍ଷେତ୍ରରେ ଉପେକ୍ଷିତ ହୋଇଛି। ଜିଲ୍ଲାର ରାଜନଗର ଓ ମାର୍ଶାଘାଇକୁ ଏନଏସି ଘୋଷଣା ଦାବି ଓ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ଥିଲା। ମାତ୍ର ସରକାର ଏହାକୁ ଭୁଲି ଯାଇଛନ୍ତି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଏହାର ତୀବ୍ର ପ୍ରତିବାଦ କରିଛି। ରାଜ୍ୟ ସରକାର ତୁରନ୍ତ ରାଜନଗର ଓ ମାର୍ଶାଘାଇ ଅଞ୍ଚଳକୁ ଏନଏସି ଘୋଷଣା କରିବାକୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ, ରାଜନଗର ଶାଖା ସଭାପତି ଆଇନଜୀବୀ ସୁଶାନ୍ତ ଜେନା, ଉପସଭାପତି ବିଶ୍ୱନାଥ ବାରିକ, ଉପଦେଷ୍ଟା ଶ୍ରୀକାନ୍ତ ରାଉଳ, ପଟ୍ଟାମୁଣ୍ଡାଇ ଶାଖା ସଭାପତି ଆଇନଜୀବୀ ଦେବବ୍ରତ ସ୍ୱାଇଁ, ଉପସଭାପତି ଅଭୟ ସ୍ୱାଇଁ ଓ ମହାସଚିବ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

### ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

# ସେମିରେ ଗିରିଆ ଉଦୟ କ୍ଲବ

**ରାଜକନିକା,୨୬ ।୧୨(ସମିସ)**

ରାଜକନିକା ବ୍ଲକ ଡାଳିକାଏଦାର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଙ୍ଘ ଆନୁକୂଲ୍ୟରେ ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ସରସ୍ୱତୀ ଖେଳପଡ଼ିଆରେ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ୍ ଆଳି ମା' ଖରାଖାଇ କ୍ଲବ ଓ ରାଜକନିକା ଗିରିଆ ଉଦୟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଉଦୟକ୍ଲବ ୬ ଉଇକେଟରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖରାଖାଇ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଉଦୟ କ୍ଲବ ୧୮.୪ ଓଭରରେ ୪ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିନେଇଥିଲା। କନିକା ତହସିଲଦାର ଭାନୁମତୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହିଳା କ୍ରିକେଟର ପୂଜା ଦାସ ଉପସ୍ଥିତ ଥିଲେ। ଅପରାହ୍ନରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ଅନ୍ତର୍ଜାତୀୟ ଧାବିକା ଦୁତି ଚାନ୍ଦ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଖେଳକୁଦ ସମ୍ପାଦକ ଜ୍ୟୋତିର୍ମୟ ଦାସ, ସ୍ଥାନୀୟ ସମିତି ସଭ୍ୟ ଅମିତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ତଥା କନିକା ଭାସ୍କର, ଡାଳିକାଏଦା ରତ୍ନ, ଡ. ହୟଗ୍ରୀବ ଗୁରୁ ସଭାପତିତ୍ୱ କରିଥିଲେ। କ୍ଲବ କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ସାହୁ, ବିଦ୍ୟାଧର ବେହେରା, ପ୍ରମୋଦ ରାଉତ, ସରୋଜ ବେହେରା, ନିଗମାନନ୍ଦ ସାହୁ, ବସୁଦେବ ସ୍ୱାଇଁ, ସୌଭାଗ୍ୟ ନାୟକ, ପ୍ରେମାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ନିଗମାନନ୍ଦ ବେହେରା ଓ ପ୍ରକାଶ ସାହୁ ଖେଳ ପରିଚାଳନା କରିଥିଲେ। ବିଜେତା ଦଳର ଆକାଶ ତ୍ରିପାଠୀ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଜନ୍ମେଜୟ ମାହୁନ୍ତ, ସୁଶାନ୍ତ ପାଣି, ସତ୍ୟବ୍ରତ ସ୍ୱାଇଁ, ଶକ୍ତିମୟ ବିଶ୍ୱାଳ, ଶାନ୍ତନୁ ସ୍ୱାଇଁ, ଡକମ ବେହେରା ସହଯୋଗ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷାର ଲକ୍ଷ୍ୟ କେବଳ ତଥ୍ୟଭିତ୍ତିକ ଜ୍ଞାନ ଆହରଣ ନୁହେଁ, ଏହା ମୂଲ୍ୟବୋଧ ମଧ୍ୟ ଶିଖାଏ
-ୱିଲିୟମ ଏସ୍ ବରୋସ

## ଦୁର୍ଲ୍ଲଭ ପରିବା

ଶୀତରତୁ ଶେଷ ହେବାକୁ ଆଉବେଶୀ ଦିନ ନାହିଁ। ହେଲେ ପରିବା ବଜାରର ଭାଉ ଯେମିତି ସେମିତି ଅଛି। ଏକଥା ସତ ଯେ ବର୍ଷା ଲାଗିଥିବାରୁ ପରିବା ଚାଷ ବିଳମ୍ବିତ ହୋଇଥିଲା। ହେଲେ ମୃତ୍ତିକାରେ ଆର୍ଦ୍ରତା ରହିଥିବାରୁ ପରିବା ଚାଷ ପାଇଁ ଯେଉଁ ସୁଯୋଗ ସୃଷ୍ଟି ହୋଇଥିଲା ସେଥିରେ ଚାଷୀଙ୍କ ସହ ଖାଉଟି ବେଶ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ କେଜାଣି କାହିଁକି ଦେଶୀ ବିଲାତି ବଜାରରେ ହାଉଜାଉ ହୋଇନାହିଁ। ଏବେ ବି ବାଙ୍ଗାଲୋର ବିଲାତିର ରାଜୁତି ଜାରି ରହିଛି। କିଲୋ ପ୍ରତି ମୂଲ୍ୟ ୬୦ ରୁ ୭୦ ଟଙ୍କାରେ ଅଟକି ଯାଇଛି। ଅନ୍ୟ ବର୍ଷମାନଙ୍କରେ ଏହି ଦିନରେ ବିଲାତି ବିଲରେ ଗୋରୁ ଚରିବା ଭଳି ଅବସ୍ଥା ଉପୁଜିଥାଏ। ଫୁଲକୋବିକୁ ଖାଉଟି ମୁହଁ ମୋଡ଼ିବା ଅବସ୍ଥା ସୃଷ୍ଟି ହୋଇଥାଏ। ଏବେ କଅଁଳ ଛନଛନ ଫୁଲକୋବି ଗୋଟାକୁ ୪୦ ଟଙ୍କା କିମ୍ବା ଶହେ ଟଙ୍କାକୁ ୩ଟା। ପରିସ୍ଥିତିକୁ ଦେଖିଲେ ଦୁଇଟି କଥା ବିଚାରକୁ ଆସେ। ଚାଷୀ ଏହି ଋତୁକାଳୀନ ଫସଲରେ ବେଶ ଦୁଇ ପଇସା ଲାଭବାନ ହେଉଥିବ, ନଚେତ ମଧ୍ୟସ୍ଥିଙ୍କ ବାଟ ମାରଣାରେ ସେମାନଙ୍କ ବିକଳ ଅବସ୍ଥା ଅପରିବର୍ତ୍ତିତ ରହିଛି।

ଶୀତଦିନିଆ ପରିବା ଫସଲରୁ ହଟି ଯିଏ ନୂଆ ପରିବା ଖୋଜୁଥିବା ତାହା ପାଇଁ ଭେଣ୍ଡିର ବିକଳ୍ପ ନାହିଁ। କଅଁଳ ଛନଛନ ଗଜା ଭେଣ୍ଡି କିଲୋ ଶହେ ଟଙ୍କା। ଋତୁକାଳୀନ ପରିବା ଚାଷ ନକରି ଯେଉଁ ଚାଷୀ ଭେଣ୍ଡି ଚାଷକରିଛି ସେ ଏହି ସ୍ଥିତିରୁ ବେଶ ଲାଭବାନ ନିଶ୍ଚୟ ହୋଇଛି। ବିନ୍, ବାଇଗଣ, କଲରା ଭଳି ପରିବା ବରଂ ପୂର୍ବାପେକ୍ଷା ଚଢ଼ା ଥିବାର ଲକ୍ଷ୍ୟ କରାଯାଉଛି। ଏହିସବୁ ପରିବା କିଲୋ ପ୍ରତି ମୂଲ୍ୟ ୬୦ ଟଙ୍କାରୁ କମୁନି। ଗାଜର ଓ ବିଟ୍ ଆମ ସ୍ଥାନୀୟ ପରିବା ନ ହେଲେ ମଧ୍ୟ କିଲୋ ୨୦ ଟଙ୍କାରେ ବିକ୍ରି ହେଉଛି। ସବୁଠାରୁ ଆଚମ୍ବିତ କଥା ହେଲା, ବଜାରରେ ଦେଶୀ କାକୁଡ଼ି ମିଳୁନି। ଯାହାବି ମିଳୁଛି ତାହାର କିଲୋ ୬୦ ରୁ ୭୦ ଟଙ୍କା। ଆମେ ଏଠାରେ କଟକ ସିଡିଏର କୃଷକ ବଜାର କଥା ଉଲ୍ଲେଖ କରୁଛୁ, ଯେଉଁଠି ଆଠଗଡ଼ ଓ ତିଗିରିଆ ଅଞ୍ଚଳର ଚାଷୀ ହାଉଜାଉ ହୁଅନ୍ତି। ପିଣ୍ଡିକୁ ଦଲାଲମାନେ ମାଡ଼ିବସିଥିବାରୁ ସେମାନଙ୍କ ପାଇଁ ପରିବା ବିକିବାର ରାହା ନାହିଁ। ରାସ୍ତକଡ଼ରେ ବସି ସେମାନେ ବିକିଦେଇ ଘରକୁ ଫେରିଯିବା ପାଇଁ ବ୍ୟସ୍ତ। ସେମାନେ ଖାଉଟିଙ୍କୁ ଅପେକ୍ଷାକୃତ କମ ମୂଲ୍ୟରେ ପରିବା ବିକିଥା'ନ୍ତି। ହେଲେ ସେମାନଙ୍କୁ ବସିବାକୁ ସୁଯୋଗ ଦେଉନି ପୁଲିସ। ତୁହାକୁ ତୁହା ଚଢ଼ାଉ ଓ ହାତ ଗୁଞ୍ଜାରେ ସେମାନଙ୍କ ଲାଭ ବାଟମାରଣା ହୋଇଯାଉଛି।

ଦିନକୁ ଦିନ ଚାଷ ଜମି ସଂକୁଚିତ ହୋଇଯାଉଥିଲେ ମଧ୍ୟ ଖାଉଟିଙ୍କ ପରିବା ଚାହିଦା ପୂରଣ କରିବାରେ ଯେ ନିଅଣ୍ଟିଆ ଅବସ୍ଥା ସୃଷ୍ଟି ହୋଇଛି ଏକଥା ନୁହେଁ। ଚାଷୀ ବଜାର ସ୍ଥିତିକୁ ପଢ଼ି ସାରିଛନ୍ତି। ତେଣୁ ତିନିଟି ପର୍ଯ୍ୟାୟରେ ଶୀତଦିନିଆ ପରିବା ଫସଲ ଅମଳ କରି ବଜାରକୁ ଛାଡୁଛନ୍ତି। ଏଭଳି ସ୍ଥିତିରେ ହଠାତ୍ ଦର କମିବାର ସମ୍ଭାବନା ଊଣା। ଯେହେତୁ ଶୀତଳଭଣ୍ଡାରର ସୁଯୋଗ ନାହିଁ, ତେଣୁ ଏହି ବିକଳ୍ପ ପନ୍ଥାକୁ ସେମାନେ ଆଦରିଛନ୍ତି। ଗୋଟିଏ ଭାଡ଼ିର ଫସଲ ଶେଷ ହେବା ବେଳକୁ ପୁଣି ନୂଆ ଫସଲ ବଜାରକୁ ଆସୁଛି। ଏହା ଫଳରେ ଲମ୍ବା ସମୟ ପାଇଁ ପନିପରିବା ବଜାରରେ ଉପଲବ୍ଧ ହେବ। ଏହି ନୂଆ ଉପାୟରେ ସେମାନେ ମଧ୍ୟ ଲାଭବାନ ହେବେ।

## ଶିଳ୍ପ ନା କୃଷି?

ଦ୍ରୁତ ଶିଳ୍ପାୟନ ସ୍ୱପ୍ନରେ ଆମେ ବିଭୋର। କେବଳ ବୁଝାମଣାପତ୍ର ସ୍ୱାକ୍ଷର ହେଲା ଓ ଏକକ ବାତାୟନରେ କେତୋଟି ଶିଳ୍ପ ସଂସ୍ଥାକୁ ମଞ୍ଜୁରୀ ଦିଆଗଲା। ବିପୁଳ ନିବେଶର ସୁଯୋଗ ସୃଷ୍ଟି ସହ ବ୍ୟାପକ ନିଯୁକ୍ତିର ସୁଦୀର୍ଘ ଘୋଷଣା ହେଲା। କିନ୍ତୁ ଘୋଷଣା ଓ ରୂପାୟନରେ ଅନ୍ତର କେତେ ତାହା ସମସ୍ତେ ବୁଝିଛନ୍ତି। କୃଷି ଉପରେ ନିର୍ଭରଶୀଳ ଆମ ରାଜ୍ୟର ଆତ୍ମା ଗ୍ରାମୀଣ ଜନଜୀବନରେ ତିଷ୍ଠି ରହିଛି। ଶିଳ୍ପାୟନ ଓ ସହରୀକରଣରେ ଯେଉଁ ବିକାଶର ନକ୍ସା ଟାଣାଯାଉଛି ତାହା ରାଜ୍ୟର ୭୦ ପ୍ରତିଶତ ଲୋକଙ୍କୁ ଆକାଂକ୍ଷିତ ସୁଫଳ ଦେବାକୁ ସମର୍ଥ ହେବନାହିଁ। ପ୍ରଥମେ ସରକାର ଆଦର୍ଶ ଗ୍ରାମ ଗଢ଼ନ୍ତୁ। ଯେଉଁଠି କେବଳ ସ୍ୱଚ୍ଛତା ନୁହେଁ, ବିଶୁଦ୍ଧ ପାନୀୟ ଜଳ, ନିରବଚ୍ଛିନ୍ନ ବିଜୁଳି ବ୍ୟବସ୍ଥା ଓ ଶିକ୍ଷାୟତନ ଉପଲବ୍ଧ ହେବ। ସେଠାରେ ବିକାଶର ପୃଷ୍ଠଭୂମି ହେବ ଯୁଗୋପଯୋଗୀ କୃଷି।

ରାଜ୍ୟର ପ୍ରମୁଖ ଚାଷ ଧାନ ହୋଇଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ତାହାକୁ ସଂଗ୍ରହ କରିବାରେ ସରକାରୀ କଳର ଅସାମର୍ଥ୍ୟ ଏବେ ପଦାରେ ପଡ଼ିଯାଉଛି। ଏକ୍ଷେତ୍ରରେ ବିଶୃଙ୍ଖଳା ଓ ବିଭ୍ରାଟ ସୃଷ୍ଟି ହେଲେ ଚାଷୀ ମୁହଁ ଖୋଲିବେ ଓ ରାଜରାସ୍ତାକୁ ଓହ୍ଲାଇବେ। ସେମାନଙ୍କୁ କୃଷିଜୀବୀ ବଦଳରେ ଆନ୍ଦୋଳନଜୀବୀ କହିବାର ଯଥାର୍ଥତା କେତେ? ଏ ପ୍ରଶ୍ନ ପଚାରିବାର ହକ୍ ସେମାନଙ୍କ ଅଛି। ଧାନସଂଗ୍ରହ ସହ ସଂପୃକ୍ତ ତିନିଟି ବିଭାଗ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ବର୍ଷ ଶେଷ ହେବାକୁ ବସିଲା। କେଉଁଠି ମଣ୍ଡି ଖୋଲିନି ତ କେଉଁଠି ଚାଷୀଙ୍କୁ ଟୋକନ ମିଳିନି। ଏଭଳି ପରିସ୍ଥିତିରେ ଧାନର ମାନ ନିର୍ଦ୍ଧାରଣ ସକାଶେ ଯାନ୍ତ୍ରିକ ସୁବିଧା ଉପଲବ୍ଧ ନଥିବା ଉଲ୍ଲେଖ କରିବା ଅନାବଶ୍ୟକ। ଚାଷୀର ଦୁଃଖ ବୁଝିବାକୁ ସରକାର ଅସମର୍ଥ। ମହାଜନଙ୍କ କରଜ ବୋଝ ଓ ପିଆଦାଙ୍କ ତାଗିଦ୍ ମଧ୍ୟରେ ଅସମ୍ଭାଳ ସ୍ଥିତିରେ ସେମାନେ ଅଛନ୍ତି। ପରିସ୍ଥିତିର ସୁଯୋଗ ନେବା ପାଇଁ ଦାଣ୍ଡରେ ଅପେକ୍ଷାରତ ଆନ୍ଧ୍ରବେପାରୀ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ଼ରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଠାରେ ମନେ ରଖିବାକୁ ହେବ ଯେ ଏହି ଜିଲ୍ଲାର ଚାଷୀଙ୍କ ସମର୍ଥନରେ ସରକାର ବିପୁଳ ବିଜୟ ହାସଲ କରିଛି। ସେମାନଙ୍କୁ ଆନ୍ଦୋଳଜୀବୀ କହି ଅପମାନିତ କରିବାର ପରିଣାମ ଆଗକୁ କ'ଣ ହେବ ବୋଧହୁଏ ମନ୍ତ୍ରୀ ମହାଶୟ ହୃଦୟଙ୍ଗମ କରିନାହାନ୍ତି। ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଶୁଣିଲେ ମନେହେବ ଅବ୍ୟବସ୍ଥା ସବୁ ଆପେ ଆପେ ସୁଧୁରିଯିବ। ଏକଥା ସତ ଯେ ଚଳିତ ଋତୁରେ ରାଜ୍ୟସରକାର କ୍ୱିଣ୍ଟାଲ ପିଛା ଧାନରେ ୮୦୦ ଟଙ୍କା ବୋନସ କମାଇଥିଲେ ବି ଧାନ କିଣାରେ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଘୋଷଣା ଅନୁଯାୟୀ ୯୩ ଲକ୍ଷଟନ ଧାନ କିଣିଲେ ତାହା ଗଚ୍ଛିତ ବା ଭଣ୍ଡାରୀକରଣ କରିବେ କେଉଁଠି? ତେଣୁ ସରକାର ଓ ମିଲର ସଲାସୁତରାରେ ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ହଇରାଣ କରୁଛନ୍ତି। ଏକ୍ଷେତ୍ରରେ ଅଧିକ ବିଳମ୍ବ ହେଲେ ଛୋଟଚାଷୀ ଧାନର ଅଭାବୀ ବିକ୍ରି କରିବାକୁ ବାଧ ହେବେ। ଶେଷରେ ବଡ଼ ଚାଷୀ ହିଁ ସରକାରୀ ବୋନସର ଫାଇଦା ନେବେ।

ଆମକୁ ପୁଣି ଥରେ କହିବାକୁ ପଡୁଛି ଯେ ଶିଳ୍ପ ସହ କୃଷିକୁ ମଧ୍ୟ ସରକାର ଉଚିତ ପ୍ରାଧାନ୍ୟ ଦେବା ଉଚିତ। ଗ୍ରାମୀଣ ଜୀବନ ବିକଶିତ ହେବାରେ କୃଷିର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। କର୍ପୋରେଟ ସଂସ୍କୃତି କେବଳ ଖଣି, ଜଙ୍ଗଲ ଓ ଜଳ ଲୁଟି ରାଜ୍ୟକୁ ରସାତଳକୁ ନେଇଯିବ। ସେମାନେ କେବେ ବିକଶିତ ଓଡ଼ିଶାର ବାହକ ହୋଇପାରିବେନି।

# ଆର୍ଥିକ ସାକ୍ଷରତା ଓ ମହିଳା

ଡ.ଅନ୍ତର୍ଜିତା ନାୟକ

ଆଜିକା ସମୟରେ ଆର୍ଥିକ ସାକ୍ଷରତାକୁ ଆଧୁନିକ ଦକ୍ଷତା ଭାବରେ ବର୍ଣ୍ଣନା କରାଯାଉଛି। ଆର୍ଥିକ ସାକ୍ଷରତା କହିଲେ ଅର୍ଥ ବିଷୟରେ ବୁଝିବା, ତା'କୁ ପରିଚାଳନା କରିବା ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତା ଓ ଦକ୍ଷତାକୁ ବୁଝାଏ। ବଜେଟ୍ ପ୍ରସ୍ତୁତ କରିବା, ଋଣର ଆକଳନ କରିବା, ସୁଧ ହାର ବୁଝିବା, ଭବିଷ୍ୟତ ପାଇଁ ଯୋଜନା କରିବା, ଆର୍ଥିକ ବିପଦ ଓ ସୁଯୋଗକୁ ସ୍ୱୀକୃତି ଦେବା ଭଳି କୌଶଳ, ଆର୍ଥିକ ସାକ୍ଷରତାରେ ଅନ୍ତର୍ଭୁକ୍ତ। ଏହି ଆର୍ଥିକ ସାକ୍ଷରତାକୁ ଯେତେବେଳେ ମହିଳାମାନଙ୍କ ସାଙ୍ଗରେ ଯୋଡ଼ି ଦିଆଯାଏ, ସେତେବେଳେ ଅନୁଭବ ହୁଏ ଯେ, ଆଜି ବି ସମାଜ ଆର୍ଥିକ ସାକ୍ଷରତା ଭଳି ଆବଶ୍ୟକତାକୁ ମହିଳାମାନଙ୍କଠାରୁ ଦୂରେଇ ରଖିଛି। ଏହି ଚିନ୍ତାଧାରା ଏକ ପୁରୁଷକେନ୍ଦ୍ରିକ ଧାରଣାରୁ ଉତ୍ପନ୍ନ, ଯାହା ମହିଳାମାନଙ୍କୁ କେବଳ ପରିବାରର ଯତ୍ନ ନେବା ଭୂମିକା ମଧ୍ୟରେ ସୀମିତ ରଖିଥାଏ ଏବଂ ଆର୍ଥିକ ନିଷ୍ପତ୍ତି ନେବାର କ୍ଷମତାକୁ ପୁରୁଷଙ୍କ ପାଖରେ ଅବସ୍ଥାପିତ କରିଥାଏ। ଫଳସ୍ୱରୂପ, ମହିଳାମାନେ ବ୍ୟାଙ୍କ ମାମଲା, ନିବେଶ ନିଷ୍ପତ୍ତି, ସମ୍ପତ୍ତି କାରବାର, ଏପରିକି ସେମାନଙ୍କର ନିଜସ୍ୱ ଆୟ ପରିଚାଳନା କରିବାରେ ନିରୁତ୍ସାହିତ ହୋଇଥା'ନ୍ତି।

ଅର୍ଥନୀତିର କିଛି କ୍ଷେତ୍ର, ଯେପରି ବଜେଟ୍, ସଞ୍ଚୟ, ଖର୍ଚ୍ଚ, କିମ୍ବା ଆର୍ଥିକ ବିପଦ ପରିଚାଳନା ପରି ଧାରଣା ଆନୁଷ୍ଠାନିକ ହେବାର ବହୁ ପୂର୍ବରୁ ମହିଳାମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ଏହି ସ୍ୱଜାତ ଅଭ୍ୟାସରେ ପାରଙ୍ଗମ। ଆଦିବାସୀ ଗ୍ରାମରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ, ମହିଳାମାନେ ନିୟମିତ ଭାବେ ଯୁକ୍ତିସଙ୍ଗତ ଖର୍ଚ୍ଚ ଓ ସଞ୍ଚୟ ବିଷୟରେ ଏକ ସହଜାତ ବୁଝାମଣା ପ୍ରଦର୍ଶନ କରନ୍ତି। ମହିଳାମାନେ ଐତିହାସିକ ଭାବେ ପରିବାରର ନିରବ ଅର୍ଥନୀତିଜ୍ଞ, ଯିଏ ସୀମିତ ସମ୍ବଳକୁ ସନ୍ତୁଳିତ କରେ, ଅନିଶ୍ଚିତତା ପାଇଁ ଯୋଜନା କରେ ଏବଂ ପ୍ରଚୁରତା ଓ ସଙ୍କଟର ଚକ୍ର ମଧ୍ୟରେ ପରିବାରର ଆର୍ଥିକ ସ୍ଥିତିକୁ ବଜାୟ ରଖେ। ଏହି ଦୃଷ୍ଟିରୁ ଆର୍ଥିକ ସାକ୍ଷରତା ଏପରି କିଛି ନୂଆ ନୁହେଁ, ଯାହା ମହିଳାମାନେ ନୂତନ ଭାବରେ ହାସଲ କରିବେ। କିନ୍ତୁ ଦୁଃଖର ବିଷୟ ଏହା ଯେ ସବୁ ଜାଣି ମଧ୍ୟ ସମାଜ ମହିଳାମାନଙ୍କୁ ଆର୍ଥିକ ପରିଚାଳନା ଦକ୍ଷତା ପାଇଁ କେବେ ମାନ୍ୟତା ଦିଏ ନାହିଁ। ବ୍ୟାଙ୍କିଙ୍ଗ, ସମ୍ପତ୍ତି ମାଲିକାନା, ଋଣ ନିୟନ୍ତ୍ରଣ, ବିନିଯୋଗ ନିଷ୍ପତ୍ତି ପାରମ୍ପରିକ ଭାବରେ ମହିଳାଙ୍କ ପରିସର ବାହାରେ ରଖାଯାଏ।

ଯେଉଁ ସମାଜ ପାରିବାରିକ ଆର୍ଥିକ ସ୍ଥିତି ସ୍ଥିର କରିବା ପାଇଁ ମହିଳାମାନଙ୍କ ଉପରେ ନିର୍ଭର କରେ, ସେହି ସମାଜ ସେମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ହାସଲ କରିବାରେ ପ୍ରତିବନ୍ଧକ ସୃଷ୍ଟି କରେ। ଧନ, ସମୃଦ୍ଧି, ସନ୍ତୁଳନ ଓ କଲ୍ୟାଣର ଦିବ୍ୟଶକ୍ତି ଭାବେ ମା'ଲକ୍ଷ୍ମୀଙ୍କୁ ଘରେ ଘରେ ପୂଜା କରାଗଲା ବେଳେ ବିପରୀତ ଭାବରେ ଆମେ ଆମ ଚାରିପାଖରେ ଥିବା ନାରୀସ୍ୱରୂପିଣୀ ଲକ୍ଷ୍ମୀମାନଙ୍କୁ ଆର୍ଥିକ ସାକ୍ଷରତା ବା ଆର୍ଥିକ ସୁଯୋଗ ଦେବାରେ କୃପଣତା ଦେଖାଇଥାଉ। ମହିଳାମାନଙ୍କ ପାଖରେ ସାମର୍ଥ୍ୟର ଅଭାବ ନାହିଁ। କେବଳ ସ୍ୱୀକୃତି, ସୁଯୋଗ ଓ ସୁବିଧାର ଅଭାବ ରହୁଛି। ତେଣୁ ମହିଳାମାନଙ୍କର ଆର୍ଥିକ ସାକ୍ଷରତାକୁ ସୁଦୃଢ଼ କରିବା, ସେମାନଙ୍କୁ ଭିନ୍ନ କିଛି ଶିକ୍ଷା ଦେବା ବିଷୟରେ ନୁହେଁ, ବରଂ ସେମାନେ ପୂର୍ବରୁ ଅଭ୍ୟାସ କରୁଥିବା ଆର୍ଥିକ ସାମର୍ଥ୍ୟକୁ ଆନୁଷ୍ଠାନିକ ଆକାର, ଶକ୍ତି ଓ ସ୍ୱାଧୀନତା ଦେବା ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏହା କେବଳ ମହିଳାମାନଙ୍କ ଜୀବନକୁ ସମୃଦ୍ଧ କରିବ ନାହିଁ, ବରଂ ପରିବାର, ସମ୍ପ୍ରଦାୟ ଓ ବ୍ୟାପକ ଅର୍ଥନୀତିକୁ ମଜବୁତ ମଧ୍ୟ କରିବ।

ଆଜି ଆର୍ଥିକ ସାକ୍ଷରତା କେବଳ ସଞ୍ଚୟ କରିବାର ଜ୍ଞାନ ମଧ୍ୟରେ ସୀମିତ ନାହିଁ। ଆର୍ଥିକ ପରିଦୃଶ୍ୟରେ ପରିବର୍ତ୍ତନ, ଯେପରି ଡିଜିଟାଲ୍ ପେମେଣ୍ଟ, ଅନଲାଇନ୍ ବ୍ୟାଙ୍କିଙ୍ଗ୍, ମାଇକ୍ରୋଫାଇନାନ୍ସ, ବୀମା, ପେନସନ, କ୍ରେଡିଟ୍ ସ୍କୋର ଓ ଔପଚାରିକ ସମ୍ପତ୍ତି ମାଲିକାନା, ସାମାଜିକ-ଅର୍ଥନୈତିକ ଗତିଶୀଳତତାକୁ ନିର୍ଦ୍ଧାରଣ କରୁଛି। ଦ୍ରୁତ ଡିଜିଟାଇଜେସନ୍ ମଧ୍ୟରେ ଆର୍ଥିକ ଓ ଡିଜିଟାଲ୍ ସାକ୍ଷରତାର ଅଭାବ ଆଜି ମହିଳାମାନଙ୍କ ପାଇଁ ଏକ ନୂଆ ଆହ୍ୱାନ ସାଜିଛି। ସରକାରୀ ଆର୍ଥିକ କାର୍ଯ୍ୟକ୍ରମ ବା ସହାୟତା ଓ ଡିଜିଟାଲ ଆର୍ଥିକ ସେବା ଯେମିତି ସମ୍ପ୍ରସାରିତ ହେଉଛି ସେଇ ପରିପ୍ରେକ୍ଷୀରେ ମହିଳାମାନଙ୍କର ଆର୍ଥିକ ବ୍ୟବସ୍ଥାଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକୁ ହାସଲ କରିବାର କ୍ଷମତା ଆଜି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଉଦ୍ୟୋଗିତା, ଇ-କମର୍ସ, ଗିଗ୍ କାର୍ଯ୍ୟ ଓ ଗ୍ରାମୀଣ ସ୍ୱୟଂସହାୟକ ଗୋଷ୍ଠୀ ଆଧାରିତ ମୂଲ୍ୟ ଶୃଙ୍ଖଳାରେ ନୂତନ ସୁଯୋଗ ପାଇଁ ମହିଳାମାନଙ୍କୁ ଆନୁଷ୍ଠାନିକ ଆର୍ଥିକ କୌଶଳ ସହିତ ସଜ୍ଜିତ କରାଯିବା ଆବଶ୍ୟକ ହୋଇପଡ଼ିଛି, ଯାହା ସେମାନଙ୍କର ଅନ୍ତର୍ଦୃଷ୍ଟିସମ୍ପନ୍ନ ସାମର୍ଥ୍ୟକୁ ପରିପୂରଣ କରିପାରିବ।

ଆର୍ଥିକ ଜ୍ଞାନ ଦ୍ୱାରା ସଶକ୍ତ ହେଲେ ମହିଳାମାନେ ଆୟରେ ବିବିଧତା ଆଣିବା, ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା, ଲୁଣ୍ଠନକାରୀଙ୍କ ଋଣ ଓ ଶୋଷଣକୁ ଏଡ଼ାଇବା ଏବଂ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି ଭଳି ଗୋଷ୍ଠୀ ସଂସ୍ଥାଗୁଡ଼ିକୁ ମଜବୁତ କରିବାର ସମ୍ଭାବନା ଅଧିକ ରହିଥାଏ। ତଥାପି ମହିଳାମାନଙ୍କ ମଧ୍ୟରେ ଆଧୁନିକ ଆର୍ଥିକ ସାକ୍ଷରତା ଆଣିବା ବା ତାହାକୁ କାର୍ଯ୍ୟକାରୀ କରାଇବାରେ ରହିଛି ଅନେକ ଆହ୍ୱାନ। ସାମାଜିକ ନିୟମ, ଗତିଶୀଳତା ଉପରେ କଟକଣା, ଡିଜିଟାଲ୍ ଉପକରଣଗୁଡ଼ିକର ସୀମିତ ଉପଲବ୍ଧତା, ଆନୁଷ୍ଠାନିକ ଅନୁଷ୍ଠାନଗୁଡ଼ିକ ଉପରେ କମ୍ ଆତ୍ମବିଶ୍ୱାସ ଭଳି ସମସ୍ୟା, ମହିଳାମାନଙ୍କ ଅନ୍ତର୍ନିହିତ ସାମର୍ଥ୍ୟକୁ ବ୍ୟବହାରିକ ସଶକ୍ତୀକରଣରେ ରୂପାନ୍ତରିତ କରିବାରେ ବାଧା ସୃଷ୍ଟି କରିଥାଏ। ଅନେକ ମହିଳା ଆଜି ମଧ୍ୟ ଏଟିଏମ୍ ବ୍ୟବହାର କରିବାକୁ ଦ୍ୱିଧାପ୍ରକାଶ କରନ୍ତି, ଡିଜିଟାଲ୍ ଠକେଇ ବିଷୟରେ କିଛି ଜାଣନ୍ତି ନାହିଁ, ସେମାନଙ୍କ ପାଇଁ ତିଆରି ହୋଇଥିବା ଆର୍ଥିକ ଯୋଜନା ବିଷୟରେ ମଧ୍ୟ ପର୍ଯ୍ୟାପ୍ତ ଜ୍ଞାନ ରଖନ୍ତି ନାହିଁ। ଏହି ଢାଞ୍ଚାଗତ ପ୍ରତିବନ୍ଧକ ମହିଳାମାନଙ୍କ ଆର୍ଥିକ ସାକ୍ଷରତାର ପରିବର୍ତ୍ତନଶୀଳ ସମ୍ଭାବନାକୁ ସୀମିତ କରିଥାଏ।

ଏହି ବ୍ୟବଧାନଗୁଡ଼ିକୁ ଦୂର କରିବା ପାଇଁ ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ସାମାଜିକ ଭିତ୍ତି ଆଧାରିତ ଆଭିମୁଖ୍ୟର ଆବଶ୍ୟକତା ରହିଛି, ଯାହା ଗୋଷ୍ଠୀଭିତ୍ତିକ ଆର୍ଥିକ ସାକ୍ଷରତା ତାଲିମ୍, ସ୍ୱୟଂସହାୟକ ଗୋଷ୍ଠୀ ନେତୃତ୍ୱାଧୀନ ସହକର୍ମୀ ଶିକ୍ଷା, ଡିଜିଟାଲ୍ ସମାବେଶନ ଶିବିର, ଗ୍ରାମସ୍ତରୀୟ ବ୍ୟାଙ୍କିଙ୍ଗ୍ ସମ୍ବାଦଦାତା ଓ ସରଳୀକୃତ ବହୁଭାଷୀ ଆର୍ଥିକ ଉପକରଣ ଜ୍ଞାନର ପାର୍ଥକ୍ୟକୁ ଦୂର କରିପାରିବ। ମହିଳାମାନଙ୍କ ପାଖରେ ବ୍ୟକ୍ତିଗତ ମୋବାଇଲ୍ ଫୋନ୍, ଡିଜିଟାଲ୍ ପରିଚୟ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସୁବିଧା ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ। ନୀତିଗତ ପ୍ରୟାସ କେବଳ ଆର୍ଥିକ ଶିକ୍ଷା ଉପରେ ଧ୍ୟାନ ଦେବା ନୁହେଁ, ବରଂ ସଂସ୍ଥାଗତ ସଂସ୍କାର ଉପରେ ଧ୍ୟାନ ଦେବା ମଧ୍ୟ ଜରୁରୀ। ମିଳିତ ଜମି ମାଲିକାନା, ଲିଙ୍ଗ-ଅନୁକୂଳ ବ୍ୟାଙ୍କ ପ୍ରକ୍ରିୟା, ସହଜରେ ଉପଲବ୍ଧ ଅଭିଯୋଗ ବ୍ୟବସ୍ଥା ଏବଂ ଦୃଢ଼ ସାମାଜିକ ସମର୍ଥନ ବ୍ୟବସ୍ଥା ମହିଳାମାନଙ୍କୁ ସ୍ୱାଧୀନ ଭାବରେ ଆର୍ଥିକ ନିଷ୍ପତ୍ତି ନେବାକୁ ଉତ୍ସାହିତ କରିପାରିବ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୁରୁଷ ଓ ପରିବାରର ସଚେତନତା, ଯାହାଦ୍ୱାରା ଆର୍ଥିକ ସଶକ୍ତୀକରଣ ଘରୋଇ ବିବାଦର ଏକ ଉତ୍ସ ନହୋଇ, ପ୍ରଗତି ପାଇଁ ଏକ ସହଭାଗୀ ମାର୍ଗ ତିଆରି କରିପାରିବ।

ମହିଳାମାନେ ଆର୍ଥିକ ଦୃଷ୍ଟିରୁ ସାକ୍ଷର ହେଲେ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିସାଧନ ଓ ମାନବ ପୁଞ୍ଜିରେ ଅଧିକ ନିବେଶ କରିଥା'ନ୍ତି। ସେମାନଙ୍କର ଉଦ୍ୟୋଗ, ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ବିବିଧତା ଆଣିଥାଏ, ଘରୋଇ ସ୍ଥିତିସ୍ଥାପକତା ବୃଦ୍ଧି କରିଥାଏ ଏବଂ ଜାତୀୟ ଉତ୍ପାଦନରେ ସିଧାସଳଖ ଯୋଗଦାନ କରିଥାଏ। ବୈଶ୍ୱିକ ପ୍ରମାଣ ଦର୍ଶାଉଛି ଯେ ଅଧିକ ମହିଳା ଆର୍ଥିକ ଅନ୍ତର୍ଭୁକ୍ତ ଥିବା ଅର୍ଥବ୍ୟବସ୍ଥା, ସୁଦୃଢ଼ ମୋଟ ଘରୋଇ ଉତ୍ପାଦରେ ଅଭିବୃଦ୍ଧି, ଉନ୍ନତ ବିକାଶମୂଳକ ଫଳାଫଳ ଏବଂ ଅଧିକ ସନ୍ତୁଳିତ ସାମାଜିକ ପ୍ରଗତି ଆଣିଥାଏ। ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏକ ସାଂସ୍କୃତିକ ପୁନରୁଦ୍ଧାର ଏବଂ ଏକ ବିକାଶମୂଳକ ଆବଶ୍ୟକତା। ପ୍ରତ୍ୟେକ ମହିଳା ସ୍ୱୟଂଶାସିତ, ସୂଚିତ, ସୁରକ୍ଷିତ ଓ ସମ୍ମାନିତ ଭାବରେ ନିଜ ଜୀବନରେ ନିଜେ ଲକ୍ଷ୍ମୀ ହେବାକୁ ଅନୁମତି ପାଇଲେ ଆଧୁନିକ ଆର୍ଥିକ ସାକ୍ଷରତା ଆଉ ସମସ୍ୟା ନ ହୋଇ ଅଭିବୃଦ୍ଧିର ନୂତନ ପନ୍ଥା ହୋଇପାରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ତମାଖୁ ଛାଡ଼ିବା ସମ୍ଭବ

ଡି ଦେବହରି ରେଡି

ସାଂପ୍ରତିକ ସମୟରେ ଦିନକୁ ଦିନ ତମାଖୁ ଅଭ୍ୟାସ ଏକ ଭୟଙ୍କର ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ ସମସ୍ୟା ହୋଇ କାୟା ମେଲାଇ ଚାଲିଛି। ଭାରତ ହେଉଛି ବିଶ୍ୱର ତୃତୀୟ ତମାଖୁ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ବ୍ୟବହାରରେ ବିଶ୍ୱରେ ଦ୍ୱିତୀୟ। ଗ୍ଲୋବାଲ ଆଡଲଟ୍ ଟୋବାକୋ ସର୍ଭେ-୨ ଅନୁଯାୟୀ ଭାରତରେ ଶତକଡ଼ା ୨୮.୬ ପ୍ରତିଶତ ଲୋକ ତମାଖୁ ବ୍ୟବହାର କରୁଥିବା ବେଳେ ଓଡ଼ିଶା ଏ କ୍ଷେତ୍ରରେ ଦେଶରେ ଷଷ୍ଠରେ ରହିଛି। ଓଡ଼ିଶାରେ ଶତକଡ଼ା ୪୫.୬ ପ୍ରତିଶତ ଲୋକ ଯେକୌଣସି ପ୍ରକାର ତମାଖୁ ସେବନ କରନ୍ତି। ତମାଖୁ ସେବନ ତାଲିକାର ପ୍ରଥମରେ ଥିବା ତ୍ରିପୁରା ହାରାହାରି ୬୪.୫% ଏବଂ ଶେଷରେ ଥିବା ଗୋଆ ସର୍ବନିମ୍ନ ପ୍ରାୟ ୯.୭% ତମାଖୁ ବ୍ୟବହାର କରନ୍ତି। ଭାରତ ଓ ଓଡ଼ିଶାରେ ଯଥାକ୍ରମେ ୧୦.୭% ଓ ୭.୦% ଲୋକ ଧୂମକାରୀ ତମାଖୁ ଏବଂ ଯଥାକ୍ରମେ ୨୧.୪% ଓ ୪୨.୯% ଲୋକ ଧୂମହୀନ ତମାଖୁ ବ୍ୟବହାର କରୁଛନ୍ତି। ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ତମାଖୁ ବ୍ୟବହାରକାରୀ ସଂଖ୍ୟା ଅଧିକ।

ଅପରପକ୍ଷରେ ଭାରତରେ ବାର୍ଷିକ ୧୩.୫ ଲକ୍ଷ ଲୋକ ତମାଖୁ ବ୍ୟବହାର ଦ୍ୱାରା ମୃତ୍ୟୁବରଣ କରିଥା'ନ୍ତି, ଯାହା ସମୁଦାୟ ମୃତ୍ୟୁ ସଂଖ୍ୟାର ୯.୫%। ତମାଖୁ ମଧ୍ୟ କର୍କଟ, ହୃଦରୋଗ, ମସ୍ତିଷ୍କାଘାତ ଓ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସଫୁସ୍ ରୋଗ ଭଳି ଦୁରାରୋଗ୍ୟ ସୃଷ୍ଟି କରେ। ଏହାଦ୍ୱାରା ଶାରୀରିକ ଯନ୍ତ୍ରଣା ସହିତ ସାମାଜିକ ଓ ଅର୍ଥନୈତିକ ଜୀବନ ମଧ୍ୟ କ୍ଷତିଗ୍ରସ୍ତ ହୁଏ। ତମାଖୁ ସେବନକାରୀ ରୋଗଗ୍ରସ୍ତ ହେଲେ ଜୀବିକା ହରାଏ, ପରିବାରର ରୋଜଗାରର ପନ୍ଥା ବନ୍ଦ ହୋଇଯାଏ। ଏପରିକି ଚିକିତ୍ସା ପାଇଁ ଜମିବାଡ଼ି ଘର ଆଦି ବନ୍ଧା ପକେଇବାର କିମ୍ବା ବିକ୍ରି କରିଦେବାର ଉଦାହରଣ ଅନେକ।

କିଛି ବ୍ୟକ୍ତି ତମାଖୁ ସେବନରୁ ନିବୃତ ରହିବା ପାଇଁ ପ୍ରୟାସ କରନ୍ତି। କିନ୍ତୁ ସଠିକ୍ ମାର୍ଗ ଦର୍ଶନର ଅଭାବରେ ପୁନଃ ବ୍ୟବହାର କରନ୍ତି। ସାଧାରଣତଃ ତମାଖୁଜାତ ଦ୍ରବ୍ୟରେ ଥିବା ନିକୋଟିନ୍ ନାମକ ରାସାୟନିକ ପଦାର୍ଥ ଯୋଗୁଁ ତମାଖୁଠାରୁ ଦୂରେଇ ରହିବା ଟିକେ କଷ୍ଟକର ହୋଇପଡ଼େ। ନିକୋଟିନ ସେବନର ୭-୧୦ ସେକେଣ୍ଡ ମଧ୍ୟରେ ଶରୀରରେ ଚର୍ମ, ପାଟି ଓ ଫୁସଫୁସ୍ ଦ୍ୱାରା ଅବଶୋଷିତ ହେଇ ରକ୍ତରେ ମିଶ୍ରଣ ଘଟି ଦ୍ରୁତଗତିରେ ମସ୍ତିଷ୍କରେ ପହଞ୍ଚି ଡୋପାମାଇନ୍ ଭଳି ହରମୋନ୍ ବା ଜୀବରସକୁ କ୍ଷରିତ କରାଏ, ଯାହାକି ଖୁସି, ଉତ୍ସାହିତ ଉଦ୍ଦୀପନା ଜାଗ୍ରତ କରାଏ। ଫଳରେ ତମାଖୁ ବ୍ୟବହାରକାରୀ ଅଳ୍ପ ସମୟ ପାଇଁ ଆନନ୍ଦ ଅନୁଭବ କରେ। କିନ୍ତୁ ଧୀରେ ଧୀରେ ସେ ନିକୋଟିନର ଗୋଲାମ୍ ହୋଇଯାଏ।

ଅପରପକ୍ଷରେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ଭାବେ ସମ୍ଭବ। ଅନେକ ଲୋକ ତମାଖୁଠାରୁ ଦୂରେଇ ଅଛନ୍ତି। ଏଥିପାଇଁ ନିଜର ଇଚ୍ଛାଶକ୍ତି ଦରକାର। ତମାଖୁ ପ୍ରତି ଆକର୍ଷିତ ହେବା ମଧ୍ୟ ଏକ କାରଣ। ତମାଖୁ ଉତ୍ପାଦନ ଶିଳ୍ପ ସଂସ୍ଥା ଯୁବଗୋଷ୍ଠୀକୁ ବୃହତ୍ ଉପଭୋକ୍ତା ଭାବରେ ବାନ୍ଧି ରଖିଛି। ମୁଖ୍ୟତଃ ସିନେ କିମ୍ବା କ୍ରିକେଟ୍ ତାରକା ଓ ସମାଜରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଆକର୍ଷଣମୂଳକ ବିଜ୍ଞାପନ ପ୍ରଚଳନ କରି ଯୁବପିଢ଼ି ଓ କିଶୋରବର୍ଗଙ୍କୁ ତମାଖୁ ସେବନ ପାଇଁ ଆକୃଷ୍ଟ ଓ ଉତ୍ସାହିତ କରୁଛନ୍ତି। ସମାଜ ପାଇଁ ଏଭଳି ଆଦର୍ଶ ଓ ସମ୍ମାନାସ୍ପଦ ବ୍ୟକ୍ତିତ୍ୱମାନେ ଅର୍ଥଲୋଭୀ ବିଜ୍ଞାପନ ଜରିଆରେ ଯାହା କରୁଛନ୍ତି, ତାହାର ସୁଦୂରପ୍ରସାରୀ କୁପ୍ରଭାବ ସମାଜ ଉପରେ ପଡୁଛି। ଯଦିଓ ସେଭଳି ବ୍ୟକ୍ତିତ୍ୱ ଚଳଚ୍ଚିତ୍ର ଜଗତର ନାୟକ ହୋଇଥାଇପାରନ୍ତି, କିନ୍ତୁ ମଣିଷ ସମାଜ ପାଇଁ କଳଙ୍କ ଓ ଖଳନାୟକ ବୋଲି କହିଲେ କିଛି ତ୍ରୁଟି ହେବ ନାହିଁ।

ଏହି ସବୁ ଭିତରେ ଏକ କଥା ସ୍ପଷ୍ଟ ଭାବରେ କହିହେବ ଯେ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବପର। ତମାଖୁ ଛାଡ଼ିବା ପାଇଁ ଆଜି ହିଁ ପ୍ରୟାସ ଆରମ୍ଭ କରନ୍ତୁ। ଏଥିପାଇଁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ କଥା ନିଜର ଇଚ୍ଛାଶକ୍ତି। ତେଣୁ ତା'କୁ ପ୍ରଥମେ ଜାଗ୍ରତ କରାନ୍ତୁ। ସତେଜ ହୁଅନ୍ତୁ, ବାରମ୍ବାର ଉତ୍ସାହିତ ହୁଅନ୍ତୁ। ଛାଡ଼ିବା ପାଇଁ ତାରିଖ ନିର୍ଦ୍ଧାରିତ କରନ୍ତୁ। ହଁ ଏକ ଲମ୍ବା ଯାତ୍ରା ହୋଇପାରେ, କିନ୍ତୁ କିଛି ଅସମ୍ଭବ ନୁହେଁ। ତେଣୁ ଏହି ଯାତ୍ରାରେ ନିଜେ ଚାଳକ ହୁଅନ୍ତୁ ବା ନେତୃତ୍ୱ ନିଅନ୍ତୁ। ନିଜର ପରିବାର ବର୍ଗ, ସାଙ୍ଗସାଥୀ, କାର୍ଯ୍ୟାଳୟ ଓ ପରିବେଶକୁ ସହଚର ଭାବେ ଗ୍ରହଣ କରନ୍ତୁ। ନିଜ ଯାତ୍ରା ବିଷୟରେ ସମସ୍ତଙ୍କ ସହ ଆଲୋଚନା କରି ସଫଳ ଆଉ ବିଜୟୀ ହେବା ପାଇଁ ସହଯୋଗ ଏକାନ୍ତ କାମ୍ୟ ବୋଲି ପ୍ରକାଶ କରନ୍ତୁ। ଯେତେସମ୍ଭବ ନକାରାତ୍ମକ ବ୍ୟକ୍ତି ଯଥା ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତି ଏବଂ ତମାଖୁ ବ୍ୟବହାର ପାଇଁ ଉତ୍ସାହିତ କରୁଥିବା ବ୍ୟକ୍ତି ଓ ପରିବେଶଠାରୁ ଦୂରେଇ ରୁହନ୍ତୁ। ଏହି ଯାତ୍ରାରେ ଅଧିକ ଓ ଶୀଘ୍ର ସଫଳତା ହାସଲ ପାଇଁ ପ୍ରତିଦିନ କିଛି ସମୟ ପାଇଁ ଧ୍ୟାନ, ପ୍ରାଣାୟମ ଆଦି କରିବା ସହ ନିଜ ସହ ନିଜେ କଥା ହୁଅନ୍ତୁ। ମନେ ରଖନ୍ତୁ ତମାଖୁ ଛାଡ଼ିବା ସମ୍ପୂର୍ଣ୍ଣ ସମ୍ଭବ। ନିଜେ ଟିକେ ଚେଷ୍ଟା କରନ୍ତୁ।

ତମାଖୁ ଛାଡ଼ିବା ପାଇଁ ସଂକଳ୍ପ ରାସ୍ତାରେ ବିଭିନ୍ନ ପ୍ରକାର ଉଦବେଗ ଆସିପାରେ। ଯେପରିକି ପାଟି ଅସ୍ୱାଭାବିକ ହେବା, ମନ ଅସ୍ଥିର ହେବା, ଚିଡ଼ିଚିଡ଼ା ଲାଗିବା, ବିରକ୍ତ ଅନୁଭବ ହେବା ଇତ୍ୟାଦି ଇତ୍ୟାଦି। ଏହିଭଳି ଉଦ୍‌ବେଗ ଆସିବା ସମୟରେ ନିଜକୁ ଦୁର୍ବଳ ନ ଭାବି ତା'କୁ ସାମନା କରିବା। ସେହି ସମୟରେ ମୁହଁହାତ ଧୋଇ ପ୍ରଚୁର ପାଣି ପିଇବା, ନିଜ ମନ ପସନ୍ଦ କାର୍ଯ୍ୟ, ଯେମିତି କି ଗପ ବହି ପଢ଼ିବା, ଚଳଚ୍ଚିତ୍ର ଦେଖିବା, ଗୀତ ଶୁଣିବା, ସାଙ୍ଗସାଥି ପରିବାର ବର୍ଗଙ୍କ ସହ କଥା ହେବା ଭଳି କାର୍ଯ୍ୟ କରି ନିଜର ଧ୍ୟାନ ସେପଟେ ରଖି ପାରିଲେ ତମାଖୁ ପ୍ରତି ଜାଗ୍ରତ ହେଉଥିବା ଆସକ୍ତି ଆପେ ଆପେ ଆୟତ୍ତ ହେଇଯିବ। ଏହିଭଳି ସାତଦିନରୁ ଚଉଦଦିନ ପ୍ରୟାସ କଲେ ତମାଖୁଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିପାରିବା।

ଏହିଯାତ୍ରାରେ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ଅଭିଜ୍ଞ ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ସାହାଯ୍ୟ ଓ ପରାମର୍ଶ ନେଇପାରିବେ। ତା'ଛଡ଼ା ସରକାରଙ୍କ ପକ୍ଷରୁ ନିଃଶୁଳ୍କ ପରାମର୍ଶ ପାଇଁ ଉପଲବ୍ଧ ୧୮୦୦ ୧୧ ୨୩୫୬ର ସାହାଯ୍ୟ ନେଇପାରିଲେ ନିଶ୍ଚିନ୍ତ ଭାବେ ସୁଫଳ ମିଳିବ। ଯେତେଶୀଘ୍ର ତମାଖୁଠାରୁ ଦୂରେଇ ରହିବା ସେତେ ଶୀଘ୍ର ସ୍ୱାସ୍ଥ୍ୟ ସମସ୍ୟାଠାରୁ ଦୂରେଇ ରହିପାରିବା। ତମାଖୁ ଛାଡ଼ିବା ଜୀବନ ବାଛିବା।

(ସ୍ୱାସ୍ଥ୍ୟ ପରାମର୍ଶଦାତା)
ଛତ୍ରପୁର, ମୋ: ୯୪୩୭୨୫୩୩୩୨

# ଓଡ଼ିଆ ଅସ୍ମିତାର ଅନନ୍ୟ ପ୍ରତୀକ: ଗୁରୁ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

ପୂର୍ବ ପ୍ରକାଶିତ ଉତ୍ତାରୁ...

ଚୀନ ପରିବ୍ରାଜକ ହୁଏନ ସାଂ ସପ୍ତମ ଶତାବ୍ଦୀ ମଧ୍ୟଭାଗରେ ଗାନ୍ଧାର-ଉଦ୍ୟାନ-ସ୍ୱାତ୍-କାଶ୍ମୀର ଅଞ୍ଚଳ ଅତିକ୍ରମ କରୁଥିବା ବେଳର ଘଟଣାକ୍ରମ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ କଥା ଦର୍ଶାଇଛନ୍ତି ଯେ ସେହି ଅଞ୍ଚଳର ସାଧାରଣ ଜନତା, ଏପରିକି ସନ୍ନ୍ୟାସୀମାନେ ମଧ୍ୟ ଚମତ୍କାରିତା ତଥା କୁହୁକ ବିଦ୍ୟା ପ୍ରଦର୍ଶନ କରୁଥିଲେ। ବୌଦ୍ଧ ସାହିତ୍ୟରୁ ଏହା ମଧ୍ୟ ଜଣା ଯେ ବୁଦ୍ଧଙ୍କ କାଳରୁ ବି ଗାନ୍ଧାର ଲୋକମାନଙ୍କୁ ଏହି ଯାଦୁ ଓ କୁହୁକ ବିଦ୍ୟା ଜଣାଥିଲା। ଯାଦୁ ଓ କୁହୁକ ତଥା ଚମତ୍କାରିତା ପ୍ରଦର୍ଶନ ଆଦି ସେ ଅଞ୍ଚଳର ଏକ ଲୋକକଳା ଭଳି ରହିଥିଲା ଯୁଗେ ଯୁଗେ। ଏହି ବିଦ୍ୟାର ପ୍ରୟୋଗରେ ସେହି ଅଞ୍ଚଳର ଅନେକ ଲୋକ ନିଜର ଭରଣପୋଷଣ କରୁଥିଲେ। ଏଣୁ ହୁଏନସାଂଙ୍କ କାଳରେ ସେ ଏହି ଅଞ୍ଚଳରେ ସେହି କଥା ହିଁ ଦେଖିଥିଲେ। ଏହା ଯାଦୁବିଦ୍ୟା ଆଦିର ପ୍ରଦର୍ଶନ କୌଣସି ମତେ ବଜ୍ରଯାନ ବୌଦ୍ଧ ଧର୍ମର ସାଧନା ଅଥବା ଅଭ୍ୟାସ ନ ଥିଲା, ଏହା ନିର୍ଦ୍ଦିଷ୍ଟଭାବେ ସେ ଅଞ୍ଚଳର କିଛି ଲୋକଙ୍କର ସାଧାରଣ ପେଶା ହିଁ ଥିଲା।

କିଛି ଗବେଷକ ହୁଏନସାଂଙ୍କର ଏହି ଗାନ୍ଧାର କାଶ୍ମୀର ଅଞ୍ଚଳରେ ଭ୍ରମଣ ବେଳେ ସେଠାରେ ଯାଦୁବିଦ୍ୟା ପ୍ରଦର୍ଶନର ବର୍ଣ୍ଣନାକୁ ବଜ୍ରଯାନ ବୌଦ୍ଧଧର୍ମର ତାନ୍ତ୍ରିକ କାର୍ଯ୍ୟକଳାପ ଭାବରେ ଭୁଲ ଧାରଣାର ବଶବର୍ତ୍ତୀ ହୋଇ ଉପସ୍ଥାପନ କରିଛନ୍ତି। ଉଡ୍ଡୀୟାନ କ୍ଷେତ୍ର ହେଉଛି ବଜ୍ରଯାନର ପ୍ରଥମ ତଥା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପୀଠ। ବଜ୍ରଯାନ କେବଳ ଯାଦୁ ଚମତ୍କାରିତା ତଥା କୁହୁକ ପ୍ରଦର୍ଶନର ଏକ ଧର୍ମ ନୁହେଁ। ବଜ୍ରଯାନର ଦୁଇଗୋଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ 'ସାଧନାମାଳା' ଓ 'ନିଷ୍ପନ୍ନଯୋଗାବଳୀ'ରେ ପ୍ରାୟ ଛଅଶହରୁ ଅଧିକ ବଜ୍ରଯାନୀ ଦେବଦେବୀଙ୍କର ସାଧନା ତଥା ମଣ୍ଡଳ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସ୍ୱାତ୍-ଉପତ୍ୟାକା ଅଞ୍ଚଳ ଅଥବା ସମଗ୍ର ଗାନ୍ଧାର- ଉଦ୍ୟାନ-କାଶ୍ମୀର ଅଞ୍ଚଳର ପଦ୍ମସମ୍ଭବଙ୍କ କାଳ(ଅଷ୍ଟମ-ନବମ ଶତାବ୍ଦୀ)ରେ ବଜ୍ରଯାନର କୌଣସି ଚିହ୍ନବର୍ଣ୍ଣ ମଧ୍ୟ ନଥିଲା କିମ୍ବା ସେଠାରେ ତାହାର ଉପସ୍ଥିତି ମଧ୍ୟ ନଥିଲା। ଏହି ପ୍ରସଙ୍ଗରେ ସେ ଅଞ୍ଚଳରୁ କୌଣସି ତଥ୍ୟ ପ୍ରମାଣ ମଧ୍ୟ ମିଳିପାରିନାହିଁ। ବଜ୍ରଯାନ ଦେବଦେବୀମାନଙ୍କର କୌଣସି ଗୋଟିଏ ମଧ୍ୟ ମୂର୍ତ୍ତି ଏ ଅଞ୍ଚଳରୁ ଠାବ କିମ୍ବା ଉଦ୍ଧାର କରାଯାଇନାହିଁ, ଯେଉଁଠି କି ଓଡ଼ିଶାର କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ବଜ୍ରଯାନୀ ଦେବଦେବୀ ମୂର୍ତ୍ତିମାନ ଉଦ୍ଧାର କରାଯାଇପାରିଛି।



ଦ୍ୱିତୀୟ-ବୁଦ୍ଧ କଥା

ଗାନ୍ଧାର ଅଞ୍ଚଳରୁ ବହୁସଂଖ୍ୟକ ବୋଧିସତ୍ତ୍ୱ ମୈତ୍ରେୟଙ୍କର ମୂର୍ତ୍ତିମାନ ଯାହା ଉଦ୍ଧାର କରାଯାଇଛି ତାହା ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏ ଅଞ୍ଚଳରେ ଏହି ବୌଦ୍ଧ ଦେବତାଙ୍କର ଧର୍ମତତ୍ତ୍ୱର ପ୍ରଚଳନ ଖୁବ ପ୍ରଭାବଶାଳୀ ଢଙ୍ଗରେ କାୟାବିସ୍ତାର କରିଥିବା ଦର୍ଶାଇଥାଏ। ଏହି 'ମୈତ୍ରେୟ ତତ୍ତ୍ୱ' ହେଉଛି 'ସର୍ବାସ୍ତିବାଦୀ'ମାନଙ୍କର। ଏହି 'ମୈତ୍ରେୟ ତତ୍ତ୍ୱ' ମହାଯାନଠାରୁ ଭିନ୍ନ। 'ସର୍ବାସ୍ତିବାଦ' ହେଉଛି 'ହୀନଯାନ' ଅଥବା 'ଥେରବାଦ' ଗୋଷ୍ଠୀର। 'ସର୍ବାସ୍ତିବାଦ' ଏହି ଗାନ୍ଧାର କାଶ୍ମୀର ଅଞ୍ଚଳ ଏବଂ କେନ୍ଦ୍ର ଏସିଆ ଅଞ୍ଚଳରେ ବ୍ୟାପକଭାବେ ପ୍ରଚଳିତ ଥିଲା। ପୁନଶ୍ଚ ଗାନ୍ଧାରରେ ବିକାଶ ଲାଭ କରିଥିଲା ବୌଦ୍ଧ କଳା ଓ ସ୍ଥାପତ୍ୟ। ତେଣୁ କରି ବୁଦ୍ଧ, ଶାକ୍ୟ ମୁନି ଓ ବୋଧିସତ୍ତ୍ୱ ମୈତ୍ରେୟ କୈନ୍ଦ୍ରିକ।

ପଦ୍ମସମ୍ଭବ ହେଉଛନ୍ତି ଜଣେ ଖାତନାମା ବୌଦ୍ଧ ଆଚାର୍ଯ୍ୟ। ତେଣୁ ତାଙ୍କ ଜୀବନ ଚରିତ, କାର୍ଯ୍ୟକଳାପ ତଥା ସଫଳତା ଆଦି ସଂପର୍କରେ ଆଲୋଚନା କଲା ବେଳେ ତାଙ୍କ କାଳରେ ଭାରତବର୍ଷ, ଓଡ଼ିଶା ତଥା ତିବ୍ବତରେ ବୌଦ୍ଧ ଧର୍ମର ସ୍ଥିତି ସଂପର୍କରେ ଜାଣିବା ନିତାନ୍ତ ଆବଶ୍ୟକ। ଏହାବ୍ୟତୀତ କେତେକ ଗବେଷକ ଉଡ୍ଡୀୟାନ କ୍ଷେତ୍ର ସହ ସ୍ୱାତ୍ ଉପତ୍ୟକାର ବିବାଦୀୟ ସଂପର୍କ ଦର୍ଶାଇଥିବାରୁ ଗାନ୍ଧାର-କାଶ୍ମୀର-ସ୍ୱାତ୍-ଉଦ୍ୟାନ ଅଞ୍ଚଳରେ ସେ ସମୟକୁ ବୌଦ୍ଧକଳା ସ୍ଥାପତ୍ୟର ପ୍ରଭାବ ରହିଥିଲା। ଏ ସମସ୍ତ ବିଷୟ ଏବଂ ପ୍ରସଙ୍ଗ ପୂର୍ବରୁ ସମ୍ୟକଭାବେ ବିଭିନ୍ନ ଅଧ୍ୟାୟରେ ସୂଚିତ କରିଦିଆ ଯାଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତନ ବିଧାୟିକା ସଞ୍ଜିତା ମହାନ୍ତିଙ୍କ ପରଲୋକ





## ଶେଷଦର୍ଶନ କଲେ ମୋହନ, ଶୋକବ୍ୟକ୍ତ କଲେ ନବୀନ

## ବିଧାନସଭାରେ ଦିଆଗଲା ଗାର୍ଡ ଅଫ ଅନର୍

**ବ୍ୟାସନଗର, ୨୬।୧୨(ସମିସ):** କୋରେଇର ପ୍ରଥମ ମହିଳା ବିଧାୟିକା ସଞ୍ଜିତା ମହାନ୍ତିଙ୍କ ପରଲୋକ ଘଟିଛି। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସକାଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସଞ୍ଜିତା ବିଜେପି ଟିକଟରେ ବିଜୟୀ ହୋଇ ୨୦୦୪ରୁ ୨୦୦୯ମସିହା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାକୁ କୋରେଇ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ବିଧାୟିକା ଭାବେ ସେ କୋରେଇର ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ସଞ୍ଜିତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ 'ଏକ୍ସ' ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି। ଲୋକଙ୍କ ସେବା ଓ ଉନ୍ନତିରେ ସଞ୍ଜିତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ ବୋଲି ନବୀନ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ଆଜି ଅପରାହ୍ନରେ ବିଧାନସଭା ପରିସରକୁ ସଞ୍ଜିତାଙ୍କ ପାର୍ଥିବ ଶରୀରକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଧାନସଭାର କର୍ମଚାରୀମାନେ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

୧୯୫୮ରେ ଜନ୍ମିତ ଶ୍ରୀମତୀ ମହାନ୍ତି ସ୍ନାତକ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ସମାପନ କରି ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ସେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋପୀନାଥ ମହାନ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ୨ ଗୋଟି ପୁତ୍ର ସନ୍ତାନ ଅଛନ୍ତି। କିଛି ବର୍ଷ ତଳେ ସ୍ୱାମୀ ଗୋପୀନାଥ ମହାନ୍ତି ମୃତ୍ୟୁବରଣ କରିଥିଲେ। କୋରେଇ ବିଧାୟିକା ଭାବେ ନିର୍ବାଚିତ ହେବା ପରେ ସେ ବିଧାନସଭାରେ ଗୃହ, ମହିଳା ଶିଶୁ ବିକାଶ ବିଭାଗ କମିଟିରେ ସଭ୍ୟ ରହିଥିଲେ। କିଛି ମାସ ହେବ, ସେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ।

# ଚିହ୍ନଟ ହେଲେ ୩ ମୃତ ମାଓବାଦୀ

**ଫୁଲବାଣୀ, ୨୬।୧୨ (ସମିସ):** ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଗତକାଲି ନିହତ ୬ ମାଓବାଦୀଙ୍କ ମଧ୍ୟରୁ ବାକି ୩ଜଣଙ୍କର ଆଜି ପରିଚୟ ମିଳିଛି। ସେମାନେ ହେଲେ, ଏରିଆ କମିଟି ମେମ୍ବର ଅଙ୍କିତା, ପାର୍ଟି ମେମ୍ବର ସୀମା ଓ ଉମେଶ। ଚକାପାଦ ଥାନା ଅଞ୍ଚଳରେ ପୁଲିସ ଗୁଳିରେ ଏମାନେ ନିହତ ହୋଇଛନ୍ତି। ଏହି ସଫଳତାକୁ ଓଡ଼ିଶା ଓ କନ୍ଧମାଳ ପୁଲିସ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ଆଜି ସ୍ଥାନୀୟ ପୁଲିସ ରିଜର୍ଭରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଏଡିଜି) ସଞ୍ଜୀବ ପଣ୍ଡା କହିଛନ୍ତି।

ଏଡିଜିଙ୍କ ସୂଚନାନୁସାରେ, ବର୍ତ୍ତମାନ କେବଳ କନ୍ଧମାଳ ଜିଲ୍ଲାରେ ମାଓବାଦୀ ସକ୍ରିୟ ଅଛନ୍ତି। ସେମାନଙ୍କ ସଂଖ୍ୟା ଏବଂ ସାମର୍ଥ୍ୟ ଯଥେଷ୍ଟ ହ୍ରାସ ପାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓମୁକ୍ତ କରିବାରେ ପୁଲିସ ସଫଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ଶ୍ରୀ ପଣ୍ଡା। ସମ୍ପ୍ରତି ବେଲଘର ଓ ଗସମା ଅଞ୍ଚଳରେ ସୁରକ୍ଷା ବାହିନୀକୁ ମିଳିଥିବା ସଫଳତାର ଶ୍ରେୟ ରାଜ୍ୟ ପୁଲିସର ଗୁଇନ୍ଦା ବିଭାଗ, କନ୍ଧମାଳ ଏସ୍‌ପି ଏବଂ ଅପରେସନରେ ସାମିଲ ଯବାନଙ୍କୁ ଦେଇଛନ୍ତି ଏଡିଜି।

ସୂଚନାଯୋଗ୍ୟ, ୨୪ ତାରିଖରେ ବେଲଘର ଥାନା ଅଞ୍ଚଳ ଓ ୨୫ ତାରିଖରେ ଚକାପାଦ ଥାନା ଗସମା ଅଞ୍ଚଳରେ କରାଯାଇଥିବା ଦୁଇ ବଡ଼ ଧରଣର ମାଓ ଅପରେସନରେ ଯଥାକ୍ରମେ ୨ ଓ ୪ ଜଣ ନକ୍ସଲ ପୁଲିସ ଗୁଳିର ଶିକାର ହୋଇଥିଲେ। ଆଜି ସକାଳ ସୁଦ୍ଧା ସମସ୍ତଙ୍କ ମୃତଦେହ ଆଣି ଫୁଲବାଣୀ ପୁଲିସ ରିଜର୍ଭରେ ରଖାଯାଇଛି। ମୃତଦେହ ପାଇଁ କେହି ଦାବି ନ କଲେ ୭୨ ଘଣ୍ଟା ପରେ ନିୟମ ଅନୁସାରେ ପଦକ୍ଷେପ ନିଆଯିବ। ଉଭୟ ଅପରେସନସ୍ଥଳରୁ ପୁଲିସକୁ ବିପୁଳ ପରିମାଣର ମାଓ ସାମଗ୍ରୀ ମିଳିଛି। ସେଥିମଧ୍ୟରେ ଇନ୍‌ସାସ ରାଇଫଲ, ୩୦୩ ରାଇଫଲ, ଗୁଳି, ବ୍ୟାଟେରି, ପୋଷାକପତ୍ର ଭଳି ବିଭିନ୍ନ ଜିନିଷ ରହିଛି।


**AFFIDAVIT**

By virtue of an affidavit (CF No. 63, Dt-13/11/2025) sworn before the Executive Magistrate, Bhubaneswar, I, Gitanjali Mahakuda, W/o- Gandharba Mahakuda, current resident of Udayagiri Vihar, Patrapada, P.s: Khandagiri, Bhubaneswar-751019, Dist-Khurda & permanent resident of At-Bhuktabhuin, Po-Chhamenda, P.S- Jagannath Prasad, Dist-Ganjam, Odisha, Pin-761121 declare that I have changed my minor son's name from Sibaram Gouda to Sibaram Mahakuda. Henceforth, he shall be known as **Sibaram Mahakuda** (new name) for all purposes.

Gitanjali Mahakuda

**AFFIDAVIT**

By virtue of an affidavit sworn before Executive Magistrate, Bargarh, I Renu Bansal, D/o- Kailash Prasad Bansal residing at Ward No.1, Nadipada, Bargarh, Po./Ps./ Dist.- Bargarh, Odisha, Pin-768028 state that, I have changed my name from **Renu Agrawal** to **Renu Bansal**. Henceforth I shall be known as **Renu Bansal** for all future purposes.

**AFFIDAVIT**

I, L Abhinash, aged about 26 years, S/o- Chandrasena Lima, resident of At- Allada, Po- Vallada, Ps- Kashinagar, Dist- Gajapati, Pin- 761206, Odisha declare by this affidavit No. 2601, dtd- 26/12/2025, that now onwards I shall be known as **L ABHINASH NAYAK** for all future purposes.


■ ପୁଣି ଦାଦନ ଦୁଃଖ

# ତେଲେଙ୍ଗାନାରେ ଓଡ଼ିଆ ଯୁବତୀକୁ ହତ୍ୟା



**କୋକସରା, ୨୬ ।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ ପୁଣି ଦାଦନ ଯନ୍ତ୍ରଣା। ପେଟପାଟଣା ପାଇଁ ଦାଦନ ଖଟିବାକୁ ତେଲଙ୍ଗାନା ଯାଇଥିବା ଜୟନ୍ତପୁର ପଞ୍ଚାୟତ କାଣ୍ଡପଡ଼ା ଗ୍ରାମର ଜଣେ ଯୁବତୀ ସେଠାରେ ହତ୍ୟାର ଶିକାର ହୋଇଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ଜେମାମଣି କାଣ୍ଡ (୧୯)। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ବ୍ରିଜ୍ ତଳକୁ ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

ସୂଚନାନୁସାରେ, କିଛି ମାସ ତଳେ ଜେମାମଣି ପରିବାର ସହ ତେଲେଙ୍ଗାନା ଖମନପ୍ରକାଶନଗର ଅଞ୍ଚଳର ଜଣେ ଠିକାଦାର ପାଖରେ ଦାଦନ ଶ୍ରମିକ ଭାବେ ଇଟା ଭାଟିରେ କାମ କରୁଥିଲେ। କୌଣସି କାମରେ ସେ ପାଖ ବ୍ରିଜ୍ ନିକଟକୁ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ପରେ ତାଙ୍କ ମୃତଦେହ ବ୍ରିଜ୍ ତଳେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଧର୍ମଗଡ଼ ଅଞ୍ଚଳରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଜେମାମଣିଙ୍କୁ ମିଶାଇ ସପ୍ତାହକରେ ୩ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟି ସାରିଲାଣି। ଗତ ୧୮ ତାରିଖ ଦିନ କୋକସରା ବ୍ଲକ୍ ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ଅନୀଲ ସାଗର (୪୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ତାରିଖ ଦିନ ଧର୍ମଗଡ଼ ବିଜ୍ଞାପନ ଅଞ୍ଚଳ କେବିଡ଼ି ଗ୍ରାମର ନନ୍ଦ ଗୋପାଳଙ୍କ ମୃତ୍ୟୁ ହୋଇଛି।

ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ଯୁବକଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି ଡବଲ ଇଞ୍ଜିନ ସରକାର

**ଭୁବନେଶ୍ୱର,୨୬ ।୧୨(ସମିସ):** ଆଜିର ପରିବର୍ତ୍ତିତ ପରିସ୍ଥିତିରେ ଯେଉଁ ନୂତନ ସୂର୍ଯ୍ୟୋଦୟ ହେବ, ଓଡ଼ିଶାର ଯୁବ ସମାଜ ତା'ର ନେତୃତ୍ୱ ନେବ। ଓଡ଼ିଶାରେ ଯୁବ ସମାଜ ହିଁ ପରିବର୍ତ୍ତନର ସୂତ୍ରଧର ହେବେ। ଡବଲ ଇଞ୍ଜିନ ସରକାର ଯୁବକ ମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛି। ବିଜେପି ସରକାର ପ୍ରତି ଓଡ଼ିଶାର ଯୁବ ସମାଜ ବିମୁଖ। ସେମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର ଅକ୍ଷମ। ଓଡ଼ିଶାର ମାଟିତଳେ ଅମୂଲ୍ୟ ଖଣିଜ ସମ୍ପଦ ଥାଇ ଓଡ଼ିଆ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସୁତରାଂ ଯୁବ ଆନ୍ଦୋଳନ ମାଧ୍ୟମରେ କ୍ଷମତାସୀନ ସରକାର ହଟାଇବା ପାଇଁ ସଂକଳ୍ପ ନେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଶ୍ରୀ ଦାସ ଓଡ଼ିଶାର ପ୍ରତି ବୁଥ୍‌ରେ ୫ ଜଣ ସଂଗ୍ରାମୀ ଯୁବ ସାଥୀଙ୍କୁ ଯୁବ କଂଗ୍ରେସ ମୁଖ୍ୟ ସୋତ୍ରରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବେକାରୀ, ବିଜୁଳି ସଂକଟ, ଚାଷୀ ସମସ୍ୟା, ଦରଦାମ ବୃଦ୍ଧି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ବୁଥସ୍ତରରୁ ଆନ୍ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି। ସେହିପରି ଅଖିଳ ଭାରତ ଯୁବ କଂଗ୍ରେସ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍, ସହ ପ୍ରଭାରୀ ରିୟାନା ରାଜୁ, ଖୁସି ଟିଗା, ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାପରେ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଉନ୍ନାଓ ପିଡ଼ୀତାର ବଳାତ୍କାରୀ କୁଲଦିପ୍ ସେନଗାଲକୁ ମିଳିଥିବା ଜାମିନ ପ୍ରତିବାଦରେ ବିକ୍ଷୋଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲଙ୍କ ସମେତ ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତା, ଜିଲ୍ଲା ସଭାପତି ଏବଂ ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗ ଦେଇଥିଲେ।

# ଧାନ ବିଲରୁ ନରକଙ୍କାଳ ଜବତ

**ବିଞ୍ଝାରପୁର, ୨୬।୧୨(ସମିସ):** ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ଚାଷ ଜମିରୁ ଶୁକ୍ରବାର ଏକ ନରକଙ୍କାଳ ଜବତ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ମୁତାବକ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେମପୁର ଗ୍ରାମ ସନ୍ନିକଟ ବିଲରେ ନର କଙ୍କାଳ ପଡ଼ିଥିବା ଗ୍ରାମବାସୀ ଦେଖି ବିଞ୍ଝାରପୁର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳଟିକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗତ ୨ ମାସ ହେବ, ସେହି ଗ୍ରାମର ଶ୍ରୀଧର ମଲ୍ଲିକ ନିଖୋଜ ଥିବାରୁ ଏହି କଙ୍କାଳଟି ଶ୍ରୀଧରଙ୍କର ବୋଲି ତାଙ୍କ ପରିବାର ଆଶଙ୍କା କରିଛନ୍ତି। କେହି ତାଙ୍କୁ ହତ୍ୟା କରି ବିଲକୁ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପରେ କଙ୍କାଳର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ଚାନ୍ଦବାଲିରେ ପୁଣି ଚାଞ୍ଚଲ୍ୟ!

# ବିଷ ପିଇଦେଲେ ଦୁଷ୍କର୍ମ ପୀଡ଼ିତା

**ଭଦ୍ରକ, ୨୬।୧୨(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଭଳି ଅମାନୁଷିକ ଘଟଣାକୁ ନେଇ ପୂରା ରାଜ୍ୟ ହୁଲସ୍ଥୁଲ ହେଉଥିବା ବେଳେ ପୁଣି ସେଠାରୁ ଆଉ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କିଛି ଦିନ ତଳେ ଦୁଷ୍କର୍ମର ଶିକାର ହୋଇଥିବା ଜଣେ ନାବାଳିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଜଟିଳ ହେବାରୁ ପରେ ଭଦ୍ରକ ଏବଂ ସେଠାରୁ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ସ୍ଥାନାନ୍ତର କରିଛନ୍ତି। ଏନେଇ ଧାମରା ପୁଲିସ ନଂ. ୫୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାବୁଲି ପତି ଓରଫ୍ ଜ୍ଞାନରଞ୍ଜନକୁ ଗିରଫ କରି ଆଜି କୋର୍ଟଚାଲାଣ କିରଛି। ଗତ ୧୭ ତାରିଖରେ ଏହି ବର୍ବରୋଚିତ କାଣ୍ଡ ଘଟିଥିଲେ ହେଁ ପୀଡ଼ିତାଙ୍କ ମା' ଗୁରୁବାର ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି। ସୂଚନାନୁଯାୟୀ, ପୀଡ଼ିତାଜଣଙ୍କ ଜଣେ ବାପଛେଉଣ୍ଡ। ଗତ ୧୭ ତାରିଖ ସନ୍ଧ୍ୟାରେ ସେ ରୋଷେଇ କରୁଥିବା ବେଳେ ଅଭିଯୁକ୍ତ ଜ୍ଞାନରଞ୍ଜନ ତାକୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏପରିକି, ତାଙ୍କ ଭଉଣୀଙ୍କ ସହ ସମାନ କାଣ୍ଡ କରିବାକୁ ଧମକ ଦେଇଥିଲା। ଭୟଭୀତ ପୀଡ଼ିତାଜଣଙ୍କ ଏ ସଂପର୍କରେ କାହାରିକୁ କହିପାରୁନଥିବା ବେଳେ ଭିତରେ ଭିତରେ କଷ୍ଟ ପାଉଥିଲେ। ତେବେ ଗତ ୨୦ ତାରିଖରେ ସେ ଏକ ସୁଇସାଇଡ ନୋଟ୍ (ହାତଲେଖା ଚିଠି) ଲେଖି ବିଷ ପିଇ ଦେଇଥିଲେ।

# ଜାନୁଆରୀ ୨୧ରେ ଏସ୍‌ଏସ୍‌ଟିଇଟି

**କଟକ, ୨୬ ।୧୨ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ପରୀକ୍ଷା ଆସନ୍ତା ଜାନୁଆରୀ ୨୧ତାରିଖରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ଦୁଇଟିଯାକ ପେପର୍‌ର ପରୀକ୍ଷା ଗୋଟିଏ ସିଟିଂରେ କରାଯିବ। ପରୀକ୍ଷା ସକାଳ୧୦ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିଭଳି ଜାନୁଆରି ୧୦ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ପରୀକ୍ଷାର୍ଥୀମାନେ ଏହାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।


**O-1823**

Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDINGENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-11 OF 2025-26 Dates:15.12.2025

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work :Road & Building works in the district of Kalahandi as mentioned in DTCN
2. Total No of Works : 21No.
3. Estimated Cost :Rs.44.06 lakhs to Rs.2.54 lakhs
4. Period of Completion: : 01 & 02 Calendar Month
5. Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 29.12.2025 At 10.00 AM | 08.01.2026 Up to 5.00 PM | 05.01.2026 Up to 5.00 PM | 09.01.2026 At 11.00 AM |

Further details can be seen from the website www.tendersorissa.gov.in

Superintending Engineer
Rural Works Division
Dharmagarh

OIPR-25100/11/0037/2526



**ODISHA HYDRO POWER CORPORATION LIMITED**

CAD-2820

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST.- MALKANGIRI (ODISHA) PIN-764051
Phones: 06861-291058(0)/ 06861-291048(R)
<E mail- bhep.balimela@gmail.com, unit.head_balimela@yahoo.com>

**TENDER CALL NOTICE NO: BHEP/54/2025-26** **DATED. 23.12.2025**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SLNO | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website. | Last date & Time of receipt of Tender. | Date & Time of opening of bid. |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | HIRING OF 01 (ONE) NUMBER OF MAHINDRA BOLERO AMBULANCE OR EQUIVALENT VEHICLE ALONG WITH PROVISION OF DRIVER FOR (03) THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs 19,006/- | From 30.12.2025 to up to 11.30 hrs on 13.01.2026 | 11:30 Hrs of 13.01.2026 | 12:00 Hrs of 13.01.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-04019/11/0135/2526


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ବିଜେଡି ଅଛି...

ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର; ବିକାଶ ଆମର ପରିଚୟ। ତେଣୁ ବିଜେଡିର ଯୁବ ବନ୍ଧୁମାନେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ଦଳ ବିରୋଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରନ୍ତୁ। ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ବର୍ତ୍ତମାନର ଆହ୍ୱାନକୁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

## ଓଡ଼ିଶା ବାୟୁରେ...

ଶୁକ୍ରବାର ବାଲେଶ୍ୱରରେ ଏକ୍ୟୁଆଇ ୩୨୭ ରହିଛି, ଯାହାକି ଅତି ଖରାପ ସ୍ଥିତିରେ ଆସୁଛି। ଏହି ବାୟୁ ଛୋଟ ପିଲା ଓ ବୟସ୍କ ମାନଙ୍କ ପାଇଁ ଅତି ଅସ୍ୱାସ୍ଥ୍ୟକର ହୋଇଥିବାରୁ ଆଗାମୀ ଦିନରେ ଏହା ବାଲେଶ୍ୱରବାସୀଙ୍କ ପାଇଁ ବଡ଼ ଆହ୍ୱାନ ଠିଆ କରିବ ବୋଲି ପରିବେଶବିତ୍ ମତ ଦେଇଛନ୍ତି। ବାଲେଶ୍ୱର ସହ ଅନୁଗୋଳ, କଟକ, ବାରିପଦା, ତାଳଚେର ଓ ଭୁବନେଶ୍ୱରର ବାୟୁ ମାନ ଅତି ଖରାପ ଶ୍ରେଣୀରେ ରହିଛି। ବାୟୁର ମାନ ବି ଖରାପ ଶ୍ରେଣୀରେ ଯାଉଛି। ଅନୁଗୋଳରେ ଏକ୍ୟୁଆଇ ୩୨୧ ରହିଥିବା ବେଳେ କଟକରେ ୩୧୦, ବାରିପଦାରେ୨୮୦, ତାଳଚେରରେ ୨୮୪, ଭୁବନେଶ୍ୱର ୨୬୭ରେ ପହଞ୍ଚିଛି। ଗତକାଲି ଅର୍ଥାତ୍ ଗୁରୁବାର ବାଲେଶ୍ୱରରେ ବାୟୁ ପ୍ରଦୂଷଣ ଦିଲ୍ଲୀ ପରି ହୋଇଥିଲା। ଗୁରୁବାର ଅପରାହ୍ନ ୪ଟା ସମୟରେ ବାଲେଶ୍ୱର ଏକ୍ୟୁଆଇ ୩୩୮ ସହ ଦେଶରେ ଶୀର୍ଷ ପ୍ରଦୂଷିତ ସହର ମାନ୍ୟତା ପାଇଥିବାବେଳେ ୩୨୦ ଏକ୍ୟୁଆଇ ସହିତ ତାଳଚେର ଦେଶର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦେଶର ସର୍ବାଧିକ ପ୍ରଦୂଷିତ ସହର ଭାବରେ ପରିଚିତ ଦିଲ୍ଲୀରେ ଏକ୍ୟୁଆଇ ୨୩୪ରେ ଥିବାବେଳେ ଓଡ଼ିଶାର ବାଲେଶ୍ୱର, ବାରିପଦା, ତାଳଚେର ଦିଲ୍ଲୀକୁ ବି ଅତିକ୍ରମ କରିଥିଲା।

ବାୟୁର ମାନ ଦିନକୁ ଦିନ ଖରାପ ହେଉଥିବା ହେତୁ ଓୟୁଏଟିର ପୂର୍ବତନ କୁଳପତି ତଥା ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ସକାଳେ ଓ ବିଳମ୍ବିତ ସନ୍ଧ୍ୟା (୮ଟା ପର୍ଯ୍ୟନ୍ତ) ବୟସ୍କ ଓ ଶିଶୁମାନଙ୍କୁ ବାହାରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ଖରାପ ବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥିବାରୁ ପ୍ରାତଃଭ୍ରମଣ ଓ ସନ୍ଧ୍ୟା ଭ୍ରମଣରେ ନ ଯିବା ପାଇଁ ମଧ୍ୟ ସେ କହିଛନ୍ତି। ନିର୍ମାଣ ଶ୍ରମିକ, ବୃଦ୍ଧ, ଶିଶୁ, ହୃଦରୋଗୀ ଓ ଶ୍ୱାସ ରୋଗୀମାନେ ଏନ୍-୯୫ ମାସ୍କ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ପ୍ରଦୂଷଣକୁ ଲୁଗା, ରୁମାଲ ଓ ସାଧାରଣ ମାସ୍କ ପ୍ରତିହତ କରିପାରିବ ନାହିଁ। ପିଏମ୍ ୨.୫ ଅତି କ୍ଷୁଦ୍ର ଓ ଏହା ଶ୍ୱାସନଳି ଦେଇ ରକ୍ତରେ ସିଧା ମିଶିଥାଏ। ତେଣୁ ପିଲାମାନେ ସ୍କୁଲ୍ ଗଲା ବେଳେ ଅଭିଭାବକମାନେ ସେମାନଙ୍କ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ରାଜ୍ୟରେ ସାଧାରଣତଃ ନିର୍ମାଣ କାର୍ଯ୍ୟ ବର୍ଷତମାମ ରହୁଥିବା ବେଳେ ଶୀତ ଦିନେ ଏହାର ଅନେକ କୁ ପ୍ରଭାବ ପଡୁଛି। ରାସ୍ତା ଉପରେ ବାଲି ଗୋଡ଼ି ଆଦି ଜମି ହୋଇ ରହୁଛି। ଗାଡି ଚାଲିବା ଦ୍ୱାରା ସେହି ଧୂଳି ଉଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମାତ୍ର ଓଡ଼ିଶାରେ ଏହା ସଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଏହି ସ୍ଥିତି ଆଗକୁ ଆହୁରି ବିଗିଡ଼ିବା ପୂର୍ବରୁ ଠୋସ୍ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଦିଲ୍ଲୀଠାରୁ ଭୟଙ୍କର ବାୟୁ ପ୍ରଦୂଷଣ ହେବା ଏକ ପ୍ରକାର ନିଶ୍ଚିତ ବୋଲି ପରିବେଶବିତ୍ ଆକଳନ କରିଛନ୍ତି।

## ଭାରତ ରତ୍ନ...

ପୁରସ୍କାରକୁ ନିଜ ନାମ ସହ ଲେଖନ୍ତି ତେବେ ତାଙ୍କ ଜାତୀୟ ପୁରସ୍କାରକୁ ପ୍ରତ୍ୟାହାର କରି ନିଆଯାଇପାରେ। ସମ୍ବିଧାନର ଧାରା ୧୪୧ ଅନୁଯାୟୀ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଥିଲେ ବୋଲି ଜଷ୍ଟିସ ସୁନ୍ଦରେସନ କହିଥିଲେ। ତାଙ୍କ ମତରେ, ଏହି ରାୟକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନରେ ସବୁ ପକ୍ଷଙ୍କୁ ଏହି ନିୟମ ପାଳନ କରିବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୨୦୦୪ରେ ପଦ୍ମଶ୍ରୀ ସମ୍ମାନ ପାଇଥିବା ଡ. ଶରଦ ମୋରେଶ୍ୱର ହାର୍ଡିକର ହାଇକୋର୍ଟରେ ଚାଲିଥିବା ମାମଲାରେ ପକ୍ଷଭୁକ୍ତ ଅଛନ୍ତି। ପିଟିସନରେ ତାଙ୍କ ନାମ ପଦ୍ମଶ୍ରୀ ଡ. ଶରଦ ମୋରେଶ୍ୱର ହାର୍ଡିକର ଲେଖା ଯାଇଥିଲା। ଏହା ଉପରେ ବିଚାରପତି ଆପତ୍ତି ଉଠାଇ କହିଥିଲେ। ଏପରି କରିବା ଆଇନ ଦୃଷ୍ଟିରୁ ଭୁଲ।


**ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN):**

ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା (CM-KISAN) ଓଡ଼ିଶା ସରକାରଙ୍କ ଏକ ରାଜ୍ୟ ସ୍ତରୀୟ ଯୋଜନା, ଯାହା ଅନ୍ତର୍ଗତ ଭୂମିଧାରୀ ଚାଷୀ ଏବଂ ଭୂମିହୀନ କୃଷି ପରିବାରମାନଙ୍କୁ ଆର୍ଥିକ ସହାୟତା DBT (Direct Benefit Transfer) ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି।

**ଅନଲାଇନ୍ ସୁବିଧା (ପୋର୍ଟାଲ୍):**

- ନୂତନ ଆବେଦନ
- ବ୍ୟାଙ୍କ ଖାତା ସଂଶୋଧନ
- e-KYC ସମ୍ପୂର୍ଣ୍ଣ କରିବା

**ବାଧ୍ୟତାମୂଳକ ଆବଶ୍ୟକତା:**

- ବ୍ୟାଙ୍କ ଖାତା ସହ ଆଧାର ସଂଯୋଗିକରଣ
- କୃଷକ ଓଡ଼ିଶା ପୋର୍ଟାଲ୍‌ରେ ପଞ୍ଜିକରଣ
- ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ, ହିତାଧିକାରୀମାନେ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ e-KYC କରାଇ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ CM-KISAN ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରାଇ ନେବେ।

**ଆବେଦନ / e-KYC ର ଶେଷ ତାରିଖ: ୩୧ ଡିସେମ୍ବର ୨୦୨୫**

ଯୋଗ୍ୟ କୃଷକମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ e-KYC ସମ୍ପୂର୍ଣ୍ଣ କରି ଯୋଜନାର ଲାଭ ନେବା ପାଇଁ cmkisan.odisha.gov.in ପୋର୍ଟାଲ୍‌ରେ ଆବେଦନ/ଅଦ୍ୟତନ କରିବାକୁ ଅନୁରୋଧ।

ସହାୟତା | ହେଲ୍ପଲାଇନ୍: 155261/011-24300606

ଏହି ଯୋଜନା କୃଷକମାନଙ୍କ ଆର୍ଥିକ ସୁରକ୍ଷା ଓ ଚାଷ କାର୍ଯ୍ୟରେ ସହଯୋଗ ପ୍ରଦାନ କରେ।

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର**

**Chief District Agriculture Officer, Bargarh**



C-1894

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
OFFICE OF THE RAJGANGPUR MUNICIPALITY, RAJGANGPUR

ପୌରପାଳିକା କାର୍ଯ୍ୟାଳୟ: ରାଜଗାଙ୍ଗପୁର-୭୭୦୦୧୭
Municipality Office Rajgangpur-770017
Tel:-06624-220454

Rajgangpur Municipality | Rajgangpur_Mun | rajgangpurm.hud@od.gov.in

No. 5472 Date 23.12.2025

**QUOTATION CALL NOTICE**

Quotations in closed cover from the registered manufacturers/suppliers are hereby invited for supply of Wheel Barrows & Tricycle to this Municipality of the specification mentioned hereunder. The quotations should reach to the undersigned on or before **08.01.2026 by 4.00 P.M.** Which will be opened on the same day at 4.30 P.M. in presence of the quotationers or their authorised representatives. The quotation received after due date and time will not be taken into consideration.

WHEEL BARROW

1. 6cft. Capacity Box type double Wheel Barrow – Body made of 18 gauge G.I.Plate, frame with 25mm x 6mm size M.S.Flat with 2 Nos. of handles made of 30 x 30x5mm M.S.Angle, 2 Nos. of M.S.Pipes covered with rubber hand grip, 1 No.25mm M.S.Rod Axel, 2 Nos. 50x6mm M.S.spring, 2 Nos. 12"x2" solid rubber pasted disc type wheel etc. complete with enamel painting over Red oxide primer and written "Rajgangpur Municipality" with Serial No. on the Body.

TRICYCLE

2. The container made of 18 gauge galvanized sheet with 30x30x5mm M.S.Angle iron & 25x5mm Flat iron frame mounted on heavy duty Rickshaw chasis with KW frame, fork, mudguard, handle, seat, break, chain, Rickshw tyre & tubes with heavy duty Rims and Axle painted complete. Container size 4ftx3ftx1ft 8 inch height.

Note:- A supplier can submit quotation either all the items or any of the items.
The following term & conditions should be followed at the time of furnishing the quotations.

1. Copy of up-to date GST clearance certificate should be attached with the quotation.
2. The materials in good condition/quality shall be delivered to the Municipality Office Godown.
3. EMD for Rs.10,000/ and cost of Tender paper for Rs.4,000/- should be deposited - in shape of Bank Draft /Cash in favour of the Executive Officer

The authority reserves the right accept or reject any or all quotations without assigning any reason thereof.

Executive Officer
Rajgangpur Municipality

OIPR-13094/11/0027/2526

# ପ୍ରକଳ୍ପ ଚିରନ୍ତନକୁ ମିଳିଲା ବର୍ଷର ଶ୍ରେଷ୍ଠ ପ୍ରଭାବଶାଳୀ ସିଏସ୍‌ଆର ସମ୍ମାନ



ଭୁବନ,୨୬ ।୧୨(ସମିସ): ଜିଲ୍ଲାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ପ୍ରକଳ୍ପ ଚିରନ୍ତନ ବଡ଼ ସଫଳତା ହାସଲ କରିଛି । ଏହି ପ୍ରକଳ୍ପକୁ ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ ସୋସିଆଲ ଇମ୍ପାକ୍ଟ ଆୱାର୍ଡସ-୨୦୨୫ରେ ବର୍ଷର ସବୁଠାରୁ ପ୍ରଭାବଶାଳୀ ସିଏସଆର ପ୍ରକଳ୍ପ ଭାବେ ସମ୍ମାନିତ କରାଯାଇଛି । ଏଚଡିଏଫସି ବ୍ୟାଙ୍କ ପରିବର୍ତ୍ତନର ସହଯୋଗ ଏବଂ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପ ଢେଙ୍କାନାଳ ଜିଲ୍ଲାର ଭୁବନ ଓ କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତର ୬୦ ଗ୍ରାମରେ କାର୍ଯ୍ୟକାରୀ ହେଉଛି । ଜଳବାୟୁ ପରିବର୍ତ୍ତନ ସତ୍ତ୍ୱେ କୃଷିକୁ କିଭଳି ଲାଭଦାୟକ ଓ ସ୍ଥାୟୀ କରାଯାଇପାରିବ ସେ ଦିଗରେ ଏହି ପ୍ରକଳ୍ପ ଏକ ମଡେଲ ସାଜିଛି । ଏହି ପ୍ରକଳ୍ପର ମାଧ୍ୟମରେ ପରିବେଶ ଅନୁକୂଳ ଚାଷ, ଉନ୍ନତ ଜଳସେଚନ, କୃଷି ବିବିଧୀକରଣ, ଆଧୁନିକ କୃଷି ଯନ୍ତ୍ରପାତି ଇତ୍ୟାଦିର ପ୍ରୋତ୍ସାହନ କରାଯାଇଛି । ବିଶେଷକରି ଅଞ୍ଚଳରେ ଲୋପ ପାଇଯାଉଥିବା ଝାଇଁ ମୁଗକୁ ପୁନରୁଦ୍ଧାର କରିବାରେ ଏହି ପ୍ରକଳ୍ପ ବିଶେଷ ଭାବେ କାର୍ଯ୍ୟ କରୁଛି । ଚଳିତ ବର୍ଷ ଓଡ଼ିଶାର ୪୦୦୦ ଏକରରେ ୪୦୦୦ ଚାଷୀ ଝାଇଁ ମୁଗ ଚାଷ କରୁଛନ୍ତି । ଏହି ଅବସରରେ ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ କହିଛନ୍ତି ଯେ ଏହି ପୁରସ୍କାର ଏଚଡିଏଫସି ବ୍ୟାଙ୍କର ସହଯୋଗ ଓ ଦିଗଦର୍ଶନ, ଆମର କ୍ଷେତ୍ର କର୍ମଚାରୀ ଏବଂ ସ୍ଥାନୀୟ ଚାଷୀଙ୍କ କଠିନ ପରିଶ୍ରମର ଫଳ । ଆଗାମୀ ଦିନରେ ଏହି ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି ।

# ପତ୍ନୀ ହତ୍ୟାକାରୀକୁ ଆଜୀବନ ଜେଲ୍

ଢେଙ୍କାନାଳ,୨୬ ।୧୨(ସମିସ)

୨୦୨୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଜଜ ପ୍ରଣତୀ ସାହା ଅଭିଯୁକ୍ତ ସ୍ୱାମୀ ସତ୍ୟବ୍ରତ ମହାଳିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି ।

୨୦୧୧ରେ ଟାଉନ ଥାନା ଅନ୍ତର୍ଗତ ବାଜିଚୌକର ପଙ୍କଜ ବେହେରାଙ୍କ ଝିଅ ମମତା ମହାଳିକଙ୍କୁ ସତ୍ୟବ୍ରତ ସିମିଳିଆ ଶିବ ମନ୍ଦିରରେ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ପରେ କିଛିବର୍ଷ ଭଲରେ ଚଳିବା ପରେ ସେମାନଙ୍କର ୨ଟି ପୁଅ ଜନ୍ମ ନେଇଥିଲେ । ତେବେ ପରେ ମମତାଙ୍କୁ ହତ୍ୟା କରିବା ପାଇଁ ସତ୍ୟବ୍ରତ ଯୋଜନା କରିଥିବା ବେଳେ ଏହା ଜାଣିପାରି ମମତା ନିଜ ବାପଘରକୁ ପଳାଇଥିଲେ । ୨୦୨୧ ଜୁଲାଇ ୨୧ରେ ସତ୍ୟବ୍ରତ ଶଶୁର ଘରକୁ ଆସି ମମତାଙ୍କ ମୁଣ୍ଡକୁ ଏକ ଫ୍ୟାନ ପାଇପରେ ଆଘାତ କରିଥିଲେ । ମମତାଙ୍କ ବାପା ପଙ୍କଜ ତାଙ୍କୁ ପ୍ରତିରୋଧ କରିବାରୁ ସତ୍ୟବ୍ରତ ତାଙ୍କୁ ମଧ୍ୟ ସେହି ପାଇପରେ ମାଡ଼ ମାରି ଆଘାତ କରିଥିଲେ । ପରେ ସେ ଥାନାରେ ଆତ୍ମସମର୍ପଣ କରିଥିଲେ । ଏହି ଆକ୍ରମଣରେ ମମତା ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ମମତାଙ୍କ ଭାଇ ଲିଙ୍ଗରାଜ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସତ୍ୟବ୍ରତଙ୍କୁ କୋର୍ଟ ଚାଲାଣ କରିଥିଲା । ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ୧୪ ଜଣଙ୍କ ସାକ୍ଷୀଙ୍କ ବୟାନ, ସମସ୍ତ ପ୍ରମାଣ, ମେଡିକାଲ ଓ ସାଇଣ୍ଟିଫିକ ରିପୋର୍ଟ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ ବିଚାରପତି ସତ୍ୟବ୍ରତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ପିପି ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ଏହି ମାମଲା ପରିଚାଳନା କରୁଥିଲେ ।

# ଢେଙ୍କାନାଳ ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ବଡ଼ଦିନ ପାଳିତ



ଢେଙ୍କାନାଳ,୨୬ ।୧୨(ସମିସ): ଡିସେମ୍ବର ୨୫ ପ୍ରଭୁ ଯୀଶୁଙ୍କର ଜନ୍ମଦିନକୁ ସାରା ଜଗତରେ ବଡ଼ଦିନ ଭାବେ ପାଳନ କରାଯାଉଛି । ଢେଙ୍କାନାଳ ବାପ୍ଟିଷ୍ଟ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନେ ବଡ଼ଦିନ ପାଳନ କରିଛନ୍ତି । ମୁଖ୍ୟବକ୍ତା ଭାବେ ବରଗଡ଼ର ଆଚାର୍ଯ୍ୟ ମହୀପାଲ ବାଗ ଯୋଗଦେଇ ସମସ୍ତଙ୍କୁ ଯୀଶୁଙ୍କ ମହତବାଣୀ ଶୁଣାଇଥିଲେ । ସଭାପତି ପ୍ରେମାନନ୍ଦ ବିହାରୀ, ଉପଦେଷ୍ଟା ସୁଶାନ୍ତ କୁମାର ବେହେରା, ରବିନ ଚନ୍ଦ୍ର ନାୟକ, ସମ୍ପାଦକ ଅଭୟାନନ୍ଦ ବିହାରୀ, କୋଷାଧ୍ୟକ୍ଷ ଅମରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ; ବାଲି ଦଳ ବିଜୟୀ



ଢେଙ୍କାନାଳ,୨୬ ।୧୨(ସମିସ): ସଦର ବ୍ଲକ ସିଆରିଆ ଗ୍ରାମ ବାପୁଜୀ କ୍ଲବ ଆନୁକୂଲ୍ୟରେ ୧୬ତମ ମା' ଆଦିଶକ୍ତି ଫୁଟବଲ ଟୁର୍ଣ୍ଣାମେଣ୍ଟ ଜାରି ରହିଛି । ତୃତୀୟ ଦିବସର ମ୍ୟାଚ ଆଠଗଡ଼ର ବାଲି ଟିମ ଓ ସାଇଁବିରି ଜୟଦୁର୍ଗା କ୍ଲବ ମଧ୍ୟରେ ହୋଇଥିଲା । ବାଲି ଦଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି । ଅନିଲ ନନ୍ଦ, ମନୋଜ ସେଠୀ ଓ ଅମୂଲ୍ୟ ସାମଲ ମ୍ୟାଚ୍ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ସମାଜସେବୀ ଅର୍ଜୁନ କୁମାର ରାଉତ ଯୋଗଦେଇଥିଲେ । ବାପୁଜୀ କ୍ଲବ୍ ସମ୍ପାଦକ ପବିତ୍ର ମୁଦୁଲି, ଉପଦେଷ୍ଟା ଶ୍ରୀନିବାସ ଦେହୁରୀ ଓ ସଦସ୍ୟମାନେ ସହଯୋଗ କରିଥିଲେ ।

# ଢେଙ୍କାନାଳ ନଗର ମଣ୍ଡଳର ବନମହୋତ୍ସବ




ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ସିମିଳିଆସ୍ଥିତ ଯତନନଗରଠାରେ ଢେଙ୍କାନାଳ ବିଜେପି ନଗର ମଣ୍ଡଳ ତରଫରୁ ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ଅଧ୍ୟକ୍ଷତାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ଗତ ୧୮ ମାସ ଭିତରେ କରାଯାଇଥିବା ଓ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ କୁମାର ମହାନ୍ତି, ସୁରେଶ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାଉନ୍‌ସିଲର ଅଭିମନ୍ୟୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ଯୋଗ ସଂସ୍ଥାନ ତରଫରୁ ମହିଳା ଯୋଗଶକ୍ତି ଦିବସ



ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ଲେଖକ ସଂସଦ ପ୍ରକୋଷ୍ଠରେ ଭାରତୀୟ ଯୋଗ ସଂସ୍ଥାନ, ଢେଙ୍କାନାଳ ଜିଲ୍ଲା ତରଫରୁ ମହିଳା ଯୋଗଶକ୍ତି ଦିବସ ପାଳିତ ହୋଇଛି । ପ୍ରତିବର୍ଷ ଡିସେମ୍ବର ୨୫ ତାରିଖ ମାତୃଶକ୍ତିକୁ ସମ୍ମାନ ଜଣାଇ ଭାରତୀୟ ଯୋଗ ସଂସ୍ଥାନ ଏହି ଉତ୍ସବ ପାଳନ କରିଥାଏ । ଏଥିରେ ଶତାଧିକ ସାଧକ ସାଧିକା ଯୋଗଦେଇଥିଲେ । ବରିଷ୍ଠ ସାଧିକା ତଥା ଭାଗୀରଥି ସାଗର କ୍ଷେତ୍ର ପ୍ରଧାନ ସ୍ମିତାରାଣୀ ସାମଲ ମଞ୍ଚ ସଞ୍ଚାଳନ କରିଥିଲେ । ଇନ୍ଦିରା ଦେବତା ସହଯୋଗ କରିଥିଲେ । ସାମୂହିକ ଯୋଗ ସାଧନା ସହ ସଙ୍ଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ଥିଲା । ଢେଙ୍କାନାଳ ଯୋଗ ଜିଲ୍ଲାର ପ୍ରମୁଖ ସୁଶୀଲ ପଣ୍ଡା, ଉପ-ପ୍ରମୁଖ ରଘୁନାଥ ତ୍ରିପାଠୀ, ଜିଲ୍ଲା ମନ୍ତ୍ରୀ ଓ ସଂଗଠନ ମନ୍ତ୍ରୀ ଡ. ନୀରଦ ଚନ୍ଦ୍ର ରାଉତ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ଢେଙ୍କାନାଳ ଓଷ୍ଟାର ୪୨ତମ ଶିଶୁ ଉତ୍ସବ



ଢେଙ୍କାନାଳ,୨୬ ।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ୪୨ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଂଘ ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋଜ ରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ ଇଞ୍ଜିନିୟର ପ୍ରତାପ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟବାନ ପାତ୍ର, ସମରେନ୍ଦ୍ର ଶତପଥୀ ଯୋଗଦେଇ ଓଷ୍ଟା ଦ୍ୱାରା ପିଲାମାନଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ରାଜ୍ୟ ସଂଘ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଜିଲ୍ଲା ପୂର୍ବ ସମ୍ପାଦକ ବିଭୂତି ସାମଲ, ଉପଦେଷ୍ଟା ପ୍ରଶାନ୍ତ କୁମାର ଧଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଇକିଶ କୁମାର ବରାଳ ବକ୍ତବ୍ୟ ପ୍ରଦାନ କରିଥିଲେ । ୧୦ଟି ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗଦେବେ । ସଂଘ ସମ୍ପାଦକ ଶଶିକାନ୍ତ ଦାସ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟା ସଂଘ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂଘର ମାର୍ଗଦର୍ଶକ ସରୋଜକାନ୍ତ ଦାଶ, ପୂର୍ବତନ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଦୁର୍ଗାଚରଣ ମହାପାତ୍ର ମଞ୍ଚାସୀନ ଥିଲେ । କଙ୍କଡ଼ାହାଡ଼ ବ୍ଲକ ସମ୍ପାଦକ ଦିଲୀପ କୁମାର ମାଝୀ ସଂଯୋଜନା କରିଥିଲେ । କାର୍ଯ୍ୟକାରୀ ସଭାପତି ସନ୍ତୋଷ ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ବରିଷ୍ଠ ନାଗରିକ ପରିଷଦର ସାଧାରଣ ସଭା



ଢେଙ୍କାନାଳ,୨୬ ।୧୨(ସମିସ): ଢେଙ୍କାନାଳ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ୟାମାଚରଣପୁର ଶିରିଡ଼ି ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ଏଥିରେ ସଭାପତି ଦୁର୍ଗାଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର, ମୁଖ୍ୟ ଉପଦେଷ୍ଟା ଡ. ହରେକୃଷ୍ଣ କର, ଉପସଭାପତି ବାହାଦୁର ପାଟଶାଣୀ, ବିନାୟକ ଶତପଥୀ, କୋଷାଧ୍ୟକ୍ଷ ରଞ୍ଜନ ପଟ୍ଟନାୟକ, ସଦସ୍ୟ ଡ. ପ୍ରମୋଦ ନାୟକ, ପ୍ରସନ୍ନ ସାହୁ, ରାସମଣି ସାହୁ, ଟିପି ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ସଦସ୍ୟ ଯୋଗଦେଇଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ବାର୍ଷିକୀ ଉତ୍ସବ ଆସନ୍ତା ଫେବୃଆରୀ ୧୧ ତାରିଖ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି ।

# ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ / ସେମିରେ ବିଡ଼ାନାସୀ

କାମାକ୍ଷାନଗର,୨୬ ।୧୨(ସମିସ): ବିରାଶାଳ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ଅଲ୍ ଇଣ୍ଡିଆ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବିରାଶାଳ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଛି । ଏଥିରେ ଯାଜପୁର ଟାଉନ ଇଲେଭେନ ଷ୍ଟାର ଦଳକୁ ହରାଇ କଟକ ବିଡ଼ାନସୀ କ୍ଲବ ୧୮ ରନରେ ହରାଇ ସେମିରେ ପ୍ରବେଶ କରିଛି । ବିଡ଼ାନସୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୯୨ ରନ କରିଥିଲା । ଦଳ ତରଫରୁ ଆରଏନ ପ୍ରଭାସ ୪୫ ବଲରୁ ୯୫ ରନର ଦର୍ଶନୀୟ ଇନିଂସ ଖେଳିଥିଲେ । ଜବାବରେ ଇଲେଭେନ ଷ୍ଟାର କ୍ଲବ ୧୯.୪ ଓଭରରେ ୧୭୪ ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ତରଫରୁ ଅଭିଲାଷ ରାଉତରାୟ ୫୯ ରନ ସଂଗ୍ରହ କରିଥିଲେ । ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିଡ଼ାନାସୀର ବବଲୁ ନାୟକଙ୍କୁ ପୁରସ୍କୃତ କରିଥିଲେ । ଅମ୍ପାୟର ଭାବେ ସୁରେନ୍ଦ୍ର ସାହୁ, ଦିବ୍ୟଜ୍ୟୋତି ସାହୁ, ସ୍କୋରର ଭାବେ ସୌମ୍ୟ ହେନ୍ତାଳିଆ, କାହ୍ନୁ ଦାସ ଓ ଘୋଷକ ଭାବେ ବିପିନ ବିହାରୀ ସାହୁ ଦାୟିତ୍ୱ ତୁଲାଇଥିଲେ ।



# ଘନ କୁହୁଡ଼ି; ଯାତାୟାତ ବାଧାପ୍ରାପ୍ତ



କଙ୍କଡ଼ାହାଡ଼,୨୬ ।୧୨(ସମିସ): କଙ୍କଡ଼ାହାଡ଼ ବ୍ଲକ ସଦର ମହକୁମା ଓ ଏହାର ଆଖପାଖ ଅଞ୍ଚଳରେ ସକାଳୁ ଘନ କୁହୁଡ଼ି ଦେଖିବାକୁ ମିଳିଛି । ସକାଳ ପ୍ରାୟ ୧୦ଟା ପର୍ଯ୍ୟନ୍ତ କୁହୁଡ଼ିର ପ୍ରଭାବ ରହୁଛି । ଫଳରେ ଯାତାୟାତରେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । କୁହୁଡ଼ିର ମାତ୍ରା ଏତେ ଅଧିକ ଥିଲା ଯେ ନିକଟରୁ ମଧ୍ୟ ଦେଖିବା ସମ୍ଭବ ହେଉ ନ ଥିଲା । ଘନ କୁହୁଡ଼ି ଯୋଗୁଁ ଦୁର୍ଘଟଣା ଆଶଙ୍କାରେ ଲୋକେ ଘରୁ ବାହାରି ପାରି ନ ଥିଲେ ।

# ୨୭ରୁ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍

ଢେଙ୍କାନାଳ,୨୬ ।୧୨(ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ୩୮ତମ ବରିଷ୍ଠ ହ୍ୟାଣ୍ଡବଲ ବାଳକ ବାଳିକ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ । ଏହ ଟୁର୍ଣ୍ଣାମେଣ୍ଟରେ ୩୦ ଜିଲ୍ଲାରୁ ପ୍ରାୟ ୬୦୦ ବାଳକ ଓ ବାଳିକା ସମେତ ଓଡ଼ିଶା ପୁଲିସ ଟିମ୍ ଏବଂ ୩୦ଜଣ ଅଫିସିଆଲ୍ ଅଂଶଗ୍ରହଣ କରିବେ । ଢେଙ୍କାନାଳ ହ୍ୟାଣ୍ଡବଲ୍ ସଂଘ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ସହଯୋଗରେ ଏହି ଚାମ୍ପିଅନସିପ ଅନୁଷ୍ଠିତ ହେବ ବୋଲି ଢେଙ୍କାନାଳ ହ୍ୟାଣ୍ଡବଲ୍ ସଂଘ ସମ୍ପାଦକ ପ୍ରେମାନନ୍ଦ ବିହାରୀ ସୂଚନା ଦେଇଛନ୍ତି ।

# ବନବିଭାଗର ଚଢ଼ଉ; ଶାଗୁଆନ କାଠ ଜବତ

ହିନ୍ଦୋଳ,୨୬ ।୧୨(ସମିସ): ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ୍‌ହାଉସ୍ ଅନ୍ତର୍ଗତ ଗୁଳେହିଠାରୁ ଦୁଦୁରକୋଟକୁ ଲହଡ଼ା ଗ୍ରାମର ସଞ୍ଜୟ ସାମଲ (୪୫) ନାମକ ଗାଡ଼ି ମାଲିକ ପିକଅପ୍ ଗାଡ଼ିରେ ଶାଗୁଆନ୍ କାଠ ଚୋରାଚାଲାଣ କରୁଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ହିନ୍ଦୋଳ ବନବିଭାଗ ଗୁରୁବାର ସକାଳ ସାଢ଼େ ୯ଟା ଚଢ଼ଉ କରିଥିଲା । ବନବିଭାଗ ଚୋରାକାଠ ବୋଝେଇ ଗାଡ଼ି ଜବତ କରିବା ସହ ସମ୍ପୃକ୍ତ ଚାଳକ ସଞ୍ଜୟଙ୍କୁ ଗିରଫ କରିଛି । ଶନିବାର ସଞ୍ଜୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜର ତ୍ରିଲୋଚନ ଦେହୁରୀ କହିଛନ୍ତି ।



## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

# ପଞ୍ଚାୟତ ନିର୍ବାଚନ ନିମନ୍ତେ ରଣକୌଶଳ ଆରମ୍ଭ






ଢେଙ୍କାନାଳ,୨୬ ।୧୨(ସମିସ)

ସ୍ଥାନୀୟ ମ୍ୟୁନିସିପାଲିଟି ଅଡିଟରିୟମରେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଏଥିରେ ସଭାପତିତ୍ୱ କରି କହିଲେ, ଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଲୋକଙ୍କ ହୃଦୟରେ ରହିଛନ୍ତି । ସେ ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚୟ କରିପାରିଛନ୍ତି । ହେଲେ ଏହି ୧୮ ମାସ ହେଲା ଡବଲ ଇଞ୍ଜିନ ସରକାରରେ କୌଣସି ବିକାଶ କାହିଁ । ଚାଷୀ ସାର ପାଉନି, ମିଶନ ଶକ୍ତି ମା'ମାନେ ହଇରାଣ ହେଉଛନ୍ତି, ଯୁବସମାଜ ହତାଶ ହୋଇପଡ଼ିଛନ୍ତି ବୋଲି କହି ସେ ରାଜ୍ୟ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ପରିବର୍ତ୍ତନ ନାଁରେ କଛି ଲୋକ ଯେଉଁ ଭୁଲ କରିଛନ୍ତି ତାହାକୁ ଏବେ ମାନିଲେଣି । ଆଜିର ଦିନରେ ଆମେ ସମସ୍ତେ ଏକାଠି ରହିଲେ ଆଗାମୀ ଦିନରେ ପୁଣି ଥରେ ସରକାର ଗଠନ କରିବା ବୋଲି କହିଥିଲେ । ପଞ୍ଚାୟତ ନିର୍ବାଚନ ବିଜୟରୁ ଏହାକୁ ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡା. ଅବିନାଶ ସାମଲ ଯୋଗଦେଇ କହିଲେ, ନବୀନ ସରକାର ସମୟରେ ଖଣିଖଦାନ ଓ ଶିଳ୍ପରୁ ହେଉଥିବା ଆୟ ଲୋକଙ୍କ ବିକାଶରେ ବିନିଯୋଗ ହେଉଥିଲା । କିନ୍ତୁ ବର୍ତ୍ତମାନ ସରକାର ଏହି ଅର୍ଥକୁ ଆଦାନି, ଅମ୍ବାନି ଭଳି ଶିଳ୍ପପତିଙ୍କ ହାତକୁ ଟେକି ଦେଇଛନ୍ତି । ଲୋକଙ୍କ ବିକାଶ ନ ହୋଇ ଶିଳ୍ପପତିଙ୍କ ବିକାଶ ହେଉଛି ବୋଲି କହିବା ସହ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲା ମହିଳା ସଭାପତି ସାଗରିକା ମିଶ୍ର, ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଜିଲ୍ଲା ଉପସଭାପତି ସୁକାନ୍ତ କୁମାର ମିଶ୍ର, ଆଇନ ସେଲ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଅଜୟ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ ।



**କାମାକ୍ଷାନଗର:** ସ୍ଥାନୀୟ ଅନନ୍ତପୁର ବିଜେଡି କାର୍ଯ୍ୟାଳୟରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଭୁବନ ଏନଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ଏନଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ରଞ୍ଜିତା ବେହେରାଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ସାତମାଇଲସ୍ଥିତ ଓଡି-୧୯ କନଫରେନ୍ସ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଭାଗୀରଥି ପ୍ରଧାନ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ଡା. ଅବିନାଶ ସାମଲ, ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ସାମଲ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ରାଜ୍ୟ ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ ।

ଅତିଥିମାନେ ନବୀନ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟ ବର୍ଣ୍ଣନା କରିବାସହ ସବୁ କ୍ଷେତ୍ରରେ ବିଫଳତା ପାଇଁ ବର୍ତ୍ତମାନର ବିଜେପି ସରକାରକୁ ତୀବ୍ର ସମାଲୋଚନା କରିଥିଲେ । ଏଥିସହ ରାଜ୍ୟବାସୀ ତଥା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଜନସାଧାରଣ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ

# ସବୁବେଳେ ସାଧାରଣ ଲୋକଙ୍କ ସାଥିରେ ରହିଆସିଛି ବିଜେଡି








ଜଗତସିଂହପୁର,୨୬।୧୨(ସମିସ)

ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ୨୯ତମ ପ୍ରତିଷ୍ଠା ଦିବସ ଖେରସ ପଡ଼ିଆରେ ପାଳିତ ହୋଇଯାଇଛି। ଦଳର ଜିଲ୍ଲା ଉପସଭାପତି ଦୀପ୍ତି ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ଉପସଭାପତି ଚିରଞ୍ଜିବୀ ବିଶ୍ୱାଳ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ବିଜେଡି ସରକାର ଯାହା କହୁଥିଲା ତାହାକୁ କାର୍ଯ୍ୟରେ କରି ଦେଖାଉଥିଲା। ବର୍ତ୍ତମାନର ସରକାର କେବଳ ଭାଷଣରେ ଚାଲିଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି ଏଥିରେ ଯୋଗଦେଇ ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ପାଇଁ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେବା ସହିତ ବିଜେଡି ସବୁବେଳେ ସାଧାରଣ ଲୋକଙ୍କ ସାଥିରେ ରହି ଆସିଛି ବୋଲି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ବ୍ଲକ ଉପାଧକ୍ଷ ରତିରଞ୍ଜନ ବେହେରା, ସୁଜିତ ପୁହାଣ, ଦିଲ୍ଲିପ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତ ରଂଜନ ରାଉଳ, ବିବେକାନନ୍ଦ ବେହେରା, ମୃତ୍ୟୁଞ୍ଜୟ ସ୍ୱାଇଁ, ମମତା ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ୍ ଲେଙ୍କା, କାଳନ୍ଦୀ ପତି, ଆଲୋକ ଖୁଣ୍ଟିଆ, ପ୍ରଶାନ୍ତ ମଲିକ, ଅଦ୍ୱୈତ ମହାନ୍ତି, ପ୍ରିୟବ୍ରତ ମହାପାତ୍ର, ସମ୍ବିତ ମହାନ୍ତି, ପ୍ରଶାନ୍ତ ବେହେରା, ପ୍ରଭାତୀ ମହାନ୍ତି, ମନୋଜ ମହାନ୍ତି ଓ ସମସ୍ତ ଦଳୀୟ କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତର ସଭାପତି ଓ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ।

**ରଘୁନାଥପୁର:** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆଠାରେ ପାଳିତ ହୋଇଯାଇଛି। ଏଥିରେ ରଘୁନାଥପୁର ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ ପୌରୋହିତ୍ୱ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଯୁବ ନେତା ଅନ୍ତର୍ଯ୍ୟାମୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପୁର ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା, ବିରିଡି ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ରଘୁନାଥପୁର ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦି, ରାଜ୍ୟ ବିଜେଡି ସଂପାଦକ ଡ. ସୁରେନ୍ଦ୍ରନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ରଜତ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ଦିପ୍ତିମୟୀ ରାୟ, ରଞ୍ଜିତା ସିଂ, ସରପଞ୍ଚ କିଶୋର ବେହେରା, ରୀନା ସ୍ୱାଇଁ, ବଟକୃଷ୍ଣ ନାୟକ, ସୁଷମା ମଲ୍ଲିକ, ବନମାଳୀ ସାହୁ, ସାହେଦା ତବସୁମା, ପ୍ରଭାସିନୀ ପ୍ରଧାନ, ଧର୍ମାନନ୍ଦ ସେଠୀ, ଶିବରାମ ସାହୁ, ସମିତିସଭ୍ୟ ବିଶ୍ୱଜିତ ଦାଶ, ସ୍ୱଦେଶ ଦାସ, ମୀତାଞ୍ଜଳି ପଣ୍ଡା, ପ୍ରମିଳା ବେହେରା, ସରସ୍ୱତୀ ହେମ୍ବ୍ରମ, ସୁରେଶ ଚନ୍ଦ୍ର ରାଉତ, ବିଜନ ମହାପାତ୍ର, ରହିମ୍ ଖାଁ, ଅଜୟ ସାମଲ ପ୍ରମୁଖ ଯୋଗ ଦେଇଥିଲେ।





**ଏରସମା:** ଏରସମା ବ୍ଲକ ଅନ୍ତର୍ଗତ ପଏଦା ପଞ୍ଚାୟତସ୍ଥିତ ଚମ୍ପାହାଟ ଡିହସାହି ହାଟ ପଡିଆରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗୋଛୁ।।ୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନ ସମାବେଶରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଉପସ୍ଥିତ ହୋଇ ବିଜେପି ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତିକୁ କଡ଼ା ସମାଲୋଚନା କରିଥିଲେ। ଏଥିରେ ଏରସମା ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧାକ୍ଷ ବିକାଶ ପରିଡା, ବାଲିକୁଦା ବିଜେଡି ସଭାପତି ରତ୍ନାକର ନାୟକ, ଏରସମା ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାନୀ ଟୁଡୁ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥ ସାରଥୀ ରାଉତ, ବିଜେଡି ମହିଳା ସଭାନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବାଲିକୁଦା ଜିଲ୍ଲା ପରିଷଦ ସଭ୍ୟା ଡଲି ପଣ୍ଡା, ରୁନିଲତା ବେହେରା, ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

**ପାରାଦୀପ:** ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ନୂଆବଜାର ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଥମେ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ମାଲ୍ୟାର୍ପଣ ହୋଇଥିଲା। ଏଥିରେ ପାରାଦୀପ ନଗର ବିଜେଡିର ବରିଷ୍ଠ ନେତାଙ୍କ ସମେତ ପୌର ଉପାଧକ୍ଷା, ପାରିଷଦ ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ। ଦିନ ୧୦ଟା ସମୟରେ ଦଳୀୟ କାର୍ଯ୍ୟାଳୟରେ କୁମରବର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ବରିଷ୍ଠ ନେତା ସନ୍ତୋଷ ପଟ୍ଟନାୟକ କହିଥିଲେ। ପାରାଦୀପ ବିଜେଡି ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ରାଉତରାୟ ଓ ମୋନିଦିପା ସର୍ଖେଲ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ସୁଶୀଲ ମହାପାତ୍ର, ପୌର ଉପାଧକ୍ଷା ଛବିଲତା ରାଉତ ଓ ମାନସ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସମାରୋହରେ ଜ୍ୟୋତିକାନ୍ତ ପରିଡା, ରଶ୍ମି ରଞ୍ଜନ ପରିଡା, ଲପନ ପରିଡା, ରମାକାନ୍ତ ସ୍ୱାଇଁ, ଚିନ୍ମୟ ରଞ୍ଜନ ପରିଡା, ଚିତ୍ତରଞ୍ଜନ ପରିଡା ଓ ପାରିଷଦ ମନୋଜ ନାୟକ, ବହୁ ଦଳୀୟ ନେତାମାନଙ୍କ ସମେତ ମହିଳା, ଯୁବ ଓ ଛାତ୍ରମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

**ପାରାଦୀପ:** ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାରାଦୀପ ନଗର ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ ଟା ସମୟରେ ଅଠରବାଙ୍କି ବିଜୁପାର୍କ ଠାରେ ପାରାଦୀପ ବନ୍ଦରର ସ୍ରଷ୍ଟା ବିଜୁ ପଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଶୁମନ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଡା. କୁଳମଣି ସାମଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରିଷଦ ଅଜିତ ଷଡ଼ଙ୍ଗୀ, କେ.ଜଗନ୍ନାଥ ରାଓ, ନବକୁମାର ବେହେରା, ସୁଶାନ୍ତ ଦାସ, ସରୋଜିନୀ ସାହୁ, ସ୍ୱପ୍ନାରାଣୀ ଜେନା, କବିତା ସାହୁ, ସୌଦାମିନୀ ସାହୁ, ରୁନି ପରିଡା, ଭାସ୍କର ସାହୁ, ବିଜେଡି ନେତା ଶଙ୍କର ପ୍ରସାଦ ରାଉତ, ଆଲୋକ ମହାପାତ୍ର, ନଗେନ ରାଉତ, ଅଜୟ ନାୟକ, ଗୋଲେଖ ସାହୁ, ବିଭୁତି ମହାରଣା, ମହିଳା ନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ, ଭାରତୀ ସାମନ୍ତରାୟ, ରେଖା ପରିଜା ସମେତ ଦଳର ମହିଳା ଓ ଯୁବ ଛାତ୍ର ଶାଖାର କର୍ମୀ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

## ଚୋରି ଘଟଣାରେ ୪ ଗିରଫ

ପାରାଦୀପ,୨୬।୧୨(ସମିସ): ଲକଥାନା ଅଧୀନ ନିମିଡି ଗ୍ରାମରୁ ସଞ୍ଜୟ କୁମାର ମଲ୍ଲିକଙ୍କ ଘରୁ ଗତ ୨୩ ତାରିଖ ରାତିରେ କିଛି ଗାଧୁଆ ଘରର ପାଇପ୍/ ଟ୍ୟାପ ସାମଗ୍ରୀ ଚୋରି ହୋଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ଘଟଣାର ତଦନ୍ତ କରି ନିମିଡି ଗ୍ରାମର ପପୁନ ବାରିକ, ସନାତନ ମହାପାତ୍ର ଓ ଲୋକନାଥ ରାଉତକୁ ଗିରଫ କରିଥିଲା। ଉକ୍ତ ଚୋରି ସାମଗ୍ରୀକୁ ଅଭିଯୁକ୍ତ ମାନେ ବିଶ୍ୱାଳିର ବ୍ରଜ କିଶୋର ସିଂଙ୍କ କବାଡ଼ିଆ ଦୋକାନରେ ବିକ୍ରି କରିଦେଇଥିଲେ। ସେହି କବାଡ଼ିଆ ଦୋକାନରୁ ସମସ୍ତ ଚୋରି ସାମଗ୍ରୀକୁ ଜବତ କରାଯାଇଛି। ତେବେ ଏହି କବାଡ଼ିଆ ମାଲିକକୁ ମିଶାଇ ୪ ଜଣଙ୍କୁ ଆଜି ଏହି ଚୋରୀ ଘଟଣାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ମୋବାଇଲ୍ ବିକ୍ରି ବେଳେ ଚୋର ଗିରଫ

ପାରାଦୀପ,୨୬।୧୨(ସମିସ): ଏକ ଚୋରି ରିଏଲ ମି କମ୍ପାନୀର ମୋବାଇଲ ଟ୍ୟାବ୍ଲେଟକୁ ନିମିଡିର ପ୍ରଭାସ ପ୍ରଧାନ ଓରଫ ଆନନ୍ଦ ବିକ୍ରି କରିବା ପାଇଁ ପ୍ରୟାସ କରିଥିବା ପୁଲିସ ଖବର ପାଇ ମାଡି ବସିଥିଲା। ତେବେ ତା' ନିକଟରୁ ଉକ୍ତ ଚୋରି ଟ୍ୟାବ୍ଲେଟଟିକୁ ପୁଲିସ ଉଦ୍ଧାର କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ତେବେ ଏହି ଟ୍ୟାବ୍ଲେଟଟି କାହାର ଓ ସେ କେଉଁଠାରୁ ଚୋରି କରିଛି, ସେ ସମ୍ପର୍କରେ ଖବର ମିଳି ନଥିଲେ ମଧ୍ୟ ସେ ଟ୍ୟାବ୍ଲେଟରେ ବ୍ୟବହାର କରାଯାଉଥିବା ସିମ୍ ଓ ତାର ଆଇଏମ ନମ୍ବରରୁ ମୋବାଇଲ ମାଲିକାନା ବାହାର କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଅଭିଯୁକ୍ତ ଚଳିତ ମାସରେ ମଧ୍ୟ ଏହି ସମାନ ମାମଲାରେ କୋର୍ଟଚାଲାଣ ହୋଇଥିଲା।

## ଗଞ୍ଜେଇ ଜବତ; ଜଣେ ଗିରଫ

ପାରାଦୀପ,୨୬।୧୨(ସମିସ): ପାରାଦୀପ ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ମଧୁବନ, ଜଗନ୍ନାଥ କଲୋନୀ ନିକଟ ବଙ୍ଗାଳି ପଡାରେ ଚଢ଼ଉ କରି ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଛି। ସେ ହେଲା ଝଡେଶ୍ୱର୍ କରନ। ତା' ନିକଟରୁ ୧.୨୫୦ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ତେବେ ପାରାଦୀପ ରେଞ୍ଜର ଅବକାରୀ ନିରୀକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏଏସଆଇ ଗୟାଧର ସେଠୀ, ମନୋରଞ୍ଜନ ଦାସ, ନବଘନ ମାରାଣ୍ଡି ଓ ସଂତୋଷୀ ସାହୁ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଉତ୍ସବ

ନାଉଁଗା,୨୬।୧୨(ସମିସ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଂଶଠାରେ ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି ଓ ଉଦ୍‌ଯାପନୀ ଉତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ର, ନାଉଗାଁର ସଂଯୋଜକ ଅକ୍ଷୟ କୁମାର ରାଉତ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ମାଆମାନେ ଓ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷାକେନ୍ଦ୍ରର ସଂପାଦିକା ବୈଜୟନ୍ତୀ ମାଳୀ ସ୍ୱାଇଁ ପ୍ରଧାନ ଶିକ୍ଷୟତ୍ରୀ ଦୀପ୍ତିରାଣୀ ଦାସ, ଲିପିକା ଲେଙ୍କା, ଲିପିକା ଗୋଛାୟତ, ମନୋରମା ଲେଙ୍କା, ଜୟନ୍ତୀ ମାଳା ସ୍ୱାଇଁ, ଅମୀର ସ୍ୱାଇଁ ଓ ପୁରାତନ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ଶିକ୍ଷାଶ୍ରମରେ ବାର୍ଷିକ ଉତ୍ସବ ପାଳିଲା ଗ୍ୟାରେଜ ମାଲିକ ସଙ୍ଘ

ପାରାଦୀପ,୨୬।୧୨(ସମିସ): ନିଆରା ଢଙ୍ଗରେ ବାର୍ଷିକ ଉତ୍ସବ ପାଳନ କରିଛନ୍ତି ପାରାଦୀପ ଦୁଇଚକିଆ ଗ୍ୟାରେଜ ମାଲିକ ସଙ୍ଘ। ଚଳିତ ବର୍ଷର ବାର୍ଷିକ ଉତ୍ସବରେ କୁନିକୁନି ପିଲାମାନଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରିଛନ୍ତି ଏହି ସଙ୍ଘର ସଦସ୍ୟ ମାନେ। ବଡ଼ଦିନ ଅବସରରେ ପାରାଦୀପ ଗଡ଼ରେ ରହିଥିବା ଶ୍ରୀଲୋକନାଥ ଶିକ୍ଷାଶ୍ରମରେ କୁନି ବୟସରେ ବାପା ମା' ଓ ପରିବାର ଠାରୁ ଦୂରରେ ରହି ଶିକ୍ଷାଦାନ କରୁଥିବା ଅନ୍ତେବାସୀମାନଙ୍କ ସହିତ କିଛି ସମୟ ବିତାଇବା ସହିତ କୁନି କୁନି ପିଲା ମାନଙ୍କୁ ଚକୋଲେଟ, ଫଳ ଖୁଆଇବା ସହିତ ଏହି ଶିକ୍ଷାଶ୍ରମକୁ ଆର୍ଥିକ ସାହାଯ୍ୟର ହାତ ବଢ଼ାଇଛନ୍ତି। ପାରାଦୀପର ବିଭିନ୍ନ ସ୍ଥାନରେ ଗ୍ୟାରେଜ କରିଥିବା ଏହି ଗ୍ୟାରେଜ ମାଲିକ ମାନଙ୍କ ଭାଇଚାରା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

● ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ପାରାମାଉଣ୍ଟ

ଜଗତସିଂହପୁର,୨୬।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ନବାପାଟଣା ଠାରେ ଚାଲିଥିବା ୩୫ତମ ରାଜ୍ୟସ୍ତରୀୟ ଯୁଗଜ୍ୟୋତି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମହାଦେବ କ୍ରିକେଟ୍ କ୍ଲବ ପୁରୀ ଏବଂ ପାରାମାଉଣ୍ଟ କ୍ରିକେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଟସ୍ ଜିତି ମହାଦେବ କ୍ରିକେଟ୍ କ୍ଲବ ପୁରୀ ବୋଲିଂ କରିବାର ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୮ ୱିକେଟ୍ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ୧୫୦ ରନର ପିଛା କରି ମହଦେବ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ ହରାଇ ୧୩୯ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପାରାମାଉଣ୍ଟ ବିଜୟ ଲାଭ କରିବା ସହିତ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ମ୍ୟାଚଟି ଦୁଇ ଅମ୍ପାୟର ମନୋଜ ବେହେର ଓ ସୁମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ମୁଖ୍ୟଅତିଥି ଭବେ ଉପ କୋଷାଧକ୍ଷ ସନ୍ତୋଷ ବାରିକ,ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ରୋହିତ ସାଗରଙ୍କୁ ପ୍ରଦାନ କରିଥିଲେ। କରନ ଖାନ୍ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ତୋଷ ବାରିକଙ୍କ ତତ୍ତ୍ୱାବଧାନରେ ଏବଂ ସ୍କୋରିଂ ଆଶୁତୋଷ ବେହେରା ଏବଂ ପ୍ରିତମ ପ୍ରିୟଦର୍ଶନ ସାହୁ ଙ୍କ ଦ୍ୱାରା ପରିଚାଳନା ହୋଇଥିଲା।

## ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ତିର୍ତ୍ତୋଲ,୨୬।୧୨(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ନାଉଶିରା ଗ୍ରାମ ପଡିଆରେ ବାବା ଆଖଣ୍ଡଳମଣୀ କ୍ରିକେଟ ଟୁର୍ଣ୍ଣସମେଣ୍ଟର ଆଜି ଅନୁଷ୍ଠିତ ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଜଇପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୮ ୱିକେଟ ହରାଇ ୨୨ ରନ ସଂଗ୍ରହ କରିଥିଲା। ଜବାବରେ ପୁରୁଣା ବସନ୍ତ କ୍ରିକେଟ ଟିମ୍ ପ୍ରଥମ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ତିର୍ତ୍ତୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ ୱିକେଟ ହରାଇ ୨୭ ରନ ସଂଗ୍ରହ କରିଥିଲା। ଜବାବରେ ପିପଳ ମାଧବ ଟିମ୍ ୨ ଓଭରରେ ଦୁଇ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଭୟ ବିଜେତା ଦଳ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବାବା ଆଖଣ୍ଡଳମଣୀ କ୍ରିକେଟ କ୍ଲବ ନାଉସିରାର ଅଭିଷେକ, ଆଦର୍ଶ, ଆଶୁତୋଷ, ରାଜୀବ ଲୋଚନ, ତ୍ରିଲୋଚନ, ଅନିଲ, ମନୋଜ ସାଇ, କାହ୍ନା, ଅମିତ୍, ସୁନିଲ ପ୍ରମୁଖ ପରିଚାଳନା କରିଥିଲେ।

୨ରୁ ଶାରଳା ନାଟକ ଉତ୍ସବ

## ୯ ଜଣ ବିଶିଷ୍ଟ ବ୍ୟକ୍ତି ପାଇବେ 'ପ୍ରଥମା ସମ୍ମାନ'

ଜଗତସିଂହପୁର,୨୬।୧୨(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଗଠିତ "ପ୍ରଥମା ଫାଉଣ୍ଡେସନ୍' ଆସନ୍ତା ଜାନୁଆରୀ ୨ରୁ ୪ ତାରିଖ ତିନି ଦିନ ଧରି ଦ୍ୱିତୀୟ ରାଜ୍ୟସ୍ତରୀୟ "ଶାରଳା ନାଟକ ଉତ୍ସବ-୨୦୨୬' ଜଗତସିଂହପୁର ସହରର ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ କାହାଣୀ "ମାଗୁଣିର ଶଗଡ଼' ପରିବେଷଣ କରିବେ। ଦ୍ୱିତୀୟ ଦିନ ଭୁବନେଶ୍ୱରର "ଜୀବନରେଖା ଥିଏଟର' ପରିବେଷଣ କରିବେ ନାଟକ "କମଳା'। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ନାଟକ "ସଂପର୍କ' ମଞ୍ଚସ୍ଥ ହେବ। ଚଳିତ ବର୍ଷ ମଧ୍ୟ ପ୍ରତ୍ୟେକ ସନ୍ଧ୍ୟାକୁ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ନାମରେ ଉତ୍ସର୍ଗ କରାଯାଇଛି। ପ୍ରଥମ ସନ୍ଧ୍ୟାକୁ ପ୍ରଖ୍ୟାତ ନାଟ୍ୟକାର ଓ ନିର୍ଦ୍ଦେଶକ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ଦ୍ୱିତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀ ଏବଂ ତୃତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସମ୍ମାନ ଜନକ "କୃପାସିନ୍ଧୁ ମହାନ୍ତି ନାଟ୍ୟ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଓଡ଼ିଶାର ମଞ୍ଚ ନାଟକର ଦୀର୍ଘ ଯାତ୍ରାରେ ସହଯାତ୍ରୀ ୯ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ "ପ୍ରଥାମ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ସିଦ୍ଧି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଜାନୁଆରୀ ୪ ତାରିଖ ଦିନ ୧୧ଟାରେ "ଯୁବ ବର୍ଗ ଓ ନାଟକ' ବିଷୟବସ୍ତୁ ଉପରେ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଅତିଥି ଆଲୋଚକ ଭାବେ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଦର୍ପନାରାୟଣ ସେଠୀ ଯୋଗଦେବେ। ଜାନୁଆରୀ ୨ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ରହି ଦ୍ୱିତୀୟ ରାଜ୍ୟସ୍ତରୀୟ "ଶାରଳା ନାଟକ ଉତ୍ସବ'କୁ ଉଦ୍‌ଘାଟନ କରିବେ ବୋଲି ଜଗତସିଂହପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଷ୍ଠାନର କର୍ମକର୍ତ୍ତା। ଏହି ସାମ୍ବାଦିକ ସମ୍ମିଳନୀରେ ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ଅନୁଷ୍ଠାନର ସାଂଗଠାନିକ ସଂପାଦକ ସତ୍ୟବ୍ରତ ବିଶ୍ୱାଳ, କଳା ସଂପାଦକ ଅଜୟ ଗୋଛାୟତ, କୋଷାଧକ୍ଷ ଦୁର୍ଗାପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ବିଧାନ ନାୟକ, ସହ କୋଷାଧକ୍ଷ ସୁଦୀପ୍ତ ପରିଡ଼ା, ପତ୍ରିକା ସମ୍ପାଦକ ତୁଷାର ମହାନ୍ତି, ସଦସ୍ୟ ଆଇନଜୀବୀ ନରେଶ ଦାସ, ବିଜୟ କୁମାର ରାଉତ, ସଞ୍ଜୀବ ବରାଳ, ସରୋଜ ଦ୍ୱିବେଦୀ ଓ ଉତ୍ସବର ସଂପାଦକ ସୋମନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ସୂଚନା ପ୍ରଦାନ କରିଥିଲେ।

## ସତ୍ୟପ୍ରକାଶ ଏବିଭିପି ପୂର୍ବ ପ୍ରାନ୍ତ ଏସ୍‌ଏଫ୍‌ଡି ସହସଂଯୋଜକ



ଜଗତସିଂହପୁର,୨୬।୧୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ୫୦ତମ ଅଧିବେଶନ ଭଦ୍ରକ ଜିଲ୍ଲାର ଗାନ୍ଧୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ ଛାତ୍ରନେତାଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜଗତସିଂହପୁର ଜିଲ୍ଲାର ଟାଣୁଆ ଛାତ୍ରନେତା ତଥା ଏବିଭିପିର ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କୁ ଚଳିତ ବର୍ଷ ନିମନ୍ତେ ଏବିଭିପି ଓଡ଼ିଶା ପୂର୍ବ ପ୍ରାନ୍ତର ଏସ୍‌ଏଫ୍‌ଡି ସହସଂଯୋଜକ ଦାୟିତ୍ୱ ପ୍ରଦାନ କରାଯାଇଛି। ସତ୍ୟଙ୍କୁ ଏହି ଦାୟିତ୍ୱ ମିଳିବା ପରେ ଜଗତସିଂହପୁର ଜିଲ୍ଲାର ଶତାଧିକ ଛାତ୍ରଛାତ୍ରୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲା ଏବିଭିପିର ପୂର୍ବତନ ଉପସଭାପତି ଶଶାଙ୍କ ଶେଖର ପଣ୍ଡା ଏବଂ ସାଧାରଣ ସମ୍ପାଦକ ସଂଗ୍ରାମ ସ୍ୱାଇଁ ସତ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ନେତୃତ୍ୱରେ ବିଦ୍ୟାର୍ଥୀ ପରିଷଦ ଜିଲ୍ଲା ତଥା ପୂର୍ବ ପ୍ରାନ୍ତରେ ଅଧିକ କ୍ରିୟାଶୀଳ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଟାଟାପାୱାର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବିକ୍ଷୋଭ




ଜଗତସିଂହପୁର,୨୬।୧୨(ସମିସ): ଟାଟାପାୱାର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଏବଂ ଶୋଷଣ ପ୍ରତିବାଦରେ ଆଜି କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ଟାଉନ ହଲ ଠାରୁ ଏକ ଶୋଭାଯାତ୍ରରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସର ଶତାଧିକ ବରିଷ୍ଠ, ମହିଳା ଓ ଯୁବ-ଛାତ୍ର କର୍ମୀଙ୍କ ସହିତ ସାଧାରଣ ଜନତା ଏଥିରେ ଯୋଗ ଦେଇଥିଲେ। ଆଜି କାର୍ଯ୍ୟକ୍ରମରେ ଓପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ଓପିସିସି ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଦିପ୍ତୀରାଣୀ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ଅନସୂୟା ପ୍ରଧାନ, ମନୋରମା ଖଟୁଆ, ରୂପଶ୍ରୀ ରାଗିଣୀ ଦାଶ, ସ୍ନିଗ୍ଧାରାଣୀ ଦାସ, ପୂର୍ବତନ ବ୍ଲକ ମହିଳା କଂଗ୍ରେସ ସଭାପତି ସୁଚିସ୍ମିତା ପଣ୍ଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ନରୁଆ ଛକରେ ରାସ୍ତା ଅବରୋଧ



ତିର୍ତ୍ତୋଲ,୨୬।୧୨(ସମିସ): ଟିପିସିଓଡିଏଲ କମ୍ପାନୀର ଶୋଷଣ ବିରୋଧରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଶୁକ୍ରବାର ସକାଳଠାରୁ ମଣିଜଙ୍ଗା-ଏରସମା ରାସ୍ତାର ନରୁଆ ଛକ ଠାରେ ରାସ୍ତାରୋକ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବି ସୁଧୀର ଖୁଣ୍ଟିଆ, କିଶୋର କୁମାର ଦାସ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ନାୟକ, ସମିତି ସଭ୍ୟାଙ୍କ ପ୍ରତିନିଧି ଶେଖ୍ ରଫିକ ଉଦ୍ଦିନ, ସାମାଜିକ କର୍ମୀ ଆଇନଜୀବି କମ୍ରେଡ ବାସୁଦେବ, ଅଦୈତ ଦାସ, ମହେନ୍ଦ୍ର ସ୍ୱାଇଁ, ବୈରାଗୀ ଦାସ, ଆଶିଷ ଦାସ, ଶିକ୍ଷାବିତ୍ ଅକ୍ଷୟ ଦାସ, ଉତ୍ତମ ମହାନ୍ତି, ବେଦଦ୍ୟୁତି ପୃଷ୍ଟି, ଅଭୟ ଖୁଣ୍ଟିଆ, ନିମାଇଁ ବିଶ୍ୱାଳ, ଗଗନ ଖଣ୍ଡୁଆଳ ସମେତ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇ ଟିପିସିଓଡିଏଲ୍‌ର ଶୋଷଣର ପ୍ରତିବାଦ କରିଥିଲେ। ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ଓ ବିଦ୍ୟୁତ ବିଭାଗର ଏରସମା ଉପଖଣ୍ଡର ଅଧିକାରୀ ମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ସମୟରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ • ପାଉଣ୍ଡ ୧୧୬.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୮,୩୫୦ (ନୂଆଦିଲ୍ଲୀ)
- ରୁପା : ୨,୪୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୦୪୧.୦୦
- ନିଫ୍ଟି ୨୬,୦୪୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କରୋନାକୁ ବଳିଗଲା ପ୍ରଦୂଷଣ; ଘାଇଲା ହେବ ଅର୍ଥନୀତି

## ବିପଦ ବଢ଼ାଉଛି ପରିବହନ କ୍ଷେତ୍ର: ଗଡ଼କରୀ

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): କରୋନା ମହାମାରୀ ପରେ ଦେଶରେ ବାୟୁ ପ୍ରଦୂଷଣ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଚେତାବନୀ ଦେଇଛନ୍ତି ଯେ ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଆଗକୁ ପ୍ରତିବର୍ଷ ପରିସ୍ଥିତି ଆହୁରି ଖରାପ ହେବ। ଫୁସଫୁସ ସମ୍ବନ୍ଧୀୟ ରୋଗଗୁଡ଼ିକ ଶରୀରରେ ନୀରବରେ ବୃଦ୍ଧି ପାଉଛି। ଏ ବାବଦରେ ରୋଗୀ କିଛି ଜାଣି ନ ପାରି ତା'ର କୌଣସି ଚିକିତ୍ସା ବି କରୁ ନ ଥିବା ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ବଂଶୋଦ୍ଭବ ଫୁସଫୁସ ବିଶେଷଜ୍ଞ ଡାକ୍ତର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ପରାମର୍ଶଦାତା କମିଟିର ପୂର୍ବତନ ସଦସ୍ୟ ମନୀଷ ଗୌତମ ଏହା କହିଛନ୍ତି।

ଏ ସମ୍ପର୍କରେ ଚେତାବନୀ ଦେଇ ଏହି ବ୍ରିଟିଶ ଡାକ୍ତର ଜଣକ କହିଛନ୍ତି ଯେ ଏହି ଅଦୃଶ୍ୟ ରୋଗଗୁଡ଼ିକ ଏକ ବିରାଟ ଲହରୀ ପରି ଆସୁଛି, ଯାହା ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟବସ୍ଥା ଉପରେ ଭୀଷଣ ପ୍ରଭାବ ପକାଇବ। ଡାକ୍ତରମାନେ ବିଶ୍ୱାସ କରନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ହୃଦରୋଗ ବୃଦ୍ଧିର ପ୍ରମୁଖ କାରଣ ସ୍ଥୂଳତା ନୁହେଁ, ବରଂ ସହରଗୁଡ଼ିକରେ ଯାନବାହନ ଏବଂ ବିମାନରୁ ନିର୍ଗତ ବିଷାକ୍ତ ଧୂଆଁ। ଭାରତ, ବ୍ରିଟେନ ଏବଂ ଅନ୍ୟ ଦେଶଗୁଡିକର ପ୍ରମୁଖ ସହରଗୁଡ଼ିକରେ ଏହି ସମସ୍ୟା ଅଧିକ ଦେଖାଯାଉଛି। ସେ କହିଛନ୍ତି ଯେ ଉତ୍ତର ଭାରତରେ ଲକ୍ଷ ଲକ୍ଷ ଲୋକ ଏହି ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇସାରିଛନ୍ତି। ବର୍ଷ ବର୍ଷ ଧରି ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ରହିବା ଫୁସଫୁସ ସଙ୍କଟକୁ ଆହୁରି ତୀବ୍ର କରୁଛି। ସେ ସରକାରୀ ନୀତିନିର୍ଦ୍ଧାରଣକାରୀମାନଙ୍କୁ ଏହି ସମସ୍ୟାର ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ଏବଂ ଚିକିତ୍ସା ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି। ସେ ତୁରନ୍ତ ଏକ "ଫୁସଫୁସ ସ୍ୱାସ୍ଥ୍ୟ କାର୍ଯ୍ୟ ବାହିନୀ" ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛନ୍ତି। ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବାରେ ୨୦ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ଡାକ୍ତର ଗୌତମ କହିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପ ଆବଶ୍ୟକ, ହେଲେ କେବଳ ସେଗୁଡ଼ିକ ଆଉ ଯଥେଷ୍ଟ ନୁହେଁ। ଭାରତ ଯକ୍ଷ୍ମା ଭଳି ରୋଗ ନିୟନ୍ତ୍ରଣରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, ଯେଉଁଠାରେ ପ୍ରାରମ୍ଭିକ ଚିହ୍ନଟ ଏବଂ ଉପଯୁକ୍ତ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ, ଫୁସଫୁସ ରୋଗର ସମାଧାନ ପାଇଁ ସମାନ ପ୍ରୟାସ ଏବଂ ପାଣ୍ଠି ଆବଶ୍ୟକ। ଚଳିତମାସରେ ନୂଆଦିଲ୍ଲୀର ହସ୍ପିଟାଲଗୁଡ଼ିକରେ ଶ୍ୱାସକ୍ରିୟା ସମସ୍ୟା ଥିବା ରୋଗୀଙ୍କ ସଂଖ୍ୟା ୨୦ ରୁ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ଯୁବକ ଥିଲେ। ଲଣ୍ଡନର ସେଣ୍ଟ ଜର୍ଜ ବିଶ୍ୱବିଦ୍ୟାଳୟ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ରାଜୟ ନାରାୟଣ କହିଛନ୍ତି ଯେ ବାୟୁ ପ୍ରଦୂଷଣର ହାର୍ଟ ବା ହୃଦ୍‌ରୋଗ, ଶ୍ୱାସକ୍ରିୟା, ମସ୍ତିଷ୍କ ଏବଂ



ସାମଗ୍ରିକ ଶରୀର ବିଭିନ୍ନ ରୋଗ ସହ ସମ୍ପର୍କ ଥିବା ଦୃଢ଼ ବୈଜ୍ଞାନିକ ପ୍ରମାଣ ଅଛି। ଯଦି ଏହାକୁ ଅଣଦେଖା କରାଯାଏ, ତେବେ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ଉପରେ ବୋଝ ବଢ଼ିବ। ସେ ବ୍ୟାଖ୍ୟା କରିଛନ୍ତି ଯେ ଛୋଟ ପଦକ୍ଷେପର ତୁରନ୍ତ ପ୍ରଭାବ ପଡ଼ିପାରେ, କିନ୍ତୁ ପ୍ରକୃତ ସମାଧାନ ଦୀର୍ଘକାଳୀନ ନୀତିରେ ରହିଛି ଯାହା ସ୍ୱଚ୍ଛ ବାୟୁ ଉପରେ ଗୁରୁତ୍ୱ ଦିଏ। ସେ ଚେତାବନୀ ଦେଇଛନ୍ତି ଯେ ମୁଣ୍ଡବିନ୍ଧା, ଥକ୍କାପଣ, ହାଲୁକା କାଶ, ଗଳା ଯନ୍ତ୍ରଣା, ପେଟ ସମସ୍ୟା, ଶୁଷ୍କ ଆଖି, ଚର୍ମ ଫୋଟକା ଏବଂ ବାରମ୍ବାର ସଂକ୍ରମଣ ଭଳି ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ପ୍ରାୟତଃ ଛୋଟ ବୋଲି ଖାରଜ କରାଯାଏ, କିନ୍ତୁ ଏଗୁଡ଼ିକ ଗୁରୁତର ଦୀର୍ଘକାଳୀନ ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ନିକଟରେ ସ୍ୱୀକାର କରିଛନ୍ତି ଯେ ଦିଲ୍ଲୀର ପ୍ରାୟ ୪୦ ପ୍ରତିଶତ ପ୍ରଦୂଷଣ ପରିବହନ କ୍ଷେତ୍ରରୁ ହେଉଛି। କାରଣ ଏହା ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳତା। ସେ ସ୍ୱଚ୍ଛ ବିକଳ୍ପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜୈବ ଇନ୍ଧନ ଗ୍ରହଣକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ କରିଥିଲେ। ସଂସଦର ସାମ୍ପ୍ରତିକ ଶୀତକାଳୀନ ଅଧିବେଶନରେ, ସରକାର କହିଛନ୍ତି ଯେ ଉଚ୍ଚ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଏବଂ ଫୁସଫୁସ ରୋଗ ମଧ୍ୟରେ ସିଧାସଳଖ ସମ୍ପର୍କ ପ୍ରମାଣିତ କରୁଥିବା କୌଣସି ନିର୍ଣ୍ଣାୟକ ତଥ୍ୟ ନାହିଁ। ତଥାପି, ଏହା ସ୍ୱୀକାର କରିଛି ଯେ ବାୟୁ ପ୍ରଦୂଷଣ ଶ୍ୱାସକ୍ରିୟା ସମସ୍ୟା ଏବଂ ଏ ସମ୍ପର୍କିତ ଅସୁସ୍ଥତାକୁ ତ୍ୱରାନ୍ୱିତ କରେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂସଦରେ ଉପସ୍ଥାପିତ ଏହାର ତଥ୍ୟରେ କହିଛି ଯେ ଗତ ତିନି ବର୍ଷ ମଧ୍ୟରେ ଦିଲ୍ଲୀରେ ୨ ଲକ୍ଷରୁ ଅଧିକ ତୀବ୍ର ଶ୍ୱାସକ୍ରିୟା ରୋଗ ସମ୍ପର୍କିତ ମାମଲା ରିପୋର୍ଟ ହୋଇଛି, ଯାହା ମଧ୍ୟରୁ ପ୍ରାୟ ୩୦ ହଜାର ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଇଣ୍ଟରନ୍ୟାସନାଲ କାଉନସିଲ ଅନ୍ କ୍ଲିନ୍ ଟ୍ରାନ୍ସପୋର୍ଟେସନ୍ ଦ୍ୱାରା କରାଯାଇଥିବା ଏକ ବିଶ୍ୱସ୍ତରୀୟ ଅଧ୍ୟୟନରୁ ଜଣାପଡିଛି ଯେ ସଡ଼କ ପରିବହନରୁ ନିର୍ଗମନ ନିୟନ୍ତ୍ରଣ କରିବା ପାଇଁ ନୀତିଗୁଡ଼ିକ ୨୦୪୦ ସୁଦ୍ଧା ବିଶ୍ୱବ୍ୟାପୀ ୧.୯ ନିୟୁତ ଜୀବନ ରକ୍ଷା କରିପାରିବ ଏବଂ ପିଲାମାନଙ୍କଠାରେ ୧.୪ ନିୟୁତ ନୂତନ ଶ୍ୱାସରୋଗ ମାମଲାକୁ ରୋକିପାରିବ। ଚିକିତ୍ସା ବିଶେଷଜ୍ଞମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ଯେ ବାୟୁ ପ୍ରଦୂଷଣ ଜନସ୍ୱାସ୍ଥ୍ୟ ଉପରେ ବ୍ୟାପକ ପ୍ରଭାବ ପକାଉଛି ଏବଂ ଏଥିପାଇଁ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ।

# ଅଢ଼େଇ ଲକ୍ଷ ଛୁଇଁବ ରୁପା ଦର

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଘରୋଇ ବଜାରରେ ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଓ ରୁପା ଦର। ମଙ୍ଗଳବାର ଘରୋଇ ବଜାରରେ ସୁନା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧,୩୯ ଲକ୍ଷ ଟଙ୍କା ଟପିଯାଇଛି। ଅପରପକ୍ଷେ ରୁପା ଦର କିଲୋଗ୍ରାମ ପିଛା ୨.୪୯ ଲକ୍ଷ ଟଙ୍କାରେ ପହଞ୍ଚି ନୂଆ ସର୍ବକାଳୀନ ରେକର୍ଡ କରିଛି। ତେଣୁ ଖୁବ୍ ଶୀଘ୍ର ରୁପା ମୂଲ୍ୟ ରେକର୍ଡ ଅଢ଼େଇ ଲକ୍ଷ ଟଙ୍କାରେ ପହଞ୍ଚିବା ଆଶା କରାଯାଉଛି। ଚାନ୍ଦି ମୂଲ୍ୟ ଚଳିତବର୍ଷ ୧୫୦% ବୃଦ୍ଧି ପାଇଛି। କୌତୂହଳର ବିଷୟ ହେଉଛି ଯେ, ଆଜି ଗୋଟିଏ ଦିନରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧୦ ହଜାର ଟଙ୍କା ମହଙ୍ଗା ହୋଇଛି।

ଶୁକ୍ରବାର ଘରୋଇ ବଜାରରେ କ୍ରମାଗତ ଭାବେ ଚତୁର୍ଥ ଦିନ ପାଇଁ ସୁନା ଏବଂ ରୁପା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ୧ କିଲୋ ରୁପାର ମୂଲ୍ୟରେ ୧୩ ହଜାର ଟଙ୍କା ୧୦,୦୦୦ ଟଙ୍କା ବୃଦ୍ଧି ପାଇ ୨,୪୯,୦୦୦ ଟଙ୍କାରେ ପହଞ୍ଚିଛି। ପ୍ରାରମ୍ଭିକ କାରବାରରେ ଏହା ୧୩,୧୧୭ ଟଙ୍କା ବୃଦ୍ଧି ପାଇଥିଲା। ଆଜି ସୁନା ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ୧୦ ଗ୍ରାମ ପିଛା ସୁନା ମୂଲ୍ୟରେ ୧,୩୨୯ ଟଙ୍କା ବୃଦ୍ଧି ହୋଇ ଏହା ୧,୩୯,୮୮୦ ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୬୩,୭୧୮ ଟଙ୍କା ବୃଦ୍ଧି ହୋଇଛି। କାରଣ ୨୦୨୪



**ଦିନକରେ ୧୦ ହଜାର ମହଙ୍ଗା**

**ବର୍ଷକରେ ସୁନା ମୂଲ୍ୟ ୬୩ ହଜାର, ରୁପା ୧.୬୩ ଲକ୍ଷ ଟଙ୍କା ବଢ଼ିଛି**

ଡିସେମ୍ବର ୩୧ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୭୬,୧୬୨ ଟଙ୍କା ରହିଥିଲା। ଥିଲା, ଯାହା ଏବେ ୧,୩୯,୮୮୦ ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ରୁପାର ମୂଲ୍ୟରେ ମଧ୍ୟ ୧,୬୨,୯୮୩ ଟଙ୍କା ବୃଦ୍ଧି ପାଇଛି। କାରଣ ୨୦୨୪ ଡିସେମ୍ବର ୩୧ରେ ଏକ କିଲୋଗ୍ରାମ ରୁପାର ମୂଲ୍ୟ ୮୬,୦୧୭ ଟଙ୍କା ଥିଲା, ଯାହା ଏବେ କିଲୋଗ୍ରାମ ପିଛା ୨,୪୯,୦୦୦ ଟଙ୍କାରେ ପହଞ୍ଚିଛି।

ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି, ବଢ଼ୁଥିବା ଭୂ-ରାଜନୈତିକ ଉତ୍ତେଜନା, ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧହାର ହ୍ରାସ ନେଇ ବୃଦ୍ଧି ଆଶା ଏବଂ ବଢ଼ୁଥିବା ବଜାର ଅନିଶ୍ଚିତତା। ସମ୍ପ୍ରତି ବଢ଼ୁଥିବା ସୁନା ମୂଲ୍ୟ ମଧ୍ୟବିତ୍ତ ଏବଂ ଗରିବ ପରିବାର ପାଇଁ ସୁନା କିଣିବା ମହଙ୍ଗା କରିଦେଇଛି। ଏହା ବ୍ୟତୀତ, ଯେଉଁମାନେ ନିଜର ଛୋଟ ସଞ୍ଚୟ ସହିତ ସୁନା ଅଳଙ୍କାର କିମ୍ବା ଅନ୍ୟାନ୍ୟ ଜିନିଷ କିଣିବାକୁ ଯୋଜନା କରୁଥିଲେ ସେମାନେ ମଧ୍ୟ ନିରାଶ ହେଉଛନ୍ତି। ସୁନା ବର୍ତ୍ତମାନ ସାଧାରଣ ଲୋକଙ୍କ ପହଞ୍ଚ ବାହାରେ। ଫଳସ୍ୱରୂପ, ସୁନା ଅଳଙ୍କାରର ମୂଲ୍ୟ ସାଧାରଣ ଲୋକଙ୍କ ବିବାହ ବଜେଟ୍‌କୁ ଯଥେଷ୍ଟ ବୃଦ୍ଧି କରିଦେଇଛି। ଏହା ବ୍ୟତୀତ, ଯେଉଁ ଛୋଟ ନିବେଶକମାନେ ସେମାନଙ୍କର ସୀମିତ ସଞ୍ଚୟ ସହିତ ସୁନାରେ ନିବେଶ କରିବାର ସ୍ୱପ୍ନ ଦେଖିଥିଲେ, ସେମାନଙ୍କ ପାଇଁ ଆଉ ସୁଯୋଗ ରହିବନାହିଁ।

### ୮ମ ବେତନ ଆୟୋଗ ସୁପାରିସ ରିପୋର୍ଟ

# ନୂଆ ବର୍ଷରୁ ଲାଗୁ ହେବା ସମ୍ଭାବନା କମ୍

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ବେତନ ଆୟୋଗ ସର୍ବଦା ଆଲୋଚନାର ବିଷୟ ହୋଇଆସିଛି। ୭ମ ବେତନ ଆୟୋଗଙ୍କ ୧୦ ବର୍ଷର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହାପରେ ଏବେ ସମସ୍ତଙ୍କ ନଜର ୮ମ ବେତନ ଆୟୋଗ ଉପରେ ରହିଛି। ଏଠାରେ ପ୍ରଶ୍ନ ହେଉଛି ନୂତନ ବେତନ ଆୟୋଗ ୨୦୨୬ ଜାନୁଆରୀ ପହିଲାରୁ ଲାଗୁ ହେବ କି ନାହିଁ। ତଥାପି, ଅର୍ଥ ରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଏ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ସେ କହିଛନ୍ତି ଯେ, ୨୦୨୬ ଜାନୁଆରୀ ପହିଲାରୁ ୮ମ ବେତନ ଆୟୋଗ ଲାଗୁ ହେବ ବୋଲି କୌଣସି ନିଶ୍ଚିତତା ମିଳିନାହିଁ। ଆୟୋଗଙ୍କ ରିପୋର୍ଟ ଆସିବା ଲାଗି ସାଧାରଣତଃ ପ୍ରାୟ ୧୮ ମାସ ସମୟ ଲାଗିଥାଏ। ତେଣୁ, କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ରିପୋର୍ଟ ପ୍ରକାଶିତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

୭ମ କେନ୍ଦ୍ରୀୟ ବେତନ ଆୟୋଗର ସୁପାରିଶ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ଏହା କେନ୍ଦ୍ରୀୟ କର୍ମଚାରୀ ଏବଂ ପେନସନଭୋଗୀଙ୍କ ବେତନ ଗଠନରେ ବଡ଼ ପରିବର୍ତ୍ତନ ଆଣିଥିଲା। ସେଥିରେ ସର୍ବନିମ୍ନ ବେତନ ୧୮,୦୦୦ ଟଙ୍କା ଏବଂ ସର୍ବାଧିକ ବେତନ

**ଡିସେମ୍ବର ୩୧ରେ ସରୁଛି 'ୡମ ବେତନ' କାର୍ଯ୍ୟକାଳ**

୨,୨୫,୦୦୦ ଟଙ୍କା ସ୍ଥିର କରାଯାଇଥିଲା। ଏଥିରେ କ୍ୟାବିନେଟ ସଚିବଙ୍କ ଦରମା ୨,୫୦,୦୦୦ ଟଙ୍କା ଥିଲା। ସେଥିରେ ସବୁଠାରୁ ବଡ଼ ପରିବର୍ତ୍ତନ ଥିଲା, ପେ ମ୍ୟାଟ୍ରିକ୍ସ ସିଷ୍ଟମ। ଯାହା ପୁରୁଣା ଗ୍ରେଡ୍ ପେ ସିଷ୍ଟମକୁ କର୍ମଚାରୀ ପଦବୀ ଉପରେ ଆଧାରିତ ସ୍ତର-ଭିତ୍ତିକ ଦରମା ସହିତ ବଦଳାଇଥିଲା। ସମସ୍ତ କର୍ମଚାରୀଙ୍କ ପାଇଁ ୨.୫୭ର ଫିଟମେଣ୍ଟ ଫ୍ୟାକ୍ଟର ମଧ୍ୟ ଲାଗୁ କରାଯାଇଥିଲା, ଯାହା ଦରମା ଗଣନାକୁ ସରଳ ଏବଂ ସ୍ୱଚ୍ଛ କରିଥିଲା। ୭ମ କେନ୍ଦ୍ରୀୟ ବେତନ ଆୟୋଗ ଭତ୍ତା ସଂଖ୍ୟା ହ୍ରାସ କରାଯାଇଛି। ୫୨ ଟି ଭତ୍ତା ଉଚ୍ଛେଦ କରାଯାଇଛି, ୩୬ଟି ଭତ୍ତାକୁ ନୂତନ ଢ଼ାଞ୍ଚାରେ ଛାଡି ଦିଆଯାଇଛି। ବିପଦ ଏବଂ କଷ୍ଟ ଭତ୍ତା ଏକ ୯ ସ୍ତରୀୟ ମ୍ୟାଟ୍ରିକ୍ସରେ ସଂଯୁକ୍ତ କରାଯାଇଛି। ମହଙ୍ଗା ଭତ୍ତା ଆଧାରରେ ପରିବର୍ତ୍ତନର ସମ୍ଭାବନା ସହିତ ସହର ବର୍ଗ ଉପରେ ନିର୍ଭର କରି ଘର ଭଡ଼ା ଭତ୍ତା (ଏଚ୍‌ଆର୍‌ଏ) ୨୪%,୧୬%ଏବଂ ୮% ସ୍ଥିର କରାଯାଇଛି। ଆଡଭାନ୍ସ ବା ଅଗ୍ରୀମରେ ମଧ୍ୟ ହ୍ରାସ କରାଯାଇଛି, କେବଳ ବ୍ୟକ୍ତିଗତ କମ୍ପ୍ୟୁଟର ଆଡଭାନ୍ସ ଏବଂ ହାଉସ ବିଲ୍ଡିଂ ଆଡଭାନ୍ସ ଜାରି ରହିଛି। ଏଚ୍‌ଆର୍‌ଏ ସୀମା ୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୭ମ କେନ୍ଦ୍ରୀୟ ବେତନ ଆୟୋଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଏକ ନୂତନ ପେନସନ୍ ଗଣନା ପଦ୍ଧତି ଗ୍ରହଣ କରାଯାଇଛି। ସେଥିରେ ଗ୍ରାଚ୍ୟୁଇଟି ସୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ମହଙ୍ଗା ଭତ୍ତା ବୃଦ୍ଧି କରି ଏହି ସୀମାରେ ୨୫% ବୃଦ୍ଧି କରାଯାଇଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୨ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୨(ସମିସ): ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲ୍ଲାର ହୁମ୍ମାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲ୍ଲାରେ ମୋଟ ଶାଖା ସଂଖ୍ୟା ୬ରେ ପହଞ୍ଚିଛି। ଏହି ନୂତନ ଶାଖା ରାଜ୍ୟରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ୬୨ରେ ପହଞ୍ଚାଇଛି। ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏହି ନୂତନ ଶାଖା ଓଡିଶା ଡିଜେଲ ପ୍ରା. ଲିଃର ପରିଚାଳନା ନିର୍ଦ୍ଦେଶକ ଅଲି କିଶୋର ପଟ୍ଟନାଏକଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ହୁମ୍ମା ଶାଖାର ଶାଖା ପ୍ରବନ୍ଧକ ଜି. ସାଇ ଶଙ୍କରଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ଶ୍ରୀ ପଟ୍ଟନାଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ ଏବଂ ହୁମ୍ମାର ଜନସାଧାରଣ ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ଅଗ୍ରସର ହେବା ଉଚିତ୍ ବୋଲି ସେ କହିଥିଲେ।



# ଗୃହ ଋଣ ସୁଧହାର କମାଇଲା ଏଲଆଇସି ହାଉସିଂ ଫାଇନାନ୍ସ

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଗୃହ ଋଣ ସୁଧ ହାରରେ ବଡ଼ ହ୍ରାସ କରିଛି ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍। ନୂଆ ଗୃହ ଋଣ ପାଇଁ ପ୍ରାରମ୍ଭିକ ସୁଧ ହାରକୁ କମ୍ପାନୀ ୭.୧୫%କୁ ହ୍ରାସ କରିଛି। ଏହି ନୂଆ ସୁଧ ହାର ଭଲ କ୍ରେଡିଟ୍ ପ୍ରୋଫାଇଲ୍ (ସିବିଲ୍ ସ୍କୋର) ଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେବ। ତେବେ ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଏଲଆଇସି ସୁଧ ହାର ଦେଶର ସର୍ବବୃହତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏସ୍‌ବିଆଇର ପ୍ରାରମ୍ଭିକ ସୁଧ ହାର ଠାରୁ ବି କମ୍ ରହିଛି। ଏସବିଆଇ ବର୍ତ୍ତମାନ ୭.୨୫% ପ୍ରାରମ୍ଭିକ ହାରରେ ଗୃହ ଋଣ ପ୍ରଦାନ କରୁଛି। ଏହି ନୂଆ ସୁଧ ହାର ଡିସେମ୍ବର ୧୫ ତାରିଖରୁ ଲାଗୁ ହୋଇଛି। ଏଲଆଇସିର ନୂଆ ସୁଧ ହାର ବଜାରରେ ଏକ ପ୍ରକାର ପ୍ରତିଯୋଗିତା ବୃଦ୍ଧି କରିଛି। ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ୍ ଅନୁଯାୟୀ,ନୂଆ ସୁଧ ହାର ସମ୍ପୂର୍ଣ୍ଣ ଭାବରେ ଋଣଗ୍ରହୀତାଙ୍କ ସିବିଲ୍ ଉପରେ ଆଧାରିତ ହେବ।

# ପିଏନ୍‌ବି ୨୪୦୦ କୋଟିର ଋଣ ଠକେଇର ପର୍ଦ୍ଦାଫାସ୍

ମୁମ୍ବଇ, ୨୬।୧୨(ଏଜେନ୍ସି): ନିରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ଦ୍ୱାରା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ରେ ହୋଇଥିବା ମହାଠକେଇ ଘଟଣା ପରେ ଏବେ ବ୍ୟାଙ୍କରେ ଆଉ ଏକ ବଡ଼ ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥର ପିଏନ୍‌ବିରେ ୨୪୩୪ କୋଟିର ଋଣ ଠକେଇ ହୋଇଛି। ଏ ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଦୁଇଟି କମ୍ପାନୀ ପିଏନବିରୁ ଋଣ ନେଇଥିଲେ ଏବଂ ଟଙ୍କା ପରିଶୋଧ କରି ନ ଥିଲେ।

**ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦେଲା ବ୍ୟାଙ୍କ**

ଏହି ଋଣ ଠକେଇ ମାମଲାରେ ଦୁଇଟି କମ୍ପାନୀ ସାମିଲ ଅଛନ୍ତି। ଏସ୍‌ଆର୍‌ଇଆଇ ଇକ୍ୱିପମେଣ୍ଟ ଫାଇନାନ୍ସ (ଏସ୍‌ଇଏଫ୍‌ଏଲ୍) ଏବଂ ଏସ୍‌ଆର୍‌ଇଏଲ୍ ଇନଫ୍ରାଷ୍ଟ୍ରକ୍ଚର ଫାଇନାନ୍ସ (ଏସ୍‌ଆଇଏଫ୍‌ଏଲ୍)। ଏହି ଦୁଇଟି କମ୍ପାନୀ ପରସ୍ପର ସହିତ ଜଡିତ। ସ୍ରେଇ ଇକ୍ୱିପମେଣ୍ଟ ୧,୨୪୧ କୋଟି ଟଙ୍କାର ଠକେଇ କରିଛି, ଯେତେବେଳେ କି ସ୍ରେଇ ଇନଫ୍ରାଷ୍ଟ୍ରକ୍ଚର ୧,୧୯୩ କୋଟି ଟଙ୍କାର ଠକେଇ କରିଛି। ପିଏନବି ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ସୂଚନାରେ କହିଛି ଯେ, ଏହା ଉଭୟ ଋଣର ବକେୟା ପରିମାଣ ପାଇଁ ବ୍ୟବସ୍ଥା କରିଛି। ବ୍ୟାଙ୍କ ଏହା ମଧ୍ୟ କହିଛି ଯେ ଏସ୍‌ଇଏଫ୍‌ଏଲ୍ ଏବଂ ଏସ୍‌ଆଇଏଫ୍‌ଏଲ୍ ଏନ୍‌ସିଏଲ୍‌ଟି ଅଧୀନରେ କର୍ପୋରେଟ୍ ଇନସଲଭେନ୍ସି ସମାଧାନ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରାଯାଇଛି। ବ୍ୟାଙ୍କ ସେବି (ଲିଷ୍ଟିଂ ଦାୟିତ୍ୱ ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ, ୨୦୧୫ ର ନିୟମ ୩୦ ଅନୁଯାୟୀ ଏହି ପ୍ରକାଶ କରିଛି। ଡିସେମ୍ବର ୨୬ ତାରିଖରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସେୟାର ୦.୫୬% ହ୍ରାସ ପାଇ ୧୨୦.୨୫ ଟଙ୍କାରେ ବନ୍ଦ ହୋଇଥିଲା।

### ଭାରତ ବିଶ୍ୱର ତୃତୀୟ ବୃହତ୍ ତୈଳ ଖୁଚୁରା ବଜାର

# ପେଟ୍ରୋଲ ପମ୍ପ ସଂଖ୍ୟା ଲକ୍ଷେ ଟପିଲା

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଦେଶରେ ୧ ଲକ୍ଷରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଏହି ରେକର୍ଡ ସହ ଭାରତ ଦୁନିଆର ତୃତୀୟ ସବୁଠୁ ବଡ଼ ତୈଳ ଖୁଚୁରା ବଜାର ହୋଇଛି। ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ (ପିପିଏସି)ର ରିପୋର୍ଟ ଅନୁସାରେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ଦେଶରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୦୦, ୨୬୬ରେ ପହଞ୍ଚିଛି।

ସୂଚନା ଅନୁସାରେ, ଜାତୀୟ ରାଜପଥ ଏବଂ ଗ୍ରାମୀଣ ଅଞ୍ଚଳରେ ବଢ଼ୁଥିବା ଚାହିଦାକୁ ପୂରଣ କରିବା ପାଇଁ ସରକାର ଏବଂ ଘରୋଇ କମ୍ପାନଗୁଡିକ ଗତ ଏକ ଦଶନ୍ଧିରେ ସେମାନଙ୍କର ନେଟଓ୍ୱର୍କକୁ ପ୍ରାୟ ଦୁଇଗୁଣା କରିଛନ୍ତି। ବର୍ତ୍ତମାନ ସବୁଠୁ ଅଧିକ ପେଟ୍ରୋଲ ପମ୍ପ ଥିବା ଦେଶଙ୍କ ମଧ୍ୟରେ ୧ ନମ୍ବରରେ ରହିଛି ଆମେରିକା। ତା' ପଛକୁ ରହିଛି ଚୀନ୍। ଆମେରିକାରେ ବର୍ତ୍ତମାନ ୨୦୨୪ର ଏକ ରିପୋର୍ଟ ଅନୁସାରେ ୧,୯୬, ୬୪୩ ପେଟ୍ରୋଲ ପମ୍ପ ରହିଥିଲା। ସେବେଠାରୁ କିଛି ପମ୍ପ ବନ୍ଦ ମଧ୍ୟ ହୋଇଛି। ସେହିଭଳି ଗତ ବର୍ଷର ଏକ ରିପୋର୍ଟ ଅନୁସାରେ ଚୀନ୍‌ରେ ପେଟ୍ରୋଲ ପମ୍ପ ସଂଖ୍ୟା ୧, ୧୫, ୨୨୮ ଥିଲା। ୩୦,୦୦୦ରୁ ଅଧିକ ପମ୍ପ ସହ ଚୀନ୍ କମ୍ପାନୀ ଚାଇନା ପେଟ୍ରୋକେମିକାଲ୍ସ କର୍ପୋରେସନ (ସିନୋପେକ) ସହ ସେଠିକାର ସବୁଠୁ ବଡ଼ ରିଟେଲର । ହେଲେ ଭାରତର ଆଇଓସିର ନେଟଓ୍ୱର୍କ (୪୧, ୬୬୪) ସିନୋପେକଠାରୁ ମଧ୍ୟ ଅଧିକ ବଡ଼। ଦେଶରେ ପେଟ୍ରୋଲ ପମ୍ପ ନେଟଓ୍ୱର୍କ ଖୁବ୍ ଦ୍ରୁତ ଭାବରେ ବଢ଼ୁଛି। ୨୦୧୫ରେ ଭାରତରେ ମୋଟ ୫୦, ୪୫୧ ପେଟ୍ରୋଲ ପମ୍ପ ଥିଲା, ଯାହା ଏବେ ୨୦୨୫ ଶେଷ ସୁଦ୍ଧା ବଢ଼ି ୧ ଲକ୍ଷରୁ ଅଧିକ ହୋଇଛି। ଏହି ବିସ୍ତାରରେ ସରକାରୀ କମ୍ପାନିଙ୍କ ସହ ଘରୋଇ କମ୍ପାନି ମଧ୍ୟ ନିଜର ଯୋଗଦାନ ବଢ଼ାଇଛନ୍ତି। ଘରୋଇ କମ୍ପାନିଙ୍କ ମାର୍କେଟ ସେୟାର ୨୦୧୫ରେ କେବଳ ୫.୯% ଥିଲା। ଯାହା ଏବେ ବଢ଼ି ୯.୩% ହୋଇଛି।

### ଚୀନ୍‌ରୁ ଭାରତ ଆସିବ ରେୟାର ଆର୍ଥ ମ୍ୟାଗ୍ନେଟ୍

# ଭାରତୀୟ କମ୍ପାନୀଙ୍କୁ ଲାଇସେନ୍ସ ଦେଲା ଡ୍ରାଗନ୍

ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି): ଚୀନ୍ ଭାରତୀୟ କମ୍ପାନୀ ଏବଂ ଭାରତରେ କାର୍ଯ୍ୟରତ ବିଦେଶୀ କମ୍ପାନୀଗୁଡ଼ିକୁ ରେୟାର ଆର୍ଥ ମ୍ୟାଗ୍ନେଟ୍ (ଆର୍‌ଇଏମ୍‌ଏସ୍) ରପ୍ତାନି କରିବା ପାଇଁ ଲାଇସେନ୍ସ ପ୍ରଦାନ କରିବା ଆରମ୍ଭ କରିଛି। ସରକାରୀ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ ଏହି ଆବେଦନଗୁଡ଼ିକୁ ପ୍ରକ୍ରିୟାକରଣ ଏବଂ ଅନୁମୋଦନ କରିବା ଆରମ୍ଭ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଯୋଗାଣରେ ବାଧା କିଛି ସମୟ ଧରି ଭାରତୀୟ ଅଟୋମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଚିନ୍ତା ସୃଷ୍ଟି କରିଥିଲା, କିନ୍ତୁ ଏହା ଏବେ ଧୀରେ ଧୀରେ ଦୂର ହେବାରେ ଲାଗିଛି। ଲାଇସେନ୍ସ ପାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଜର୍ମାନ ଅଟୋ ଉପାଦାନ ନିର୍ମାତା କଣ୍ଟିନେଣ୍ଟାଲ ଏଜିର ଭାରତୀୟ ୟୁନିଟ୍ ଜୟ ଉଶିନ୍, ମହିନ୍ଦ୍ରା ଏବଂ ମାରୁତି ସୁଜୁକିର ବିକ୍ରେତା ଏବଂ ହୋଣ୍ଡା ସ୍କୁଟର ଏବଂ ମୋଟର ସାଇକେଲ ସାମିଲ୍।

ରେୟାର ଆର୍ଥ ମ୍ୟାଗ୍ନେଟ୍ ଅଟୋମୋବାଇଲ୍, ଇଲେକ୍ଟ୍ରୋନିକ୍ସ, ଚିକିତ୍ସା ଉପକରଣ ଏବଂ



ପ୍ରତିରକ୍ଷା ଶିଳ୍ପ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକ ବୈଦ୍ୟୁତିକ ଯାନ (ଇଭି) ଗୁଡ଼ିକରେ ସର୍ବାଧିକ ବ୍ୟବହୃତ ହୁଏ। ରେୟାର ଆର୍ଥ ମ୍ୟାଗ୍ନେଟ୍ ଉତ୍ପାଦନ ଏବଂ କ୍ଷମତା ଦୃଷ୍ଟିରୁ ଚୀନ୍ ବର୍ତ୍ତମାନ ବିଶ୍ୱରେ ସର୍ବାଗ୍ରେ। ଚୀନ୍ ଏପ୍ରିଲ ୪ରେ ଏହାର ରପ୍ତାନି ଉପରେ ନିଷେଧାଦେଶ ଲଗାଇଥିଲା, ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିଥିଲା। ବୈଦ୍ୟୁତିକ ଯାନରେ ମୁଖ୍ୟତଃ ରେୟାର ଆର୍ଥ ମ୍ୟାଗ୍ନେଟ୍ ସାମଗ୍ରୀ ବ୍ୟବହୃତ ହୁଏ। ନିଓଡିମିୟମ୍, ଡିସପ୍ରୋସିୟମ୍ ଏବଂ ଟେରବିୟମ୍ ଭଳି ଉପାଦାନରୁ ତିଆରି ଏହି ଚୁମ୍ବକଗୁଡ଼ିକ ମୋଟରଗୁଡ଼ିକୁ ଅନ୍ୟ ବିକଳ୍ପ ତୁଳନାରେ ଛୋଟ, ହାଲୁକା ଏବଂ ଅଧିକ ଦକ୍ଷ କରିଥାଏ, ଯାହା ଇଭିର ପରିସର ଏବଂ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ। ଏହା ବ୍ୟତୀତ, ଏହି ଧାତୁଗୁଡ଼ିକ ଇଭି ଏବଂ ଆସିଇ ଯାନରେ ବିଭିନ୍ନ ସିଷ୍ଟମରେ ସେନ୍ସରରୁ ପ୍ରଦର୍ଶନ ପର୍ଯ୍ୟନ୍ତ ବ୍ୟବହୃତ ହୁଏ। ରେୟାର ଆର୍ଥ ମ୍ୟାଗ୍ନେଟ୍‌ର ପ୍ରାୟ ୭୦% ଚୀନ୍‌ରେ ରହିଛି। ଆମେରିକା ସହିତ ବୃଦ୍ଧି ପାଉଥିବା ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଚୀନ୍ ସମ୍ପ୍ରତି ୭ଟି ମୂଲ୍ୟବାନ ଧାତୁ ରପ୍ତାନି ନିଷେଧ କରିଛି। ଏହି ସାମଗ୍ରୀଗୁଡ଼ିକ ଅଟୋମୋବାଇଲ୍, ସେମିକଣ୍ଡକ୍ଟର ଏବଂ ଏରୋସ୍ପେସ୍ ଶିଳ୍ପ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଆଜିର ରାଶିଫଳ

**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ।

**ବୃଷ:** ଦିନଟି ମିଶ୍ର ଫଳ ପ୍ରଦାନ କରିବ। କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ।

**ମିଥୁନ:** ଦିନଟି ଭଲରେ ଅତିବାହିତ ହେବ। ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଶୁଭ ସମ୍ବାଦ ମିଳିବ।

**କର୍କଟ:** ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ। କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ।

**ସିଂହ:** ଦାମ୍ପତ୍ୟ ଜୀବନ ଅନୁକୂଳ ରହିବ। କିଛି କ୍ଷେତ୍ରରେ ବାଧା ଉପୁଜିବ। କାଳୀ ମା'ଙ୍କ ପୂଜାର୍ଚ୍ଚନା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ବରିଷ୍ଠ କର୍ମଚାରୀଙ୍କ ସହଯୋଗ ମିଳିବ।

**କନ୍ୟା:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ।

**ତୁଳା:** ଦୂରସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରୁ ଲାଭ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଋଣ ସମସ୍ୟା ଦୂର ହେବ।

**ବିଛା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ଧନୁ:** ଦିନଟି ଭଲରେ କଟିବ। ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦିନଟିରେ ଖୁସି ରହିବେ। ବିବାହ ପ୍ରସ୍ତାବ ଆସିବ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପ୍ରେମ ଜୀବନରେ ତିକ୍ତତା ଦେଖା ଦେବ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିବେଶ ଲାଗି ଉତ୍ତମ ସମୟ। କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

## ଆଜିର ଇତିହାସ


- ୧୭୯୭ - ଲୋକପ୍ରିୟ ସାୟର୍ ତଥା ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଜନ୍ମ।
- ୧୮୨୨- ରସାୟନବିତ୍ ଲୁଇ ପାଶ୍ଚରଙ୍କ ଜନ୍ମ।
- ୧୯୩୯ - ତୁର୍କୀରେ ଭୂମିକମ୍ପ ଯୋଗୁଁ ୪୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୪୫-ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ(ଆଇଏମ୍ଏଫ୍)ର ସ୍ଥାପନା।
- ୧୯୭୯ - ସୋଭିଏତ୍ ସେନା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା।

## ଲିଫ୍ଟ ଭିତରେ କାଚ ଥାଏ କାହିଁକି



ଅଫିସ୍, ମଲ୍, ହସ୍ପିଟାଲ, ହୋଟେଲମାନଙ୍କରେ ଆଜିକାଲି ଲିଫ୍ଟ ବ୍ୟବସ୍ଥା ରହୁଛି। ଏହି ଲିଫ୍ଟଗୁଡ଼ିକ ଭିତରେ କାଚ ବା ମିରର୍ ଲାଗିଥାଏ। ଲିଫ୍ଟକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ଏଥିରେ ମିରର୍ ଲାଗିଥାଏ ବୋଲି ଅନେକ ଭାବନ୍ତି। ପ୍ରକୃତରେ ଏହାପଛରେ ଅନେକ କାରଣ ଅଛି। ହ୍ୱିଲଚେୟାର୍ ବ୍ୟବହାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲିଫ୍ଟ ଭିତରେ ପଛ ଆଡୁ ବାହାରିବା ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥାଏ। ଏପରି ଏକ ଛୋଟ କ୍ୟାବିନ୍‌ରେ ଜାଗା ବି ଖୁବ୍ କମ୍ ଥାଏ। ଏଭଳି ସ୍ଥିତିରେ ମିରର୍ ଖୁବ୍ ଆବଶ୍ୟକ ମନେହୁଏ। କାରଣ ମିରର୍‌ରେ କେବିନ୍ ଭିତର ସହ ବାହାରର ଦୃଶ୍ୟ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥାଏ। ଏହାଦ୍ୱାରା ଲିଫ୍ଟରୁ ବାହାରିବା ସହଜ ହୋଇଥାଏ। ଏହିପ୍ରକାରେ କାଚ ସୁରକ୍ଷିତ ଭାବେ ଯିବା ଆସିବାରେ ସାହାଯ୍ୟ କରେ। ଲିଫ୍ଟ ଭିତର ବନ୍ଦ ରହିବା ଓ ଛୋଟ ଜାଗା ହେତୁ ଅନେକ ଲୋକ ଏହା ଭିତରେ ରହି ବିଚଳିତ ହୋଇଥାନ୍ତି। କିଛି ଲୋକଙ୍କୁ ଏଭଳି ନିବୁଜ ସ୍ଥାନ ଭୟଭୀତ କରିଥାଏ। ଏଭଳି ସ୍ଥିତିରେ ମିରର୍ ଲାଗିଥିଲେ ଲିଫ୍ଟ ବଡ଼ ଦେଖାଯାଏ। ଯେତେବେଳେ ସ୍ଥାନ ବଡ଼ ଦେଖାଯାଏ, ଭୟ ଓ ବିଚଳିତ ହ୍ରାସ ପାଏ। ଏହି କାରଣ ଯୋଗୁଁ ଅଧିକାଂଶ ଲୋକ ମିରର୍ ଲାଗିଥିବା ଲିଫ୍ଟରେ ଯିବାକୁ ପସନ୍ଦ କରନ୍ତି। ଏହାବାଦ୍ ଲିଫ୍ଟରେ ଥିବା ମିରର୍ ହେଉଛି ଏକ ସୁରକ୍ଷା ଉପାୟ। ମିରର୍‌ରେ ଲିଫ୍ଟ ଭିତରର ପ୍ରତ୍ୟେକ କୋଣ ଦେଖାଯାଏ। ଏହାବାଦ୍ ପଛରେ କିଏ ଛିଡ଼ା ହୋଇଛି ନ ହୋଇଛି ଜଣାପଡ଼େ। ଯେତେବେଳେ ଲୋକେ ପରସ୍ପରକୁ ଦେଖିପାରନ୍ତି, ପରିବେଶ ଅଧିକ ସୁରକ୍ଷିତ ଓ ଭରସାଯୋଗ୍ୟ ହୋଇଥାଏ। କେହି କାହା ସହିତ ଧକ୍କା ମଧ୍ୟ ହୋଇ ନ ଥାନ୍ତି। ଅନ୍ୟପଟେ ଲିଫ୍ଟ ଭିତରେ ଯାତ୍ରା କିଛି ସେକେଣ୍ଡର ହୋଇଥାଏ। ତେଣୁ ଖାଲି ଲିଫ୍ଟର କାନ୍ଥକୁ ଦେଖିଲେ ଏଥିରେ ସମୟ ରହିଲା ଭଳି ଲାଗେ। ଏଭଳି ସ୍ଥଳେ ଲିଫ୍ଟର ଦର୍ପଣ ଏହି ବିରକ୍ତିକର ପରିସ୍ଥିତିକୁ ଦୂର କରେ। ସେହିପରି ଅନେକେ ଲିଫ୍ଟରେ ମିର୍‌ର ଲାଗିଥିବାରୁ ନିଜ ପୋଷାକ ଓ କେଶ ଆଦିକୁ ଦେଖି ସଜାଡ଼ି ପାରନ୍ତି।

## 'ଡନ୍ ୩'ରୁ ଓହରିଲେ ରଣବୀର !



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ଚଳଚ୍ଚିତ୍ର 'ଧୁରନ୍ଧର' ବକ୍ସ ଅଫିସ୍‌ରେ ଖୁବ୍ ଭଲ ପ୍ରଦର୍ଶନ କରିଛି। ଇତିମଧ୍ୟରେ ରଣବୀର, ଫରହାନ୍ ଅଖତର୍‌ଙ୍କ ଫିଲ୍ମ 'ଡନ୍ ୩'ର ଅଫର୍‌କୁ ପ୍ରତ୍ୟାଖ୍ୟାନ କରିଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ରଣବୀର ଏଥିରୁ ଓହରି ଯିବା ପରେ ଫରହାନ୍ ଏହି ଫିଲ୍ମକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେଇଥିବା କୁହାଯାଉଛି। ଅବଶ୍ୟ ଏନେଇ ରଣବୀର କି ଫରହାନ୍‌ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ରଣବୀରଙ୍କ 'ଧୁରନ୍ଧର' ହିଟ୍ ହେବା ପରେ ସେ ଏବେ ସଞ୍ଜୟ ଲୀଳା ଭଁସାଲି, ଲୋକେଶ କନଗରାଜ ଓ ଏଟ୍‌ଲି ଭଳି ଆଗଧାଡ଼ିର ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଇଚ୍ଛା କରିଛନ୍ତି। ସେହିଭଳି ଲଗାତାର ସେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଅଭିନୟ ନ କରି କିଛି ନୂଆ କରିବା ପାଇଁ ଇଚ୍ଛା କରିଛନ୍ତି। 'ଡନ୍ ୩'ରେ ରଣବୀରଙ୍କୁ ନୂଆ ଜେନେରେସନ୍‌ର ଡନ୍ ଭାବେ ଦେଖାଯାଇଥାନ୍ତା। ଏଥିରେ ରଣବୀରଙ୍କ ବିପକ୍ଷରେ କିଆରା ଆଡଭାନୀଙ୍କୁ ସାଇନ୍ କରାଯାଇଥିଲା। କିଆରା ଗର୍ଭବତୀ ଥିବାରୁ ସେ ଏଥିରୁ ଓହରି ଯାଇଥିଲେ। ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସାଇନ୍ କରାଯାଇଥିଲା। ସେହିଭଳି ଖଳନାୟକ ପାଇଁ ଫରହାନ୍, ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ଅଫର୍ ଦେଇଥିଲେ। ଉଭୟ ଅଭିନେତା ସେମାନଙ୍କ ଭୂମିକାରେ ଗୁରୁତ୍ୱ ନ ଥିବା ଅନୁଭବ କରି ଏଥିରୁ ଦୂରେଇ ଯାଇଥିଲେ। ଏବେ ରଣବୀର ଏଥିରୁ ଓହରି ଯିବା ପରେ ଏବେ ଏହି ଫିଲ୍ମକୁ ନେଇ ଅନିଶ୍ଚିତତା ଦେଖା ଦେଇଛି।

## ଝରଣାରେ ନିଆଁ

ସାଧାରଣତଃ ଝରଣାର ପାଣି ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ। ହେଲେ ବିଶ୍ୱରେ ଏମିତି କିଛି ଝରଣା ରହିଛି ଯାହାର ରଙ୍ଗ ବଦଳିଥାଏ। କାର୍ଲିଫର୍ଣ୍ଣିଆର ହର୍ସଟେଲ୍ ଫଲ୍ ଏଭଳି ଏକ ଝରଣା। ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏହି ଝରଣାର ପାଣିର ଧାର ଲାଲ୍ କମଳା ରଙ୍ଗ ହୋଇ ତଳକୁ ଖସିଥାଏ। ଆଗ୍ନେୟଗିରିର ଲାଭା ଯେଭଳି ତଳକୁ ଝରଣା ହୋଇ ଖସୁଛି ଏହା ସେଭଳି ଭ୍ରମ ସୃଷ୍ଟି କରିଥାଏ। ତେବେ ଏହି ଦୃଶ୍ୟ ଫେବୃଆରୀ ମାସର ଶେଷ ଦୁଇ ସପ୍ତାହରେ ଦେଖିବାକୁ ମିଳିଥାଏ। ଏହି ଦୃଶ୍ୟକୁ ଦେଖିବା ପାଇଁ ୟୋସେମାଇଟ୍ ଜାତୀୟ ଉଦ୍ୟାନରେ ଶହ ଶହ ପର୍ଯ୍ୟଟକ ଭିଡ଼ ଜମାଇଥାନ୍ତି। ଏହି ଝରଣା ୧୫୦୦ ଫୁଟ ଉଚ୍ଚରୁ ତଳକୁ ଖସିଥାଏ। ଏହାଏକ ଋତୁକାଳୀନ ଝରଣା। ୟୋସେମାଇଟ୍ ଘାଟିରେ ବରଫ ତରଳିବା ପରେ ଏହି ଝରଣାର ଜଳ ପ୍ରବାହିତ ହୋଇଥାଏ। ଫେବୃଆରୀ ମାସର ଶେଷ ଦୁଇ ସପ୍ତାହର ସଂଧ୍ୟା ସମୟରେ ଏହା ଆଗ୍ନେୟଗିରି ଭ୍ରମ ସୃଷ୍ଟି କରୁଥିବାରୁ ଏହାକୁ ଫାୟାରଫଲ୍ ମଧ୍ୟ କୁହାଯାଏ। ଏହି ପ୍ରାକୃତିକ ଦୃଶ୍ୟ ପ୍ରଥମେ ୧୯୭୩ ମସିହାରେ ଦେଖିବାକୁ ମିଳିଥିଲା। ତେବେ ଏଭଳି ଏକ ଦୃଶ୍ୟ ପାଇଁ ଠିକ୍ ସମୟରେ କିଛିଟା ଜିନିଷର ସଂଯୋଗ ହେବା ଜରୁରି। ଫେବୃଆରୀ ମାସ ମଧ୍ୟଭାଗରେ ଏଠାରେ ଠିକ୍ ସନ୍ଧ୍ୟା ସମୟରେ ଆଲୋକିତ ହୁଏ ଝରଣା। ସୂର୍ଯ୍ୟାସ୍ତ ସମୟରେ ଘୋଡା ଲାଞ୍ଜ ବା ହର୍ସଟେଲ ବୋଲାଉଥିବା ଝରଣାଟି ଏକ ରଙ୍ଗୀନ ରିବନ ପରି ଦେଖାଯାଏ। ଲାଗେ ଯେମିତି ଏହାର ଲାଞ୍ଜରେ କେହି ନିଆଁ ଲଗାଇ ଦେଇଛି। ଏହି ସମୟରେ ଝରଣାର ପାଣି ଆଗ୍ନେୟଗିରିରୁ ବାହାରିଥିବା ଲାଭା ଭଳି ଦେଖାଯାଇଥାଏ। ଏହି ଦୃଶ୍ୟ ଦେଖିବାକୁ ହେଲେ ସୂର୍ଯ୍ୟାସ୍ତ ସମୟରେ ପାଗ ନିର୍ମଳ ରହିବା ମଧ୍ୟ ଆବଶ୍ୟକ। ଏହାସହ ଝରଣାର ଜଳର ପ୍ରଭାବ ପ୍ରଖର ହେବା ଆବଶ୍ୟକ। ପ୍ରକୃତିର ଏଭଳି ଏକ ଆଶ୍ଚର୍ଯ୍ୟକୁ ଦେଖିବା ପାଇଁ ଏଠାରେ ସୂର୍ଯ୍ୟାସ୍ତ ସମୟରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଲାଗେ।



## ପ୍ରହେଳିକା

- ଗୋଟେ ମାଳରେ ବାରଟି ଫୁଲ
  ଥାଏ ସଜେଇ ହୋଇ
  ପ୍ରତିଟି ଫୁଲ ଅଟେ ଜରୁରି
  ଅଟେ ଆମରି ପାଇଁ
  ବର୍ଷରେ ଥରେ ସେହି ମାଳର
  ବଦଳିଯାଏ ରୂପ
  ପ୍ରତିଟି ଫୁଲ ପାଖୁଡ଼ା ତା'ର
  ଛାଡ଼ଇ ସ୍ମୃତି ଛାପ।

  ଉ-କ୍ୟାଲେଣ୍ଡର୍

- କି ସୁନ୍ଦର ଆହା ରଙ୍ଗ ବେରଙ୍ଗ
  କେଡ଼େ ଆଦରେ ଦିଅନ୍ତି ସାଙ୍ଗ
  କବିତା ହେଉ କି ହେଉ ସାଏରି
  ଲେଖି ଦେଉଥାନ୍ତି ସେଥିରେ ଭରି
  ବର୍ଷରେ ଥରୁଟେ ଚାହିଦା ତା'ର
  କେଉଁ ଦରବ ସେ ଏତେ ସୁନ୍ଦର।

  ଉ-ଅଭିବାଦନ ପତ୍ର (ଗ୍ରୀଟିଂସ୍ କାର୍ଡ)

- କେତେ ନୂଆ ରୂପ ରଙ୍ଗକୁ ନେଇ
  ବର୍ଷରେ ଥରୁଟେ ଆସୁଛି ସେହି
  ବଦଳି ଯାଉଛି ମସିହାଟିଏ
  ନାମଟି ତାହାର କହିବ କିଏ ?

  ଉ-ନୂଆବରଷ

- ବର୍ଷରେ ଥରେ ଏମିତି ଦିନ
  ଧରାକୁ ଆମ ଆସେ
  ଦିନ ଓ ମାସ ସାଥିରେ ବର୍ଷ
  ସବୁ ନୂତନ ଦିଶେ।
  ଡାଏରୀ ପୃଷ୍ଠା ବଦଳି ଯାଏ
  ବଦଳେ କ୍ୟାଲେଣ୍ଡର
  ଜାଣିଛ କିଏ ନାମଟି ତାର
  ଦିଅ ଥରେ ଉତ୍ତର।

  ଉ-ଜାନୁଆରୀ ପହିଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଯାଜପୁର।
ମୋ-୮୩୧୦୩୨୮୩୪୫





## ବିଦାୟ ଘେନନ୍ତୁ ବିଦାୟୀ ବର୍ଷ



ନିରଞ୍ଜନ ସାହୁ

ପୁରୁଣା ବରଷ ସରୁଛି
ନୂଆ ଆଗମନ କରୁଛି
ପୁରୁଣା ବର୍ଷର ସ୍ମୃତି ଚିହ୍ନ ସବୁ
ମନ ମାନସରେ ଭରୁଛି ।
ଯିଏ ଏବେ ଚାଲି ଯାଉଛି
ବହୁତ କଷ୍ଟ ସେ ପାଉଛି
ଦିନ ଥିଲା ଦିନେ ଆସିଥିଲା ସିଏ
ଯାହା କଥା ବିଶ୍ୱ ଗାଉଛି ।
କେତେ ଆଶା ସ୍ୱପ୍ନ ଆଣିକି
ଆସିଥିଲା ସିଏ ଜାଣିକି
କଅଣ ଦେଇଛି କଅଣ ନେଇଛି
ଯାଉଛି ସେ ମୁହଁ ହାଣିକି ।
ଗୋଟିଏ ବରଷ ରହିଲା
କେତେ ନୂଆକଥା କହିଲା
କେତେ ସେ ସହିଲା କେତେ ସେ ଦହିଲା
କେତେ ନିନ୍ଦା ସିଏ ବହିଲା ।
ଇତିହାସ ସାକ୍ଷୀ ରହିବ
ଦିନେ ତାହା କଥା କହିବ
ଭଲ କରିଥିଲେ ସୁନାମ ମିଳିବ
ଖରାପେ ଦୁର୍ନାମ ବହିବ ।
ପୁରୁଣା ବିଦାୟ କରିବା
ତାହାରି ଦୋଷ ନ ଧରିବା
ଯା' ହେବାର ଥିଲା ତାହା ତ ହୋଇଲା
ମନରେ ଦୁଃଖ ନ ଭରିବା ।
ଆସିବ ନୂତନ ବରଷ
ମନରେ ଭରିବ ହରଷ
ମନର କାମନା ପୂରଣ କରିବ
ନୂଆ ବର୍ଷ ହେବ ସରସ ।
ହେ ବିଦାୟୀ ବର୍ଷ ! ଯାଆନ୍ତୁ
ସୁଖରେ ଶାନ୍ତିରେ ଥାଆନ୍ତୁ
ଯେଉଁଠାରେ ଯାଇ ରହିବେ ସେଠାରେ
ସଭିଙ୍କ ଶରଧା ପାଆନ୍ତୁ ।

ନିହଲ ପ୍ରସାଦ, ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

## ସ୍ୱାଗତଂ ନବବର୍ଷ



ଗୋପୀନାଥ ଦାଶ

ପରିବର୍ତ୍ତନ ଅଟେ ପ୍ରକୃତି ନିୟମ
ପୁରୁଣା ଯାଇ ଆସେ ନୂଆ
ଗଡ଼ି ଚାଲିଥାଏ ସମୟ ଚକ ସେ
ଦେଖାଇ ନୂତନ ରାହା।
ଚାଲିଯିବ ଦୁଇ ହଜାର ପଚିଶି
ହୋଇବ ସବୁ ଅତୀତ
ସ୍ୱାଗତମ୍ ଦୁଇହଜାର ଛବିଶି
ଆଣିବ ସୁନ୍ଦର ଭବିଷ୍ୟତ ।
ଧରାକୁ ଆସିବ ତାଜା ବରଷଟେ
ରହିବ ଆମ ସାଥିରେ
ତା ସାଙ୍ଗରେ ଆମେ ବଢ଼ିବା ଆଗକୁ
କର୍ମ କରି ଉଲ୍ଲାସରେ ।
ନୂଆ ବରଷର ନୂତନ ପଞ୍ଜିକାଟି
ସଜେଇ ହେବ ଘରେ
ନବବର୍ଷର ଶୁଭେଚ୍ଛା ବାର୍ତ୍ତା
ଦିଆନିଆ ଆନନ୍ଦରେ।
ସଭିଙ୍କ ମନରେ ଉତ୍କଣ୍ଠା ଭରିଛି
ଆସୁଛି ନବୀନ ବରଷ
ଗାଁଠୁ ସହର ଝଲସି ଉଠୁଛି
ସଭିଙ୍କ ମନରେ ହରଷ।
ଆସରେ ପିଲାଏ ମିଳିମିଶି ସର୍ବେ
ପାଳିବା ନୂଆ ବରଷ
ଏକତା ବନ୍ଧନେ ବାନ୍ଧି ହୋଇ ଆମେ
ଗଢ଼ିବା ବିକଶିତ ଦେଶ।

ବରପାଲିପଡ଼ା, ବଲାଙ୍ଗିର
ମୋ-୬୩୭୧୮୦୫୦୭୦



# ସୁମନ

## ମନ ବଦଳିଲା





ସତ୍ୟନାରାୟଣ ପ୍ରଧାନ

ଆଗାମୀ ନୂଆବର୍ଷ ଉପଲକ୍ଷେ ସୋନୁ ତା' ସାଙ୍ଗମାନଙ୍କ ସହିତ ମିଶି ବଣଭୋଜିର ଆୟୋଜନ କରିଥିଲା। ପନିପରିବା ଆଉ ସଉଦା କିଣା ସରିଲା ଖାସି ମାଂସ ଲାଗି ଦୋକାନୀକୁ ଅଗ୍ରୀମ ଟଙ୍କା ମଧ୍ୟ ଦିଆ ସରିଥିଲା। ପର୍ଯ୍ୟାୟକ୍ରମେ ରୋଷେଇ ସରି ଯାଇଥିଲା ଦୋକାନୀର ଲୋକ ଜଣଙ୍କ ଦୀର୍ଘ ଘଣ୍ଟାଏ କାଳ ବିତି ଯାଇଥିଲେ ବି ମାଂସ ଦେବାରେ ବିଳମ୍ବ ହେବାରୁ ରାଗରେ ତା ପାଖକୁ ବିରକ୍ତ ହୋଇ ଧାଇଁ ଯାଇଥିଲେ। ସେ ଗାଁ ଲୋକ ହୋଇଥିବାରୁ ତା' ପାଖରେ ସେମାନେ ହାଜର ହୋଇଗଲେ । ଅନ୍ୟ ଦିନମାନଙ୍କ ଅପେକ୍ଷା ଗରାଖ ବେଶି ଥିବାରୁ ଶୀଘ୍ର ବିକ୍ରି ସରି ଯାଇଥିଲା । ଲୋକଟି ଦୋକାନ ବନ୍ଦ କରି ସିଧା ଘରକୁ ଯାଇ ମୁଣ୍ଡ ତଳକୁ କରି ବସିଥାଏ। ଆଖିରେ ତାର ଲୁହ ଟୋପାଗୁଡ଼ାକ ମାଟିରେ ଝରି ପଡୁଥିଲା । ସମସ୍ତେ ତାକୁ ଦେଖି ଆଶ୍ଚର୍ଯ୍ୟ, ଏପରି ବେପାର ନ କରି ଖାଲି ବସିବାର କାରଣ କିଛି ଜାଣିବାଟା ମୁସ୍କିଲ । ସେ ଘର ଭିତରକୁ ହାତ ହଲାଇ କିଛି ବୋଧେ ଦେଖିବାକୁ ସଙ୍କେତ କରୁଥିଲା । ଘର ଭିତର ଦୃଶ୍ୟ ଦେଖିଲା ପରେ ଆଖି ପିଛୁଳାକେ ସମସ୍ତେ ବାହାରକୁ ଚାଲି ଆସିଲେ । ଛୋଟ ପିଲା ଭଳି ଛେଳି ଛୁଆଟା ତା' ସ୍ତ୍ରୀ ହାତରୁ ପଖାଳ ଭାତ ମେଁ ମେଁ କରି ଖାଇ ଦେଉଥିଲେ । ଭଗବାନ ସେମାନଙ୍କୁ ଛୁଆଟିଏ ପାଇଁ ଲାଗି ଯେତେ ଡାକିଲେ ବି କୋଳ ଖାଲି ଥିଲା । ଦୋକାନୀ ପିଲାମାନଙ୍କୁ ଟିକେ ଅପେକ୍ଷା କର ବଇନା ନେଇଛି ମାନେ ନିଜର ପୋଷା ଛେଳି ହେଉ ନା କାହିଁକି ଦେବାକୁ ପଛାଇବି ନାହିଁ କହୁଥିଲା । ସେ ଛେଳି ଛୁଆଟିକୁ ବାହାରକୁ ଆଣି ପିଲାଙ୍କ ହାତରେ ଧରାଇ ଦେଲାବେଳେ ଦୁହେଁ ତାକୁ ଧରି ଭୋ ଭୋ କରି କାନ୍ଦୁଥିଲେ । ସୋନୁ ମନରେ କେଜାଣି କାହିଁକି ସେ ଦୁହିଁଙ୍କ ପ୍ରତି ଭାବନା ବଦଳି ଯାଇଥିଲା । ମଣିଷ ଆଉ ପଶୁ ଭିତରେ ଥିବା ସ୍ନେହ ବନ୍ଧନର ଡୋରକୁ ଛିଣ୍ଡାଇ ସାଙ୍ଗରେ ନେଇଯିବା ଭଲ ନୁହେଁ ଜାଣି ପାରିଲା । ଦୁନିଆରେ ମଣିଷଠାରୁ ପଶୁ ପକ୍ଷୀମାନେ ବେଶି ନିଜର ଆଉ ବଞ୍ଚିଥିବା ଯାଏ ସେମାନେ କେବେ ପାଖ ଛାଡ଼ି ଯାଆନ୍ତି ନାହିଁ ହୃଦୟଙ୍ଗମ କରୁଥିଲା । ସୋନୁ ଏଭଳି ପରିସ୍ଥିତିରେ ସାଙ୍ଗମାନଙ୍କୁ ସେଠାରୁ ଯିବା ପାଇଁ ଡାକି ଆଣିଲା। ଦୋକାନୀ ଜଣଙ୍କ ପାଖରେ ରଖିଥିବା ଅଗ୍ରୀମ ଟଙ୍କା ସୋନୁ ହାତକୁ ବଢ଼ାଇ ଖୁସି ମନରେ ଘର ଭିତରକୁ ଚାଲିଗଲେ।

ଜେନାପୁର, ଯାଜପୁର
ମୋ - ୯୧୭୮୩୧୩୬୪

## ତୁମ ଅଙ୍କା ତୁମ ଫଟୋ

















**ଦିବ୍ୟାଂଶ ମହାପାତ୍ର**
ୟୁକେଜି
କିଡ୍‌ଜି ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଲକ୍ଷ୍ମୀପ୍ରିୟା ଦାଶ**
ତୃତୀୟ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ୬
ଭୁବନେଶ୍ୱର



**ନବ୍ୟା**
ନବମ ଶ୍ରେଣୀ
ଡିପିଏସ୍
କାଟ୍ରା, ଜମ୍ମୁ କାଶ୍ମୀର



**ସ୍ୱାତିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର

## ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ

# ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର,୨୬।୧୨(ସମିସ)

ବେଙ୍ଗାଲୁରୁର ଅଲୁରଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫିର ଓଡ଼ିଶା ଦଳ ଚଳିତବର୍ଷ ପ୍ରଥମ ବିଜୟ ହାସଲ କରିଛି। ଫାଷ୍ଟ ବୋଲର ରାଜେଶ ମହାନ୍ତି ରାଜ୍ୟର ପ୍ରଥମ ବୋଲର ଭାବେ ହ୍ୟାଟ୍ରିକ୍ ସହ ୪ଟି ଓ ସମ୍ବିତ ବରାଳ ମଧ୍ୟ ୪ଟି ୱିକେଟ ନେବା ଫଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଓଡ଼ିଶା ୪ ୱିକେଟରେ ସର୍ଭିସେସ୍‌କୁ ପରାସ୍ତ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ସର୍ଭିସେସ୍ ୨୧.୫ ଓଭରରେ ୮୩ ରନ୍ କରିଥିଲା। ଜବାବରେ

- ହ୍ୟାଟ୍ରିକ୍ ନେବାରେ ରାଜେଶ ପ୍ରଥମ ଓଡ଼ିଆ
- ସମାନ ସ୍କୋରରେ ସର୍ଭିସେସ୍ ହରାଇଲା ପ୍ରଥମ ୪ ୱିକେଟ

ଓଡ଼ିଶା ୨୪.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇ ୨୫ ରନ୍‌ରେ ୪ଟି ୱିକେଟ ନେବା ଓ ଗୋଟିଏ ଛକା ସହ ୧୨ ରନ୍ କରିଥିବା ରାଜେଶ ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସୌରାଷ୍ଟ୍ର ନିକଟରୁ ୫ ୱିକେଟରେ ହାରିଥିବା ଓଡ଼ିଶା ତାହାର ତୃତୀୟ ମ୍ୟାଚ୍ ଆନ୍ଧ୍ରପ୍ରଦେଶ ସହ ସୋମବାର ଖେଳିବ।

ଅଲୁରଠାରେ ଥିବା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ ଗ୍ରାଉଣ୍ଡ-୩'ରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ଟସ୍ ଜିତିବା ପରେ ଘାସ ଥିବା ପିଚ୍‌ରେ ସର୍ଭିସେସ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ସର୍ଭିସେସ୍ ପ୍ରଥମେ ବ୍ୟାଟିଂ କରି ୬ ଓଭର ଶେଷ ଯାଏ କୌଣସି ୱିକେଟ ନ ହରାଇ ୨୧ ରନ୍ କରିଥିଲା। କିନ୍ତୁ ବୋଲିଂ ଓପନ କରିଥିବା ରାଜସୁନାଖଳାର ୨୫ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ରାଜେଶ ମହାନ୍ତି ସପ୍ତମ ଓଭରରେ ଖେଳର ମୋଡ ବଦଳାଇ ଦେଇଥିଲେ। ସେ ଏହି ଓଭରର ପ୍ରଥମ ୩ଟି ବଲ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାର ପ୍ରଥମ ହ୍ୟାଟ୍ରିକ୍ ବୋଲର ହୋଇଥିଲେ। ୨୧ ରନ୍‌ରେ ସର୍ଭିସେସ ପ୍ରଥମ ୩ଟି ୱିକେଟ ହରାଇଥିଲା। ସର୍ଭିସେସ୍ ଇନିଂସରେ ୭ମ ଓଭରର ପ୍ରଥମ ବଲ୍‌ରେ ସାଗର ଦହିଆ (୯)ଙ୍କୁ ବୋଲ୍ଡ, ଦ୍ୱିତୀୟ ବଲ୍‌ରେ



ରାଜେଶ ମହାନ୍ତି



ସମ୍ବିତ ବରାଳ

ଅମିତ ଶୁକ୍ଲା (୦) ଓ ତୃତୀୟ ବଲ୍‌ରେ ରବି ଚୋହାନ(୦)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ଏତିକିରେ ଦଳର ବିପଦ ଟଳି ନ ଥିଲା। ୮ମ ଓଭରର ଦ୍ୱିତୀୟ ବଲ୍‌ରେ ସମ୍ବିତ ବରାଳ ପ୍ରତିପକ୍ଷ ଓପନର ନୀତୀନ ତନୱର (୧୧)ଙ୍କୁ ବୋଲ୍ଡଆଉଟ କରିଦେଇଥିଲେ। ଦଳ ଏକଦା ବିନା ୱିକେଟରେ ୨୧ ରନ୍ କରିଥିଲାବେଳେ ୪ ୱିକେଟରେ ୨୧ ରନ୍‌ରେ ପହଞ୍ଚିଥିଲା। ପରେ ସେ ମୋହିତ ଅହଲାୱତ (୭) ଓ ୱିକେଟ ରକ୍ଷକ ନକୁଳ ଶର୍ମା (୦)ଙ୍କୁ ପାଭିଲିଅନ ଫେରାଇଦେଇଥିଲେ। ଅଧିନାୟକ ରଜତ ପାଲିୱାଲ (୨) ସମ୍ବିତଙ୍କର ଚତୁର୍ଥ ଶିକାର ବନିଥିଲେ। ଫଳରେ ୧୨ ଓଭର ସୁଦ୍ଧା ସର୍ଭିସେସ୍ ୩୫ ରନ୍‌ରେ ୭ ୱିକେଟ ହରାଇ ଇନିଂସରେ ଅର୍ଦ୍ଧଶତକ ପୂରଣ କରିବା କଷ୍ଟକର ମନେହୋଇଥିଲା। ଏହି ସମୟରେ ଗୋଟିଏ ପଟେ ଅର୍ଜୁନ ଶର୍ମା ଖୁଣ୍ଟ ଭଳି ଛିଡ଼ା ହୋଇଥିଲାବେଳେ ଅନ୍ୟପଟେ ପୁନମ ପୁନିଆ ୧୮ ବଲ୍‌ରୁ ୨ ଚୌକା ଓ ୨ ଛକା ସହ ଦ୍ରୁତ ୨୫ ରନ୍ କରିଥିଲେ। ଫଳରେ ଦଳ ୮୩ ରନ୍ କରିବାକୁ ସମର୍ଥ ହୋଇଥିଲା। ସର୍ଭିସେସ୍ ପକ୍ଷରୁ ୩ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଅର୍ଜୁନ ୧୩ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ଓ ସମ୍ବିତଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ବାଦଲ ବିଶ୍ୱାଳ ଗୋଟିଏ ୱିକେଟ ପାଇଥିଲାବେଳେ ନୀତୀନ ଯାଦବ ରନ୍‌ଆଉଟ ହୋଇଥିଲେ।

ଏଭଳି ପିଚ୍‌ରେ ୮୪ ରନ୍‌ର ଟାର୍ଗେଟ ହାସଲ କରିବା ଓଡ଼ିଶା ଲାଗି ଏତେ ସହଜ ନ ଥିଲା। ଏହି ଟାର୍ଗେଟକୁ ପିଛା କରି ବ୍ୟାଟିଂ କରିବା ପରେ ଦଳ ପ୍ରଥମ ଦୁଇ ଓଭରରେ ଦୁଇ ଓପନରଙ୍କୁ ହରାଇଥିଲା। ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ସ୍ୱସ୍ତିକ ୦ ଓ ଓମ୍ ଟି ମୁଣ୍ଡେ ୧ ରନ୍ କରିଥିଲେ। ତୃତୀୟ ୱିକେଟରେ ସନ୍ଦୀପ ପଟ୍ଟନାୟକ ଦଳର ସିନିଅର ବ୍ୟାଟର ଗୋବିନ୍ଦ ପୋଦ୍ଦାରଙ୍କ ସହ ୩୭ ରନ୍ ଉଠାଇ ଦଳକୁ ବିଜୟମୁଖେ ନେଇଯାଇଥିଲେ। ୩୨ ବଲ୍‌ରେ ଧୈର୍ଯ୍ୟପୂର୍ଣ୍ଣ ୧୧ ରନ୍ କରି ଗୋବିନ୍ଦ ଆଉଟ ହେବା ସମୟରେ ଓଡ଼ିଶା ୧୫ ରନ୍‌ରେ ଆଉ ୩ଟି ୱିକେଟ ହରାଇଥିଲା। ୫୫ ରନ୍‌ରେ ୫ମ ୱିକେଟ ପଡ଼ିବା ପରେ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ସନ୍ଦୀପ ପଟ୍ଟନାୟକ ଓ ରାଜେଶ ମହାନ୍ତି ୬ଷ୍ଠ ୱିକେଟର ଦ୍ରୁତ ୧୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଅଲରାଉଣ୍ଡର ରାଜେଶ ୧୩ ବଲ୍‌ରୁ ଗୋଟିଏ ଛକା ସହ ୧୨ ରନ୍‌ରେ ଆଉଟ ହୋଇ ସର୍ଭିସେସ୍ ବାମହାତୀ ଫାଷ୍ଟ ବୋଲର ପୁନମ ପୁନିଆଙ୍କ ଚତୁର୍ଥ ଶିକାର ବନିଥିଲେ। ଏହା ପରେ ସନ୍ଦୀପ ଓ ପ୍ରୟାସ ସିଂ ଠାକୁର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ସନ୍ଦୀପ ମାରାଥନ ୬୯ ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ସହ ସର୍ବାଧିକ ୩୨ ଓ ପ୍ରୟାସ ୮ ବଲ୍‌ରେ ୯ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ସର୍ଭିସେସ ପକ୍ଷରୁ ପୁନମ ପୁନିଆ ୪ଟି ଓ ନୀତୀନ ଯାଦବ ୨ଟି ୱିକେଟ ପାଇଥିଲେ।

### ରେଣୁକାଙ୍କୁ ୪ ୱିକେଟ, ଶେଫାଳିଙ୍କ ୭୯*ରନ୍

## ଭାରତର ଟି-୨୦ ସିରିଜ୍ କବ୍‌ଜା

ତିରୁଅନନ୍ତପୁରମ,୨୬।୧୨(ଏଜେନ୍ସି): ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରେଣୁକା ସିଂ ଠାକୁର (୪/୨୧) ଓ ଦୀପ୍ତି ଶର୍ମା (୩/୧୮)ଙ୍କ ଚମତ୍କାର ବୋଲିଂ ଏବଂ ଶେଫାଳି ବର୍ମାଙ୍କ ଅପରାଜିତ ୭୯ ରନ୍ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ମହିଳା ଟି-୨୦ରେ ଭାରତ ୮ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଚଳିତ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଆଉ ୨ଟି ମ୍ୟାଚ୍ ବାକିଥାଇ ଭାରତ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଏଠାରେ ଯଥାକ୍ରମେ ଡିସେମ୍ବର ୨୮ ଓ ୩୦ରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଭାରତୀୟ ବୋଲରଙ୍କ ଉଚିତ ମୁକାବିଲା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଇମେଶ ଦୁଲାନି ସର୍ବାଧିକ ୨୭ ହାସିନୀ ପରେରା ୨୫, କାଭିଶା ଦିଲହରୀ ୨୦ ଓ ୱିକେଟରକ୍ଷକ କୌସନି ନୁଥ୍ୟାଙ୍ଗନା ଅପରାଜିତ ୧୯ ରନ୍ କରିଥିଲେ। ଜବାବରେ ଭାରତ ୧୩.୨ ଓଭରରେ ସ୍ମୃତି ମନ୍ଧାନା (୧) ଓ ଜେମିମା ରୋଡ୍ରିଗ୍ସେଜ୍ (୯)ଙ୍କ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଶେଫାଳି ୪୨ ବଲ୍‌ରୁ ୧୧ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍ କରି ଅପରାଜିତ ରହିଥିଲେ। ଅଧିନାୟିକା ହରମନପ୍ରୀତ୍ କୌର ୨୧ ରନ୍‌ରେ ବ୍ୟାଟିଂ କରୁଥିଲେ।



### ଲିଷ୍ଟ-ଏ'ରେ ସର୍ବୋଚ୍ଚ ଆଭରେଜ

## ବିରାଟଙ୍କ ବିଶ୍ୱରେକର୍ଡ

ବେଙ୍ଗାଲୁରୁ, ୨୬।୧୨ (ଏଜେନ୍ସି): ଫର୍ମରେ ଥିବା ତାରକା ବ୍ୟାଟର୍ ବିରାଟ କୋହଲି ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ଦିଲ୍ଲୀ ୭ ରନରେ ଗୁଜରାଟକୁ ପରାସ୍ତ କରିଥିଲା। ୬୧ ବଲରେ ୭୭ ରନ କରିଥିବା କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଦୁଇଦିନ ତଳେ ଆନ୍ଧ୍ରପ୍ରଦେଶ ବିପକ୍ଷରେ କୋହଲି ୧୩୧ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏଥିସହ କୋହଲି ଆଉ ଏକ ବିଶ୍ୱରେକର୍ଡ ତାଙ୍କ ଜ୍ୱାଜ୍ୱଲ୍ୟମାନ କ୍ୟାରିୟରରେ ଯୋଡ଼ିଛନ୍ତି। ଲିଷ୍ଟ-ଏ କ୍ରିକେଟ୍‌ରେ ବିଶ୍ୱରେ ସର୍ବୋଚ୍ଚ ଆଭରେଜ ଥିବା ବ୍ୟାଟର୍ ହୋଇଛନ୍ତି କୋହଲି। କୋହଲି ବର୍ତ୍ତମାନ ଲିଷ୍ଟ-ଏ'ରେ ୩୪୩ଟି ମ୍ୟାଚ୍ ଖେଳି ୧୬,୧୩୦ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୫୮ଟି ଶତକ ଓ ୮୪ଟି ଅର୍ଦ୍ଧଶତକ ସାମିଲ ରହିଛି। ମ୍ୟାଚ୍ ପିଛା ତାଙ୍କ ଆଭରେଜ ୫୭.୮୭ ରହିଛି। କୋହଲି ଏହିକ୍ରମରେ ଅଷ୍ଟ୍ରେଲିଆ କିମ୍ବଦନ୍ତୀ ମାଇକେଲ ବେଭାନଙ୍କୁ ପଛରେ ପକାଇଛନ୍ତି। ଲିଷ୍ଟ-ଏ'ରେ ବେଭାନଙ୍କ ଆଭରେଜ ୫୭.୮୬ ରହିଛି।

## ତନ୍ୱୀଙ୍କୁ ପ୍ରଶଂସାରେ ପୋତିଲେ ସିନ୍ଧୁ

ଭୁବନେଶ୍ୱର, ୨୬।୧୨ (ସମିସ): ବିଜୟୱାଡାରେ ଚାଲିଥିବା ଜାତୀୟ ସିନିଅର ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ଯୁବ ତାରକା ତନ୍ୱୀ ପତ୍ରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚରେ ତନ୍ୱୀ ୨୧-୧୬, ୧୨-୨୧, ୨୨-୨୦ ଗେମରେ ଅଭିଜ୍ଞ ଖେଳାଳି ଆକର୍ଷୀ କାଶ୍ୟପଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟା ଆକର୍ଷୀ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୧୪ ବର୍ଷୀୟ ଓଡ଼ିଆ ସଟ୍‌ଲର ତନ୍ୱୀଙ୍କ ଏହି ପ୍ରଦର୍ଶନରେ ବେଶ୍ ପ୍ରଭାବିତ ହୋଇଛନ୍ତି ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ। ସୋସିଆଲ୍ ମିଡିଆରେ ଏକ ପୋଷ୍ଟ କରି ସିନ୍ଧୁ ଲେଖିଛନ୍ତି, 'ତନ୍ୱୀ ପତ୍ରି... ଆମେ କ'ଣ ଆମ ସାମ୍ନାରେ ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତର ଚେହେରାକୁ ଉଠିବାର ଦେଖୁଛୁ। ସେ ବେଙ୍ଗାଲୁରୁରେ ମୋ ସହ ଟ୍ରେନିଂ ନେଉଛନ୍ତି। ମୁଁ ସବୁବେଳେ ତାଙ୍କ ଖେଳ ଦେଖିବାକୁ ଭଲ ପାଏ। ହୁଏତ ମୁଁ ତାଙ୍କ ଭିତରରେ ମୋତେ ଦେଖୁଛି।' ତନ୍ୱୀ ଗତକାଲି ପ୍ରି-କ୍ୱାର୍ଟରରେ ଇଶାରାଣୀ ବରୁଆଙ୍କୁ ହରାଇଥିଲେ।



### ଆସେସ୍ ସିରିଜ୍: ଗୋଟିଏ ଦିନରେ ୨୦ଟି ୱିକେଟ ପତନ

## ଅଷ୍ଟ୍ରେଲିଆ-୧୫୨, ଇଂଲଣ୍ଡ-୧୧୦

ମେଲବୋର୍ଣ୍ଣ,୨୬।୧୨(ଏଜେନ୍ସି): ଅଷ୍ଟ୍ରେଲିଆ-ଇଂଲଣ୍ଡ ଚତୁର୍ଥ ଆସେସ ଟେଷ୍ଟରେ ଫାଷ୍ଟ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୨ ଓ ଇଂଲଣ୍ଡ ୧୧୦ ରନ୍‌ରେ ଅଲଆଉଟ ହୋଇଛି। ଏହା ଫଳରେ ଗୋଟିଏ ଦିନରେ ମୋଟ ୭୫.୧ ଓଭରରେ ୨୦ଟି ୱିକେଟର ପତନ ଘଟିଛି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ ଦିନରେ ସର୍ବାଧିକ ୱିକେଟ ପତନରେ ଏହା ଯୁଗ୍ମ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ୧୯୦୧-୦୨ ଆସେସ୍ ସିରିଜ୍‌ର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଗୋଟିଏ ଦିନରେ ସର୍ବାଧିକ ୨୫ଟି ୱିକେଟର ପତନ ହୋଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଉସ୍‌ମାନ ଖୱାଜା (୨୯) ଓ ଆଲେକ୍ସ କ୍ୟାରୀ (୨୦) ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍‌ର ପାର୍ଟନରସିପ୍ ସଂଗ୍ରହ କରିଥିଲେ। ଫାଷ୍ଟ ବୋଲର ମାଇକେଲ ନେସେର ସର୍ବାଧିକ ୩୫ ରନ୍ କରିଥିଲେ। ଯାହା ଫଳରେ ଦଳ ୪୫.୨ ଓଭରରେ ୧୫୨ ରନ୍ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ସର୍ବାଧିକ ୫ଟି ୱିକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୨୯.୫ ଓଭରରେ ୧୧୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୪୧, ଫାଷ୍ଟ ବୋଲର ଗସ ଆଟକିନସନ ୨୮ ଓ ଷ୍ଟୋକ୍ସ ୧୬ ରନ୍ କରିଥିଲେ। ରୁଟ ଖାତା ଖୋଲି ପାରି ନ ଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୪ ରନ୍ କରିଛି।

## ପ୍ରୀତିସ୍ମିତା, କାଳୁଚରଣଙ୍କୁ 'ଓସ୍‌ଜା' ପୁରସ୍କାର





ଭୁବନେଶ୍ୱର,୨୬।୧୨(ସମିସ): ଉଦୀୟମାନ ଭାରୋତ୍ତୋଳନାକାରୀ ପ୍ରୀତିସ୍ମିତା ଭୋଇ ଓ ପ୍ରଭାବୀ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀଙ୍କୁ ଚଳିତବର୍ଷର ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପୁରସ୍କାର ମିଳିବ। ପ୍ରୀତିସ୍ମିତାଙ୍କୁ ଓଡ଼ିଶାର ଶ୍ରେଷ୍ଠ ଖେଳାଳି ଓ କାଳୁଚରଣଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ପ୍ରଦାନ କରାଯିବ। ୨୦୨୬ ଜାନୁଆରୀ ୧୮ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ୨୫,୦୦୦ ଟଙ୍କା ଲେଖାଏଁ, ପ୍ରଶସ୍ତିପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପ୍ରୀତିସ୍ମିତା ବିଶ୍ୱ ଯୁବ ଭାରୋତ୍ତୋଳନରେ ବିଶ୍ୱରେକର୍ଡ କରି ଦେଶ ତଥା ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏସୀୟ ଯୁବ ଭାରୋତ୍ତୋଳନ ଓ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଏକାଧିକ ସ୍ୱର୍ଣ୍ଣପଦକ ଜିତି ସେ ତାଙ୍କ ସଫଳତାର ଧାରା ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ କ୍ରୀଡ଼ା ଓ ଯୁବସେବା ବିଭାଗରେ କୋଚ୍ ଭାବେ ୩ ଦଶନ୍ଧି ଧରି କାମ କରି ଡଜନେରୁ ଅଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା କାଳୁଚରଣ ଚୌଧୁରୀ ଏବେ ମଧ୍ୟ ହକି ନିଶାରେ ତିଷ୍ଠି ରହିଛନ୍ତି। ସେ ରାଉରକେଲାରେ ହକି ପ୍ରଶିକ୍ଷଣ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି। ଓସ୍‌ଜା ଏହି ପୁରସ୍କାର ୨୦୧୮ ରୁ ପ୍ରଦାନ କରିଆସୁଛି। ସେହି ବର୍ଷ ପୂର୍ଣ୍ଣିମା ହେମ୍ବ୍ରମ ଓ ଦେବ ସିଂ ଏବଂ ଗତବର୍ଷ ପ୍ରତ୍ୟାଶା ରାୟ ଓ ମହମ୍ମଦ୍ ସାହିଦ୍ ଜବାରଙ୍କୁ ଏହି ପୁରସ୍କାର ମିଳିଥିଲା।

### ସନ୍ତୋଷ ଟ୍ରଫି

## ଓଡ଼ିଶାର ହ୍ୟାଟ୍ରିକ୍ ବିଜୟ



କଟକ,୨୬।୧୨(ସମିସ)

୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଓଡ଼ିଶା ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ନାରାୟଣପୁରସ୍ଥିତ ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ-ଏଫ'ର ଶେଷ ଲିଗ୍‌ରେ ଓଡ଼ିଶା ୩-୧ ଗୋଲରେ ଘରୋଇ ଛତିଶଗଡକୁ ହରାଇଥିଲା। ଖେଳର ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରି ଓଡ଼ିଶା ଦବଦବା ଜାହିର କରିଥିଲା। ୩୨ତମ ମିନିଟରେ ଫରୱାର୍ଡ ଜିତୁ ମୁଦୁଲି ଏବଂ ୩୭ତମ ମିନିଟରେ ମିଡଫିଲ୍ଡର ଚନ୍ଦ୍ରମୋହନ ମୁର୍ମୁ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଦଳକୁ ଏକପାଖିଆ ଆଗୁଆ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟରେ ଛତିଶଗଡ ଗୋଟିଏ ଗୋଲ ସୁଝାଇଥିଲା। ଅଭିଷେକ କୁଞ୍ଜମଙ୍କ ଗୋଲ ବଳରେ ମ୍ୟାଚ୍ ସ୍ଥିତି ୨-୧ରେ ପହଞ୍ଚିଥିଲା। ହେଲେ ୬୪ତମ ମିନିଟରେ ଓଡ଼ିଶା ଅଧିନାୟକ କାର୍ତ୍ତିକ ହାନ୍ତାଳ ଦଳ ପାଇଁ ୩ୟ ଗୋଲ ସ୍କୋର କରି ପୁର୍ନବାର ମ୍ୟାଚକୁ ନିଜ କବଜାରେ ରଖିଥିଲେ। ଖେଳର ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଓଡ଼ିଶା ୩-୧ ଗୋଲରେ ବିଜୟୀ ହୋଇଥିଲା। ଲିଗ୍ ପର୍ଯ୍ୟାୟର ପୂର୍ବ ଦୁଇ ମ୍ୟାଚ୍‌ରେ ଓଡ଼ିଶା ମଧ୍ୟପ୍ରଦେଶକୁ ୪-୦ ଗୋଲରେ ଏବଂ ତେଲେଙ୍ଗାନାକୁ ୧-୦ ଗୋଲରେ ହରାଇଥିଲା।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

### ଏଆଇଏଫ୍‌ଏଫ୍ ଆୟୋଜନ କରିବ ଆଇଏସ୍‌ଏଲ୍

ନୂଆଦିଲ୍ଲୀ, ୨୬।୧୨: ଅନିଶ୍ଚିତତା ମଧ୍ୟରେ ରହିଥିବା ଆଇଏସ୍‌ଏଲ୍‌କୁ ବଞ୍ଚାଇ ରଖିବା ଲାଗି ଏଆଇଏଫ୍‌ଏଫ୍ ବଡ଼ ଯୋଜନା ପ୍ରସ୍ତୁତ କରିଛି। ନୂତନ ଭାବେ ଆଇଏସ୍‌ଏଲ୍‌କୁ ଆରମ୍ଭ କରିବାକୁ ଶୁକ୍ରବାର ଏଆଇଏଫ୍‌ଏଫ୍ ଗଠନ ପ୍ରସ୍ତାବ ଦେଇଛି। ନୂତନ ସମ୍ବିଧାନ ଅନୁଯାୟୀ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍ ମାଲିକାନାରେ ଓ ପରିଚାଳନରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଏହି ପ୍ରସ୍ତାବରେ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS